

396

# ମାନୁଷର
# ଜଗତୁ ଥିଲି କି ?

Pragati Mitra...

# ମନୁଷ୍ୟର ପୁନର୍ଜନ୍ମ ଅଛି କି?

ଅ/396
6.11.66

ହରିହର ପ୍ରସାଦ ମହାଲିକ

ସଂପାଦକ, 'ମନଗଞ୍ଜନ'

ଜଗନ୍ନାଥ ରଥ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦ ବିହାରୀ, କଟକ-୨

ଲେଖକ

**ହରିହର ପ୍ରସାଦ ମହାଲିକ**

ପ୍ରକାଶକ

**ଜଗନ୍ନାଥ ରଥ**

ବିନୋଦ ବିହାରୀ, କଟକ—୨

ପ୍ରଥମ ପ୍ରକାଶ – ଜାନୁଆରୀ, ୧୯୬୭

ମୂଲ୍ୟ

**ଏକଟଙ୍କା ପଚାଶ ପଇସା**

ମୁଦ୍ରାକର

**ତାରା ପ୍ରେସ୍**

କଟକ—୨

# ମନୁଷ୍ୟର ପୁନର୍ଜନ୍ମ ଅଛି କି ?

ମୃତ୍ୟୁପରେ ମନୁଷ୍ୟ କ'ଣ ଚିରଦିନ ପାଇଁ ବିଶ୍ୱବ୍ରହ୍ମାଣ୍ଡର ୍ୟ ଅନ୍ଧକାର ମଧ୍ୟରେ ବିସ୍ମୃତିର ଗର୍ଭରେ ଲୀନ ହୋଇଯାଏ ନା ୍ୟ ରୂପ ଗ୍ରହଣ କରି ପୁନର୍ବାର ଜନ୍ମଗ୍ରହଣ କରେ ? ଏ ପ୍ରଶ୍ନ ାମକାଳରୁ ପ୍ରତ୍ୟେକ ଦେଶ, ପ୍ରତ୍ୟେକ ସମାଜ ଓ ପ୍ରତି ବ୍ୟକ୍ତିର ରେ ସମୟେ ସମୟରେ ଜାଗ୍ରତ ହୁଏ । ମାତ୍ର ଏହାର କୌଣସି କ ଉତ୍ତର କେହି ପାଇ ପାରିନାହାନ୍ତି ଓ ଗୋଟିଏ ଧର୍ମ ଯେଉଁ ାଦକୁ ଗ୍ରହଣ କରି ନେଇଛି, ଅନ୍ୟ ଧର୍ମ ତାର ବିରୋଧ ଛି ।

ର୍ବାକ ମତବାଦୀ ବା ଯେଉଁମାନେ କେବଳ ପଞ୍ଚ ଇନ୍ଦ୍ରିୟରେ ାସ କରନ୍ତି, ସେମାନେ ମୃତ୍ୟୁ ପରେ ଜୀବନ ଶେଷ ହୋଇଯାଏ ଲି ଦୃଢ଼ମତ ପୋଷଣ କରନ୍ତି । ଏମାନେ ଆଧ୍ୟାତ୍ମବାଦ (Spiri-lism)ରେ ବିଶ୍ୱାସ କରନ୍ତି ନାହିଁ । କେବଳ ପଞ୍ଚ ଇନ୍ଦ୍ରିୟ ଦ୍ୱାରା କ ଉପଭୋଗ କରିଯାଇପାରେ ତାକୁ ବାସ୍ତବ ବୋଲି ଗ୍ରହଣ ନ୍ତି । ଏମାନେ ସବୁପ୍ରକାର ଅନ୍ୟାୟ ଓ ପାପକାର୍ଯ୍ୟ କରି ନିଜର ୃତ୍ତିଗୁଡ଼ିକ ଚରିତାର୍ଥ କରନ୍ତି; କାରଣ ଏମାନେ ମନେକରନ୍ତି ଯେ ପରେ ଜୀବନ-ରଙ୍ଗମଞ୍ଚର ଶେଷ ଯବନିକା ପତନ ହୋଇଯାଏ ।

ବିଭିନ୍ନ ଧର୍ମରେ ଏ ସମ୍ବନ୍ଧରେ ବିଭିନ୍ନ ମତ ରହିଛି । ମାଃ ବେଦାନ୍ତ ମତରେ ମୃତ୍ୟୁପରେ ମନୁଷ୍ୟର ଆତ୍ମା ଜୀବନକାଳ ସମସ୍ତ ଅଭିଜ୍ଞତା, ଚିନ୍ତାଧାରା, ବାସନା, ପ୍ରବୃତ୍ତି ସବୁ କିଛି ନିଜ ସହିତ ନେଇଯାଇ ଉପଯୁକ୍ତ ବାତାବରଣ ମଧ୍ୟରେ ପୁନଶ୍ଚ ଜନ୍ମଗ୍ରହଣ କରେ । ତାର ବ୍ୟକ୍ତିତ୍ୱ ବିଭିନ୍ନ ଜୀବନରେ ବାତାବରଣ, ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ନେଇ ବିଭିନ୍ନ ଭାବରେ ବିକାଶ ହୋଇଥାଏ ।

ଆମେ ପଞ୍ଚ ଇନ୍ଦ୍ରିୟ ଦ୍ୱାରା ଯେତିକି ବିଷୟ ଜାଣିପାରୁଛୁ, ଦେଖି ପାରୁଛୁ, ଶୁଣିପାରୁଛୁ, ଅନୁଭବ କରିପାରୁଛୁ, ଘ୍ରାଣ କରିପାରୁଛୁ, ତା ସବୁ କିଛି ନୁହେଁ । ଆମର ଜ୍ଞାନ ଓ ଅନୁଭବଶକ୍ତି ପଞ୍ଚ ଇନ୍ଦ୍ରିୟର ଶକ୍ତି ଦ୍ୱାରା ସୀମାବଦ୍ଧ । ଆମର ଯଦି ଷଷ୍ଠ ଇନ୍ଦ୍ରିୟ ବା ସପ୍ତମ ଇନ୍ଦ୍ରି ଥାଆନ୍ତା, ତେବେ ଆମେ ଆହୁରି ଅନେକ କିଛି ଜାଣିପାରନ୍ତୁ । ତେଣ ଆମର ସୀମାବଦ୍ଧ ଶକ୍ତି ମଧ୍ୟରେ ଆମେ ଯେତିକି ଜ୍ଞାନ ଆହରଣ କରୁଛୁ, ତା ଯେ ସର୍ବଶ୍ରେଷ୍ଠ, ତା ଭାବିବା ଅତ୍ୟନ୍ତ ନିର୍ବୋଧତାର ପରିଚାୟକ ।

ନିଦ୍ରାବସ୍ଥାରେ ଆମେ କି ପ୍ରକାର ଅନୁଭବ କରୁ ? ସେ ସ ଇନ୍ଦ୍ରିୟସବୁ ମୃତ ହୋଇଯାଆନ୍ତି । ଆମେ କେବଳ ଏକ ବେ ସ୍ୱପ୍ନରାଜ୍ୟରେ ବିଚରଣ କରୁ । ଠିକ୍ ସେହିପରି ଆମର ଶରୀରର ମୃତ୍ୟୁ ହୋଇଗଲେ ଆମେ ଏକ ବିଚିତ୍ର ସ୍ୱପ୍ନର ଯେଉ ବିଚରଣ କରୁ ବୋଲି ବେଦାନ୍ତ କହେ । ଏଇ ପୃଥିବୀ ବ୍ୟତୀତ ଅନ୍ୟ କେତେକ ଦୁନିଆଁ ରହିଛି ଯାହାକୁ ମୁନିଋଷିମାନେ ଦିବ୍ୟଦୃଷ୍ଟି ଦ୍ୱାରା ଅନୁଭବ କରିପାରନ୍ତି । ତେଣୁ ଚାର୍ବାକପନ୍ଥୀମାନେ ନିଜର ମୃତ୍ୟୁ

ଜ୍ଞାନ ଦ୍ୱାରା ମନୁଷ୍ୟର ମୃତ୍ୟୁ ପରେ ଜୀବନ ନାହିଁ ବୋଲି କହିବା ଅତ୍ୟନ୍ତ ଅଯୌକ୍ତିକ ଓ ଅସଙ୍ଗତ ।

ଏ ପୃଥିବୀର ସ୍ଥିତି ଆମକୁ ଜଣାଯାଏ କେବଳ ପଞ୍ଚ ଇନ୍ଦ୍ରିୟର ଶକ୍ତିଦ୍ୱାରା । ଗୋଟିଏ ଅନ୍ଧ ଲୋକ ପକ୍ଷରେ ଏ ପୃଥିବୀର ସ୍ଥିତି ଭିନ୍ନ ପ୍ରକାରର, କାରଣ ସେ ୪ଟି ଇନ୍ଦ୍ରିୟ ଦ୍ୱାରା ପୃଥିବୀର ସ୍ଥିତିକୁ ଅନୁଭବ କରେ । ଯେଉଁ ବ୍ୟକ୍ତିର ଷଷ୍ଠ ଶକ୍ତି (Sixth Sence) ଅଛି, ସେ ସାଧାରଣ ମନୁଷ୍ୟଙ୍କ ଅପେକ୍ଷା ଅଧିକ ଜାଣିପାରେ ଓ ଅନୁଭବ କରିପାରେ । ସେହିପରି ମୃତ୍ୟୁ ପରେ ଆମର ପଞ୍ଚ ଇନ୍ଦ୍ରିୟ ଶକ୍ତି ଲୋପ ପାଇଗଲେ ମଧ୍ୟ ଏକ ପ୍ରକାର ଅଶରୀରୀ ଶକ୍ତି ଯାହାକୁ 'ଆତ୍ମା' କୁହାଯାଏ, ତା ଦ୍ୱାରା ଆମେ ଏକ ଭିନ୍ନ ଦୁନିଆଁର ସ୍ଥିତିକୁ ଅନୁଭବ କରୁ । ଏହି ଅନୁଭୂତିକୁ କର୍ମଫଳ ଅନୁଯାୟୀ ସ୍ୱର୍ଗ ବା ନର୍କଭୋଗ ବୋଲି କୁହାଯାଏ ।

ଭଗବତ୍ ଗୀତାରେ ମଧ୍ୟ ଶ୍ରୀକୃଷ୍ଣ କହିଛନ୍ତି, ମନୁଷ୍ୟର ଆତ୍ମାକୁ ଧ୍ୱଂସ କରାଯାଇ ନ ପାରେ । ଖଣ୍ଡା ଏହାକୁ ହାଣି ପାରିବ ନାହିଁ, ଅଗ୍ନି ଏହାକୁ ଜାଳି ପାରିବ ନାହିଁ, ପବନ ଏହାକୁ ଶୁଖାଇ ପାରିବ ନାହିଁ, ପାଣି ଏହାକୁ ସ୍ପର୍ଶ କରି ପାରିବ ନାହିଁ । ଏହା ଅମର ଓ ଜନ୍ମମୃତ୍ୟୁବିହୀନ । ଆମେ ଆମର ଜୀବନକାଳ ମଧ୍ୟରେ ଯେପରି ଆମର ଶିଶୁ ଶରୀର, କିଶୋର ଅବସ୍ଥାର ଶରୀର, ଯୌବନ ଅବସ୍ଥାର ଶରୀର ଓ ପ୍ରୌଢ଼ ଅବସ୍ଥାର ଶରୀରର ମୃତ୍ୟୁ (ପରିବର୍ତ୍ତନ)କୁ ସହ୍ୟକରି ନିଜର ନିଜତ୍ୱ (Individuality)କୁ ବଜାୟ ରଖୁ, ଠିକ୍ ସେହିପରି ବୃଦ୍ଧ ଶରୀରର ମୃତ୍ୟୁ ପରେ ମଧ୍ୟ ଆମର ନିଜତ୍ୱ ଅନ୍ୟ ଏକ ପ୍ରକାର ସ୍ତରରେ ବଜାୟ ରହିଥାଏ । ନିଜର ଅପୂରନ୍ତ

ବାସନା ଚରିତାର୍ଥ କରିବାକୁ ଓ ମନୁଷ୍ୟକୁ ଅଧିକ ପରିମାର୍ଜିତ କରିବାକୁ ଏହା ପୁନଶ୍ଚ ଉପଯୁକ୍ତ ବାତାବରଣ ମଧ୍ୟରେ ଜନ୍ମଗ୍ରହଣ କରିଥାଏ ।

ଯେଉଁମାନେ ଏ ମତବାଦର ବିରୋଧ କରନ୍ତି, ସେମାନେ କହିପାରିବେ କି ମନୁଷ୍ୟ କାହିଁକି ଜନ୍ମଗ୍ରହଣ କରେ ଓ କାହିଁକି ମୃତ୍ୟୁ ମୁଖରେ ପତିତ ହୁଏ ? କିମ୍ବା କୌଣସି କାରଣ ନ ଥାଇ ମନୁଷ୍ୟ ଜନ୍ମଗ୍ରହଣ କରେ ? ଏହାକୁ ବିଜ୍ଞାନ କେବେହେଲେ ସମର୍ଥନ କରି ନ ପାରେ । କାରଣ (cause) ନ ଥାଇ କୌଣସି କର୍ମ (effect) ସମ୍ଭବ ନୁହେଁ । କ୍ରିୟା ଓ ପ୍ରତିକ୍ରିୟା (Action & Reaction) କାରଣ ଓ କର୍ମ (cause & effect) ପରସ୍ପର ନିର୍ଭରଶୀଳ । ତେଣୁ ବୈଜ୍ଞାନିକ ବିଶ୍ଳେଷଣ କରି ଦେଖିଲେ ଜଣାଯିବ ଯେ ମନୁଷ୍ୟର ଜନ୍ମ ଓ ମୃତ୍ୟୁ କୌଣସି କାରଣ ନ ଥାଇ କେବେହେଲେ ସମ୍ଭବ ହୋଇ ନ ପାରେ ।

ହିନ୍ଦୁଧର୍ମ ପୁନର୍ଜନ୍ମରେ ଦୃଢ଼ ବିଶ୍ୱାସ କରେ; କାରଣ ଏହା ବିଜ୍ଞାନସମ୍ମତ । ମନୁଷ୍ୟ ନିଜର ଚିନ୍ତାଧାରା ଓ କର୍ମଫଳ ଦ୍ୱାରା ନିଜର ଭବିଷ୍ୟତ ଜୀବନର ଭାଗ୍ୟ ପ୍ରସ୍ତୁତ କରିଥାଏ । ସ୍ୱର୍ଗ ବା ନର୍କ କେବଳ ଆମର ମାନସିକ ସ୍ତରରେ ଏକ ପରିକଳ୍ପନା । ମନୁଷ୍ୟ ସତ୍‌କର୍ମ କଲେ ସ୍ୱର୍ଗବାସ କରେ ଓ ମନ୍ଦକର୍ମ କଲେ ନର୍କ ଭୋଗ କରେ । ପ୍ରକୃତ ପକ୍ଷେ ସ୍ୱର୍ଗ ବା ନର୍କ ବୋଲି କୌଣସି ସ୍ଥାନ ନାହିଁ । ଏହା ମନୁଷ୍ୟର ମାନସିକ ସ୍ତରରେ ହିଁ ହୋଇଥାଏ । ମୃତ୍ୟୁ ପରେ ମଧ୍ୟ ମନୁଷ୍ୟର ଆତ୍ମା ସବୁ କିଛି ଅନୁଭବ କରିପାରେ; ମାତ୍ର ଇନ୍ଦ୍ରିୟ ଅଭାବରୁ କିଛି ଉପଭୋଗ କରିପାରେ ନାହିଁ । ଏ ଅବସ୍ଥାରେ ତାର

ଯଦି ସଂସାର ପ୍ରତି ଅନ୍ତରକ୍ତ ଆକର୍ଷଣ ଥାଏ, ସେ ଅଶରୀରୀ ଆତ୍ମା ସଂସାରରେ ଘୂରି ବୁଲେ; ମାତ୍ର ନିଜର ଇଚ୍ଛା ଶରୀର ଅଭାବରୁ ପୂରଣ କରି ନ ପାରି ଅତ୍ୟନ୍ତ କଷ୍ଟଭୋଗ କରେ। ଯେଉଁ ଆତ୍ମାର ସଂସାର ପ୍ରତି ଅନ୍ତରକ୍ତ ଆକର୍ଷଣ ନ ଥାଏ, ସେ ଅନ୍ୟ ଏକ ଦୁନିଆରେ ଘୂରି ବୁଲେ।

ଏଇ ମହାଶୂନ୍ୟରେ ବହୁ ପ୍ରକାର ଦୁନିଆଁ ରହିଛି। ଆମେ ପଞ୍ଚ ଇନ୍ଦ୍ରିୟ ଦ୍ୱାରା ଯେତିକି ଜାଣିପାରୁଛୁ, ତାକୁ ଆମେ ବିଶ୍ୱବ୍ରହ୍ମାଣ୍ଡ ବୋଲି କହୁଛୁ। ଅନ୍ୟ ଏକ ପ୍ରକାର ଦୁନିଆଁକୁ ଆମେ ଅନ୍ୟ କୌଣସି ବିଶେଷ ଶକ୍ତିଦ୍ୱାରା ଦେଖିବାକୁ ସମର୍ଥ ହୋଇପାରିବୁ। ବେତାର ଯନ୍ତ୍ରର କାର୍ଯ୍ୟକଳାପ କଥା ଉଦାହରଣ ସ୍ୱରୂପ ନିଆଯାଉ। ସମ୍ବାଦ ପ୍ରେରଣକାରୀ ଯନ୍ତ୍ର (**transmitting station**)ରେ କେତେଗୁଡ଼ିଏ ବିଭିନ୍ନ ତରଙ୍ଗ (**fr**e**quency**) ଯୋଗେ ସମ୍ବାଦ ବା ସଙ୍ଗୀତ ପରିବେଷଣ କରାଯାଇ ମହାଶୂନ୍ୟରେ ବୈଦ୍ୟୁତିକ ଶକ୍ତିଦ୍ୱାରା ଛାଡ଼ି ଦିଆଯାଏ। ଯେଉଁ ଗ୍ରହଣକାରୀ ଯନ୍ତ୍ର (**receiver**)ର ଶକ୍ତି ଯେତେ, ସେ ସେଇ ନିର୍ଦ୍ଦିଷ୍ଟ ତରଙ୍ଗରୁ ସମ୍ବାଦ ଓ ସଙ୍ଗୀତର କାର୍ଯ୍ୟକ୍ରମ ମହାଶୂନ୍ୟରୁ ଗ୍ରହଣ କରିବାକୁ ସମର୍ଥ ହୁଏ। ଗୋଟିଏ ମଧ୍ୟମ ଧରଣର ତରଙ୍ଗ ଧରିବା ନିମନ୍ତେ ଉଦ୍ଦିଷ୍ଟ ରେଡ଼ିଓ (**Medium Wave Receiver**) ଶକ୍ତିଶାଳୀ କ୍ଷୁଦ୍ର ତରଙ୍ଗରେ (**Short Wave**) ପ୍ରସାରିତ ହେଉଥିବା କାର୍ଯ୍ୟକ୍ରମକୁ ଗ୍ରହଣ କରି ପାରେନାହିଁ।

ଠିକ୍ ସେହିପରି ମନୁଷ୍ୟ ନିଜର ସୀମାବଦ୍ଧ ଶକ୍ତି ଓ ପଞ୍ଚ ଇନ୍ଦ୍ରିୟ ଦ୍ୱାରା ଯେତିକି ଜାଣିପାରେ, ତାକୁ ସବୁ କିଛି ବୋଲି କହି ଗର୍ବ

ଅନୁଭବ କରିବା ନିର୍ବୋଧତା ମାତ୍ର । ଦୁନିଆଁର କର୍ମଜଞ୍ଜାଳରେ ବ୍ୟସ୍ତ ରହି, ଭୋଗବିଳାସ ଓ ଆମୋଦପ୍ରମୋଦରେ ମାତି ରହି ମନୁଷ୍ୟ ହୁଏତ କେତେକ ସମୟ ପାଇଁ ମୃତ୍ୟୁ ବିଷୟ ଭୁଲି ଯାଇପାରେ । ମାତ୍ର ଯେତେବେଳେ ତାର କେହି ଆତ୍ମୀୟ-ସ୍ୱଜନ ମୃତ୍ୟୁମୁଖରେ ପତିତ ହୁଅନ୍ତି, ସେତେବେଳେ ସେ ଚିନ୍ତିତ ହୋଇପଡ଼େ ଓ ନିଜର ମୃତ୍ୟୁ ବିଷୟ ଚିନ୍ତା କରି ବିବ୍ରତ ହୁଏ । ମଦ୍ୟପାନ କରି, ଇନ୍ଦ୍ରିୟ ସୁଖରେ ବୁଡ଼ି ରହି ସେ ସବୁ ଭୁଲିଯିବାକୁ ଚେଷ୍ଟା କରେ; ମାତ୍ର ମୃତ୍ୟୁ ବିଷୟ ମନକୁ ଆସିବା ମାତ୍ରେ ସେ ପୁଣି ବିବ୍ରତ ହୁଏ ।

ଜାଗ୍ରତ ଅବସ୍ଥା (consciousness) କେବେହେଲେ ସାଂସାରିକ ଦ୍ରବ୍ୟରୁ ଉତ୍ପତ୍ତି ହୋଇ ନ ପାରେ । ଯେଉଁମାନେ କୁହନ୍ତି ମସ୍ତିଷ୍କ ହେଉଛି ମନୁଷ୍ୟର ମନ, ଆତ୍ମା ଓ ସବୁ କିଛି, ସେମାନେ ଗୋଟିଏ କଥା ବୁଝନ୍ତି ନାହିଁ ଯେ ଯାହା ପରିବର୍ତ୍ତନଶୀଳ ତା କେବଳ ଅପରିବର୍ତ୍ତନୀୟ ସହିତ ତୁଳନା କରାଯାଇପାରେ । ଆମର ଶିଶୁ ଅବସ୍ଥାରେ ଆମର ଶରୀର ଓ ମନର ଅବସ୍ଥା ଯାହାଥିଲା, କୈଶୋର ଅବସ୍ଥାରେ ତା ସମ୍ପୂର୍ଣ୍ଣ ବଦଳି ଯାଏ; ପୁଣି ଯୌବନ ଅବସ୍ଥାରେ ତାହା ଆହୁରି ବଦଳିଯାଏ ଏବଂ ପ୍ରୌଢ଼ ଅବସ୍ଥାରେ ତା ସମ୍ପୂର୍ଣ୍ଣ ବଦଳିଯାଏ । ମାତ୍ର ଆମର "ମୁଁ" ଜ୍ଞାନ ବଦଳେ ନାହିଁ । ଶରୀରର ପ୍ରତ୍ୟେକ କୋଷ (Cell & tissues) ଏପରି କି ମସ୍ତିଷ୍କ ମଧ୍ୟ ବଦଳୁଥାଏ; ମାତ୍ର ଯାହା ଅପରିବର୍ତ୍ତନୀୟ, ତାହା ଯୋଗୁ ଆମେ ଏତେ ପରିବର୍ତ୍ତନ ମଧ୍ୟରେ ନିଜର ନିଜତ୍ୱ (individuality) ରକ୍ଷା କରିପାରୁ । ତା କଣ ? ତା ମନ ନୁହେଁ, କାରଣ ମନର ଅବସ୍ଥା ସଦା ସର୍ବଦା ପରିବର୍ତ୍ତନଶୀଳ । ମସ୍ତିଷ୍କ ମଧ୍ୟ ନୁହେଁ, କାରଣ ମସ୍ତିଷ୍କର

ମଧ୍ୟ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ପରି ସର୍ବଦା ପରିବର୍ତ୍ତିତ ହେଉଥାଏ ।

ତେଣୁ ଏପରି ଏକ ଅଦୃଶ୍ୟ ପଦାର୍ଥ ବା ସୂକ୍ଷ୍ମଶରୀର ରହିଛି, ଯାହା ଅପରିବର୍ତ୍ତନୀୟ । ତାହା ହିଁ ହେଉଛି ଆତ୍ମା — ମନୁଷ୍ୟର ସମସ୍ତ କର୍ମର ନୀରବ ଦର୍ଶକ । ଏହା ମନୁଷ୍ୟର ଜୀବନୀଶକ୍ତିର ମୂଳ ଆଧାର । ଏହା ଯଦି ଶରୀରକୁ ତ୍ୟାଗକରେ, ତେବେ ଶରୀର ନିଷ୍ପନ୍ଦ ଓ ଜଡ଼ ହୋଇ ପଞ୍ଚଭୂତରେ ମିଶିଯାଏ । ପୂର୍ବଜନ୍ମର ସମସ୍ତ କର୍ମଫଳ ଶରୀର ଦ୍ୱାରା ଭୋଗ ହୋଇ ସାରିବା ପରେ ଆତ୍ମା ଯେତେବେଳେ ଦେଖେ ଯେ ଏ ଶରୀର ଅକାମୀ ହୋଇ ଯାଇଛି, ସେତେବେଳେ ତାହା ପୁରୁଣା ଶରୀରକୁ ତ୍ୟାଗ କରି ଏ ଜନ୍ମର କର୍ମଫଳ ଭୋଗ କରାଇବା ନିମନ୍ତେ ଏକ ନୂତନ ଶରୀରରେ ପ୍ରବେଶ କରେ ।

ଏହି ଆତ୍ମାକୁ 'ପ୍ଲାନ୍‌ଚେଟ' ଦ୍ୱାରା ଡକାଯାଇ ତା ସହିତ ଯୋଗସୂତ୍ର ରଖାଯାଇପାରେ । ତେଣୁ ଆତ୍ମାର ସ୍ଥିତିକୁ କୌଣସି-ମତେ ଅସ୍ୱୀକାର କରାଯାଇ ନ ପାରେ । ଆମେ ପଞ୍ଚ ଇନ୍ଦ୍ରିୟ ଦ୍ୱାରା କେବଳ ସ୍ଥୂଳପଦାର୍ଥଗୁଡ଼ିକ (ଯାହାର ଆକାର, ବର୍ଣ୍ଣ ଇତ୍ୟାଦି ଅଛି) ଦେଖିପାରୁ, ମାତ୍ର ସୂକ୍ଷ୍ମଶରୀର ବା ଯାହାର ଆକାର, ବର୍ଣ୍ଣ ନାହିଁ ତାକୁ ଦେଖିପାରୁ ନାହିଁ । ବାୟୁ, ବିଦ୍ୟୁତ ତରଙ୍ଗ, ବେତାର ତରଙ୍ଗ, ରଞ୍ଜନରଶ୍ମି (infra-read rays) ଏଗୁଡ଼ିକ କଣ ଆମେ ଦେଖିପାରୁ କି ? ତେବେ ତାର ଅସ୍ତିତ୍ୱ କପରି ଜାଣୁ ? ଆମେ ତାହାକୁ ଅନୁଭବ କରିପାରୁ, କାରଣ ତାଦ୍ୱାରା ପରିଚାଳିତ କାର୍ଯ୍ୟ ଯେତେବେଳେ ଆମେ ଦେଖୁ, ଆମେ ସେ ଅଦୃଶ୍ୟ ଶକ୍ତିର ଅସ୍ତିତ୍ୱ ସ୍ୱୀକାର କରିବାକୁ

ବାଧ ହେଉ । ଠିକ୍ ସେହିପରି ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ ।

ସେଥିପାଇଁ ପୃଥିବୀର ପ୍ରାଚୀନତମ ଧର୍ମଗ୍ରନ୍ଥ ବେଦାନ୍ତ ଦୃଢ଼ ମତ ପୋଷଣ କରେ ଯେ ଜନ୍ମ ହେଲେ ହିଁ ମୃତ୍ୟୁ ସୁନିଶ୍ଚିତ । ମୃତ୍ୟୁ ହେଲେ ହିଁ ପୁନର୍ଜନ୍ମ ସୁନିଶ୍ଚିତ । ମାତ୍ର ଜନ୍ମମୃତ୍ୟୁର ଏଇ ଆବର୍ତ୍ତନ ମଧ୍ୟରେ ଆତ୍ମା ହେଉଛି ଅମର ଓ ଅପରିବର୍ତ୍ତନୀୟ । ଏହା ଯେଉଁ ପ୍ରକାର ଆକାର ଗ୍ରହଣ କରିବାକୁ ଚାହେଁ, ସେ ପ୍ରକାର ରୂପ ଗ୍ରହଣ କରିଥାଏ । ଆମର ଇଚ୍ଛାଶକ୍ତି ଓ କାମନା ଆମର ବାହ୍ୟ ରୂପର କାରଣ । ଆମର ପ୍ରତ୍ୟେକଟି କାର୍ଯ୍ୟ, ପ୍ରତ୍ୟେକଟି ଚିନ୍ତା, ପ୍ରତ୍ୟେକ ଇଚ୍ଛା ଆମର ଭବିଷ୍ୟତ ଜୀବନକୁ ରୂପରେଖ ଦେଇଥାଏ । ବେଦାନ୍ତ ସ୍ୱର୍ଗ ବା ନର୍କ ସମ୍ବନ୍ଧେ ଅଯଥା ବିବ୍ରତ ହୁଏ ନାହିଁ । ସ୍ୱର୍ଗ ବା ନର୍କ କେବଳ ଆମର ମାନସିକ ସ୍ତରରେ ଏକ ପରିକଳ୍ପନା ମାତ୍ର ।

## ମୃତ୍ୟୁର ପ୍ରହେଳିକା

ପୃଥିବୀରେ ପ୍ରତିବର୍ଷ ୪୦୦ ଲକ୍ଷ ଲୋକ ମୃତ୍ୟୁମୁଖରେ ପତିତ ହେଉଥିବା ସତ୍ତ୍ୱେ ପ୍ରତ୍ୟେକ ଲୋକ ଭାବନ୍ତି ଯେ ସେ ମରିବେ ନାହିଁ । ଏଇ ବଞ୍ଚିବାର ଯେଉଁ ପ୍ରବଳ ଇଚ୍ଛା ତାହା ହିଁ ଆମର ପୂର୍ବବର୍ତ୍ତୀ ସମସ୍ତ ଜନ୍ମର ସଂସ୍କାରର ଫଳ ଓ ଏଇ ଇଚ୍ଛା ଯୋଗୁଁ ଆମେ ମୃତ୍ୟୁ ପରେ ପୁଣି ଜନ୍ମଗ୍ରହଣ କରୁ ।

କେତେକ ଦାର୍ଶନିକ ଓ ବୈଜ୍ଞାନିକ ମତ ଦିଅନ୍ତି ଯେ ମୃତ୍ୟୁ ପରେ ଆମ ଜୀବନର ଶେଷ ଯବନିକା ପତନ ହୋଇଯାଏ । ସେମାନେ କହନ୍ତି ଯେ ମନୁଷ୍ୟ ଶରୀରର ଅତ୍ୟାବଶ୍ୟକୀୟ ଆଭ୍ୟନ୍ତରୀଣ

ଅଙ୍ଗପ୍ରତ୍ୟଙ୍ଗ—ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଓ ମସ୍ତିଷ୍କ ଯେତେବେଳେ ... ଓ ରୋଗାକ୍ରାନ୍ତ ହୋଇଯାଆନ୍ତି, ସେଗୁଡ଼ିକ ନିଷ୍ପନ୍ଦ ଓ ଜଡ଼ ... ହୋଇପଡ଼ନ୍ତି; ଫଳରେ ମନୁଷ୍ୟର ମୃତ୍ୟୁ ହୁଏ। ମାତ୍ର ଏହି ଚେତନା- ... ହେବାଦ୍ୱାରା କଣ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ... ମୃତ୍ୟୁ ହୋଇଯାଏ କି ? ଉଦାହରଣ ସ୍ୱରୂପ— ଯଦି ଗୋଟିଏ ବେଙ୍ଗର ... କାଟି ଅଲଗା କରି ଦିଆଯାଏ, ତାର ଗୋଡ଼ଗୁଡ଼ିକ ଅନେକ ... ପର୍ଯ୍ୟନ୍ତ ଛଟପଟ ହୋଇଥାଏ ।

ଆଧୁନିକ ବିଜ୍ଞାନ ମତରେ ମୃତ୍ୟୁ ଦୁଇ ପ୍ରକାରର । ଗୋଟିଏ ହେଉଛି ଚେତନ ଜୀବନ ( Conscious life ) ର ମୃତ୍ୟୁ ଓ ଅନ୍ୟଟି ହେଉଛି ଅଙ୍ଗପ୍ରତ୍ୟଙ୍ଗ ଓ ଶରୀରର କୋଷଗୁଡ଼ିକର ମୃତ୍ୟୁ । ଏମାନେ ପରସ୍ପର ନିର୍ଭରଶୀଳ ନୁହନ୍ତି । ଚେତନ ଜୀବନର ମୃତ୍ୟୁ ହେବା ପରେ ମଧ୍ୟ ଅଙ୍ଗପ୍ରତ୍ୟଙ୍ଗ ଓ କୋଷଗୁଡ଼ିକ କେତେକ କ୍ଷେତ୍ରରେ ଅନେକ ସମୟ ପର୍ଯ୍ୟନ୍ତ ବଞ୍ଚିରହନ୍ତି । ସମୟ ସମୟରେ ଶରୀରର ଗୋଟିଏ ଅଙ୍ଗର ମୃତ୍ୟୁ ହୋଇଗଲେ ମଧ୍ୟ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଜୀବିତ ରହିଥାଆନ୍ତି । ମାତ୍ର ଯଦି ଗୋଟିଏ ଅତ୍ୟାବଶ୍ୟକୀୟ ଅଙ୍ଗ—ହୃତ୍‌ପିଣ୍ଡ ବା ମସ୍ତିଷ୍କ ବା ଫୁସ୍‌ଫୁସ୍‌ର ମୃତ୍ୟୁ ହୁଏ, ତେବେ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଧ୍ୟ କ୍ରମଶଃ ମୃତ୍ୟୁ ମୁଖରେ ପଡ଼ନ୍ତି ବା ନଷ୍ଟ ହୋଇ ଯାଆନ୍ତି ।

ମୃତ୍ୟୁର ପ୍ରକୃତ ସଂଜ୍ଞା କଣ, ତା ବିଜ୍ଞାନ ଏ ପର୍ଯ୍ୟନ୍ତ ମଧ୍ୟ ଆବିଷ୍କାର କରିପାରି ନାହିଁ । କେତେକ ସମୟରେ ମନୁଷ୍ୟର ହୃତ୍‌ପିଣ୍ଡ କ୍ରିୟା ଓ ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଗଲେ ମଧ୍ୟ ସେ ବଞ୍ଚି ରହିଥାଏ । ଅନେକ କ୍ଷେତ୍ରରେ ଦେଖାଯାଇଛି, ସାପ କାମୁଡ଼ାରେ ଆହତ ବ୍ୟକ୍ତି ଦୁଇ ଦିନ ପର୍ଯ୍ୟନ୍ତ ମୃତ ଅବସ୍ଥାରେ ରହି

ପୁଣି ଜୀବନ ଲାଭକରନ୍ତି । ସେ ସମୟରେ ଦୁଇ ଦିନ ପାଇଁ ହୃତ୍ପିଣ୍ଡର ସ୍ପନ୍ଦନ, ନିଶ୍ୱାସ ପ୍ରଶ୍ୱାସ ଏବଂ ନାଡ଼ୀ ମଧ୍ୟ ବନ୍ଦ ହୋଇଥାଏ । କେତେକ କ୍ଷେତ୍ରରେ ମୃତବ୍ୟକ୍ତି ଶ୍ମଶାନରୁ ମଧ୍ୟ ଉଠି ଆସିବାର ଦେଖାଯାଏ । ମୁନିଋଷିମାନେ ଯୋଗବଳରେ ମାସେ ପର୍ଯ୍ୟନ୍ତ ମାଟିତଳେ କବର ହୋଇ ନିସ୍ପନ୍ଦ ଅବସ୍ଥାରେ ରହି ପୁଣି ବାହାରକୁ ଜୀବନ୍ତ ହୋଇ ଆତ୍ମପ୍ରକାଶ କରନ୍ତି । ତେଣୁ ମୃତ୍ୟୁର ପ୍ରକୃତ ଲକ୍ଷଣ କଣ ? ଯେ ପର୍ଯ୍ୟନ୍ତ ମୃତଶରୀର ପଚି ନ ଯାଇଛି, ସେ ପର୍ଯ୍ୟନ୍ତ ବ୍ୟକ୍ତିର ମୃତ୍ୟୁ ହୋଇଛି ବୋଲି ଧ୍ରୁବନିଶ୍ଚିତ ଘୋଷଣା କରାଯାଇ ନ ପାରେ । ସେ ହୁଏତ ଅଜ୍ଞାନ, ଅଚେତ (**State of trance, coma, Catalepsy or ecstasy**) ଅବସ୍ଥାରେ ଗାଢ଼ ନିଦ୍ରାଭିଭୂତ ହୋଇଥାଇ ପାରେ ।

ବିଜ୍ଞାନ ଆତ୍ମାର ସ୍ଥିତିକୁ ସ୍ୱୀକାର କରେ ନାହିଁ; ତେଣୁ ସେମାନେ ଏ ପ୍ରକାର ଅଦ୍ଭୁତ ଘଟଣାରେ ବିଚଳିତ ହୁଅନ୍ତି କେତେକ ରାଜଯୋଗୀ ସ୍ୱ-ଇଚ୍ଛାରେ ନିଜର ହୃତ୍ପିଣ୍ଡର ସ୍ପନ୍ଦନକୁ ଘଣ୍ଟା ଘଣ୍ଟା ଧରି ବନ୍ଦ କରି ଦେଇ ପାରିବାର ଦେଖାଯାଉଛି ତେଣୁ ବିଜ୍ଞାନ ଯେଉଁ ବିଷୟ ଜାଣେ ନାହିଁ, ସେ ବିଷୟକୁ ଅସ୍ୱୀକାର କରିବାକୁ ସହଜ ମନେକରୁଛି ।

କେତେକ ଧର୍ମରେ ମୃତଶରୀରକୁ କବର ଦିଆଯାଏ କେତେକ ସ୍ଥଳରେ କାଠ ବାକ୍ସ (Coffin) ରେ ମଲମ ଲଗାଇ ରଖାଯାଏ—ଯେପରି ତା ପଚି ନ ଯାଏ । ସେମାନେ ବିଶ୍ୱାସ କରନ୍ତି ଯେ ମୃତବ୍ୟକ୍ତି କିଛିଦିନ ପରେ ସମାଧିରୁ ବାହାରି ସ୍ୱର୍ଗକୁ ଯିବ କିନ୍ତୁ ମୃତଶରୀରଟା କିପରି ସ୍ୱର୍ଗକୁ ଯିବ ? ଏହା ଏକ ଅନ୍ଧବିଶ୍ୱାସ ଛଡ଼ା କିଛି ନୁହେଁ । ହିନ୍ଦୁଧର୍ମରେ ମୃତଶରୀରକୁ ପୋଡ଼ିଦେବାର

ବ୍ୟବସ୍ଥା ସବୁଠାରୁ ସ୍ୱାସ୍ଥ୍ୟକର ପ୍ରଥା । ଏଥିରେ ମୃତଶରୀରକୁ ପୋଡ଼ି ପାଉଁଶ କରି ଦିଆଯାଏ, କାରଣ ସେ ଶରୀର ଆଉ କୌଣସି କାମରେ ଆସିବ ନାହିଁ ।

ଇଜିପଟ୍‌ର ପ୍ରଥା ଅନୁଯାୟୀ ମୃତଶରୀରକୁ ଅକ୍ଷତ ଅବସ୍ଥାରେ ଅତ୍ୟନ୍ତ ଯତ୍ନ ସହକାରେ କାରୁକାର୍ଯ୍ୟପୂର୍ଣ୍ଣ କାଠ-ବାକ୍‌ସରେ ମଲମ ଦିଆଯାଇ ରଖାଯାଏ, ଯେପରି ଶରୀର ପଚି ନ ଯାଏ । ସେମାନେ ବିଶ୍ୱାସ କରନ୍ତି ଯେ ଆତ୍ମା ପୁଣି ମୃତଶରୀର ମଧ୍ୟକୁ ଫେରିଆସିବ । ତାଙ୍କ ବିଶ୍ୱାସ ଅନୁଯାୟୀ ମୃତଶରୀରର ଆକାର ଯେପରି, ଆତ୍ମାର ମଧ୍ୟ ଆକାର ଠିକ୍ ସେହିପରି ଓ ତା ଶରୀର ମଧ୍ୟରେ ଥାଏ । ଶରୀରରେ କୌଣସି କ୍ଷତ ବା ଆଘାତ ଲାଗିଲେ ଆତ୍ମାରେ ମଧ୍ୟ ଠିକ୍ ସେହିପରି ଆଘାତ ଲାଗିବ । ତେଣୁ ସେମାନେ ମୃତଶରୀରର ଅତ୍ୟନ୍ତ ଯତ୍ନ ନିଅନ୍ତି ।

ମାତ୍ର ହିନ୍ଦୁ ମତରେ ଆତ୍ମା ସହିତ ଶରୀରର କୌଣସି ସଂପର୍କ ନାହିଁ । ଶରୀର ପୋଡ଼ି ପାଉଁଶ ହୋଇଗଲେ ମଧ୍ୟ ଆତ୍ମା ରହିଥାଏ । ଏହା ଅମର, ଅଭେଦ୍ୟ, ଅଦୃଶ୍ୟ ଓ ସର୍ବବ୍ୟାପୀ । ମହାଶକ୍ତି ( Cosmic energy ) ର ଏହା ଏକ ଅଂଶ ମାତ୍ର । ଏହା ନିଜର ଇଚ୍ଛା ଅନୁଯାୟୀ ବାହ୍ୟରୂପ ଗ୍ରହଣ କରିଥାଏ ।

**"As we throw away our old worn out garments and put on new ones, so the living soul, after using the body which is the gross physical garment, throws it away when it is worn out, and manufactures a new one."**

**—(Bhagabat Gita)**

ଅନ୍ୟ ଏକପ୍ରକାର ମତ ହେଉଛି, ଆତ୍ମା ନାହିଁ; ମାତ୍ର ମନ, ବୁଦ୍ଧି ଓ ଚେତନାଶକ୍ତି ଅଛି । ଏଗୁଡ଼ିକ ଶରୀରଠାରୁ ଅଲଗା । ଶରୀର ଧ୍ୱଂସ ହୋଇଗଲେ ମଧ୍ୟ ଏଗୁଡ଼ିକ ରହିଥାଆନ୍ତି । ଏହା ଅମର । ସେମାନେ କହନ୍ତି, ମନର ପ୍ରବଳ ଇଚ୍ଛାଶକ୍ତି ଫଳରେ ମଧ୍ୟ ସମୟ ସମୟରେ ଶରୀରର ମୃତ୍ୟୁ ହୋଇଯାଏ ଏବଂ ମନର ବିକୃତି ଯୋଗୁଁ ଅନେକ ପ୍ରକାର ରୋଗ ହେବାର ଦେଖାଯାଏ । ଜଣେ ବିଶିଷ୍ଟ ବୈଜ୍ଞାନିକ **Dr. John Hunter** ମନୁଷ୍ୟର 'ମନ'ର ଶକ୍ତିରେ ବିଶ୍ୱାସ କରୁଥିଲେ । ମାତ୍ର ସେ ନିଜେ ନିଜର ମନକୁ ଆୟତ୍ତ କରିପାରୁ ନ ଥିଲେ । ଥରେ ସେ ଏତେ ରାଗିଗଲେ ଯେ ତତ୍‌କ୍ଷଣାତ୍ ତାଙ୍କର ମୃତ୍ୟୁ ହୋଇଗଲା । ଅତ୍ୟଧିକ କ୍ରୋଧ ଯୋଗୁଁ ହୃତପିଣ୍ଡକ୍ରିୟା ବନ୍ଦ ହୋଇଯାଏ ଓ ଶରୀରରେ ଏକପ୍ରକାର ବିଷାକ୍ତ ପଦାର୍ଥ ଜମିଯାଏ, ଯା ଦ୍ୱାରା ମୃତ୍ୟୁ ଘଟେ । କ୍ରୋଧକୁ ମନରେ ଚପାଇ ରଖିଲେ ନାନାପ୍ରକାର ଶାରୀରିକ ଓ ମାନସିକ ରୋଗ ହେବାର ଦେଖାଯାଏ । ଏହା ଆଧୁନିକ ଚିକିତ୍ସା-ବିଜ୍ଞାନ ଦ୍ୱାରା ସମର୍ଥିତ ।

କ୍ରୋଧ ପରି ଲଜ୍ଜା, ଘୃଣା ଓ ଅତିରିକ୍ତ ଦୁଃଖ ମଧ୍ୟ ମନୁଷ୍ୟକୁ ମୃତ୍ୟୁମୁଖକୁ ଟାଣିନିଏ । ଲଜ୍ଜାରେ ଅନେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡ-କ୍ରିୟା ହଠାତ୍ ବନ୍ଦ ହୋଇ ମୃତ୍ୟୁ ଘଟିବାର ଦେଖାଯାଏ । ଘୃଣା ଓ ଦୁଃଖଭାବ ମନରେ ପୋଷଣ କଲେ ନାନାପ୍ରକାର ରୋଗ ଦେଖାଯାଏ । ତେଣୁ ଏ ମତବାଦୀମାନେ ମନର ପ୍ରବଳ ଶକ୍ତି ଦ୍ୱାରା ମୃତ୍ୟୁ ଘଟିଥାଏ ବୋଲି କୁହନ୍ତି । ଯେତେବେଳେ ଶରୀରର ସେହି ଚେତନାଶକ୍ତି ବା ଜୀବନୀଶକ୍ତି ( ପ୍ରାଣ ) ଶରୀରକୁ ତ୍ୟାଗ କରେ, ସେତେବେଳେ ମୃତ୍ୟୁ ହୁଏ । ସେହି ପ୍ରାଣ ସହିତ ମନ ମଧ୍ୟ ଚାଲିଯାଏ; କାରଣ ଏହା ପ୍ରାଣ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ମନ ସ୍ୱ-ଇଚ୍ଛାରେ ଏକୁଟିଆ

କାମ କରିପାରିବ ନାହିଁ—ଏହା କୌଣସି ଶରୀରକୁ ନିର୍ମାଣ କଲେ ତା ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରିପାରେ । ତେଣୁ ମନ ଅନୁକୂଳ ପରିସ୍ଥିତିରେ ମହାଶୂନ୍ୟରୁ ଅଣୁ, ପରମାଣୁ ଓ ଅନ୍ୟାନ୍ୟ ଜଡ଼ପଦାର୍ଥକୁ ଜୀବନୀଶକ୍ତି ଦ୍ୱାରା ସଂଜୀବିତ କରାଇ ପ୍ରାଣ ସୃଷ୍ଟି କରେ । ବହୁକୋଷବିଶିଷ୍ଟ ମନୁଷ୍ୟ ଶରୀରରେ ପ୍ରାଣଶକ୍ତି ଭରି ଦେଲା ପରେ ମନ ତା ମଧ୍ୟରେ ରହି ସେ ସବୁକୁ ନିୟନ୍ତ୍ରଣ କରେ । ଯେତେବେଳେ ମନ ଏହି କୋଷଗୁଡ଼ିକୁ ଆଉ ସଂଜୀବିତ ରଖିପାରେ ନାହିଁ, ସେତେବେଳେ ଶରୀରର ମୃତ୍ୟୁ ହୋଇଯାଏ ।

ତେଣୁ ଶରୀରରେ ଦୁଇଟି ପ୍ରଧାନ ଶକ୍ତି ରହିଛି । ମନ ଏବଂ ପ୍ରାଣର ଜୀବନୀଶକ୍ତି; ଯାହାଦ୍ୱାରା ଶରୀରର ପ୍ରତ୍ୟେକ କୋଷ ( **Cells and tissues** ) ଜୀବିତ ରହନ୍ତି । ମାତ୍ର ଏହି ଜୀବନୀଶକ୍ତି ମନଦ୍ୱାରା ନିୟନ୍ତ୍ରିତ । ମନ ହେଉଛି ସଙ୍ଗଠକ, ନିୟନ୍ତ୍ରକ ଓ ନିର୍ଦ୍ଦେଶକ । ଶରୀରର ପ୍ରତ୍ୟେକ ଅଙ୍ଗ ଯଦି ଏକ ନିର୍ଦ୍ଦିଷ୍ଟ ରୀତି (**harmony**) ରେ କାର୍ଯ୍ୟ ନ କରନ୍ତି, ତେବେ ଜୀବନୀଶକ୍ତିର କୌଣସି ମୂଲ୍ୟ ରହିବ ନାହିଁ । ହୃତ୍‌ପିଣ୍ଡର ସ୍ପନ୍ଦନ ସହିତ ଫୁସ୍‌ଫୁସ୍‌ର କାର୍ଯ୍ୟ ଯଦି ଶୃଙ୍ଖଳିତ ଭାବରେ ନ ଚଳେ, ତେବେ ଜୀବନୀଶକ୍ତି ଲୋପ ପାଇଯିବ । ତେଣୁ ପ୍ରତ୍ୟେକ ଆଭ୍ୟନ୍ତରୀଣ ଓ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ଏକୁଟିଆ ସ୍ୱାଧୀନ ଭାବରେ କାର୍ଯ୍ୟ ନ କରି ପରସ୍ପର ସହିତ ସହଯୋଗ ରଖି ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ କାର୍ଯ୍ୟକଲେ ଜୀବନୀଶକ୍ତି ସମ୍ଭବ ହୁଏ । ଆମର "ମୁଁ" ଭାବ ବା ନିଜତ୍ୱ ଦ୍ୱାରା ଏହା ସମ୍ଭବ ହୁଏ ।

ଗୋଟିଏ ମିଳିତ ଯନ୍ତ୍ରସଙ୍ଗୀତରେ ଯେପରି ବହୁତ ଗୁଡ଼ିଏ ବାଦ୍ୟଯନ୍ତ୍ର ବାଜୁଥାଏ ; ମାତ୍ର ଯଦି ନିର୍ଦ୍ଦେଶକର ନିର୍ଦ୍ଦେଶ ନ ମାନି

ସେମାନେ ବାଦ୍ୟଯନ୍ତ୍ର ବଜାନ୍ତି, ତେବେ ତାହା ଅଶ୍ରାବ୍ୟ ହୁଏ ଓ ବିଶୃଙ୍ଖଳା ସୃଷ୍ଟି ହୁଏ ; ସେହିପରି ଶରୀରରେ ଆତ୍ମା ହେଉଛି ସମସ୍ତ ଶକ୍ତିର ମୂଳ ଆଧାର । ମୃତ୍ୟୁ ସମୟରେ ଏହି ଆତ୍ମା ଶରୀରକୁ ତ୍ୟାଗ କରି ଚାଲିଯାଏ ।

ଘୋରନିଦ୍ରା ବା ଅଚେତ ଅବସ୍ଥାରେ ଏହି ଆତ୍ମା ଶରୀରରେ ନ ଥାଏ, ମାତ୍ର ଏକ କ୍ଷୀଣ ଯୋଗସୂତ୍ରଦ୍ୱାରା ଶରୀର ସହିତ ସମ୍ପର୍କ ସ୍ଥାପନ କରିଥାଏ । ଏହି ଯୋଗସୂତ୍ର ଛିନ୍ନ ହୋଇଗଲେ ମନୁଷ୍ୟ ମହାନିଦ୍ରାରେ ରହିଯାଏ । ମୃତ୍ୟୁ ସମୟରେ ଯେତେବେଳେ ଜୀବାତ୍ମା-ଶକ୍ତି ଶରୀରକୁ ତ୍ୟାଗ କରି ଚାଲିଯାଏ, ତାହାକୁ ଫଟୋ ଉଠାଇ ମଧ୍ୟ ଦେଖାଯାଇଛି ଏବଂ ଠିକ୍ ମୃତ୍ୟୁପୂର୍ବରୁ ଓ ପରେ ଶରୀରକୁ ଅତି ସୂକ୍ଷ୍ମ ଯନ୍ତ୍ରଦ୍ୱାରା ଓଜନ କରି ଦେଖାଯାଇଛି ଯେ ଯେଉଁ ଜୀବାତ୍ମାଶକ୍ତି ଶରୀରକୁ ତ୍ୟାଗ କରି ଚାଲିଯାଏ, ତାହାର ଓଜନ ପ୍ରାୟ ଅଧ ଆଉନ୍ସରୁ ସାମାନ୍ୟ ଅଧିକ । ଏହା ମୃତ୍ୟୁ ସମୟରେ ଏକ ପ୍ରକାର ଉଜ୍ଜ୍ୱଳ କୁହୁଡ଼ି ଭଳି ଶରୀରକୁ ଘୋଡ଼ାଇ ରଖିଥାଏ । ଏହାକୁ ଆଧୁନିକ ବିଜ୍ଞାନ 'Ectoplasm' ବୋଲି କୁହେ । ଏହାର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ । ଏହା ଧୂଆଁ ପରି ଓ ଏହା ମଧ୍ୟ ଯେ କୌଣସି ଆକାର ଗ୍ରହଣ କରିପାରେ । ଏହାର ଫଟୋ ଉଠାଯାଇପାରେ । ପ୍ରକୃତରେ ଏହା କଣ, ତା ବୈଜ୍ଞାନିକମାନେ ଜାଣିପାରି ନ ଥିଲେ ମଧ୍ୟ ଏହାର ଅସ୍ତିତ୍ୱ ଅସ୍ୱୀକାର କରନ୍ତି ନାହିଁ ।

ମନୁଷ୍ୟ ଶରୀରରୁ ଏହି ବାଷ୍ପ ସବୁବେଳେ ବାହାରୁଥାଏ ଓ ଏହା ଶରୀରର ଚତୁର୍ଦ୍ଦିଗରେ ରହିଥାଏ । ମାତ୍ର ଅଚେତନ ଅବସ୍ଥାରେ ବା ମୃତ୍ୟୁ ସମୟରେ ଏହି ବାଷ୍ପକୁ ଦେଖି ହୁଏ । ଯେଉଁମାନେ ଏହି ବାଷ୍ପକୁ ହାତରେ ଅନୁଭବ କରିଛନ୍ତି, ସେମାନେ କହନ୍ତି ଯେ ‹ହାହାର

କୌଣସି ବିଶେଷ ଅନୁଭୂତି ଜଣାଯାଏ ନାହିଁ । ମାତ୍ର ଏହା ଯେତେବେଳେ କୌଣସି ଆକାର ଗ୍ରହଣ କରେ, ସେତେବେଳେ ଏହାକୁ ଲୋକେ ପରିଷ୍କାର ଦେଖିପାରନ୍ତି ।

ମୃତ୍ୟୁ ସମୟରେ ମନୁଷ୍ୟର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଜୀବନୀଶକ୍ତି ଶରୀରକୁ ତ୍ୟାଗକରିବା ପୂର୍ବରୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ହୁଏ । ସେଥିପାଇଁ ଦୃଷ୍ଟିଶକ୍ତି କ୍ଷୀଣ ହୋଇଯାଏ, ଶ୍ରବଣଶକ୍ତି କମିଯାଏ, ସ୍ପର୍ଶଶକ୍ତି କ୍ରମେ ଲୋପ ପାଇଯାଏ, ହାତଗୋଡ଼ ଅଚଳ ହୋଇଯାଏ ଓ ନିଶ୍ୱାସ ପ୍ରଶ୍ୱାସ କ୍ଷୀଣ ହୋଇ ଶେଷରେ ବନ୍ଦ ହୋଇଯାଏ । ଏ ସମୟରେ ମୃତବ୍ୟକ୍ତି ମନ ବା ଇଚ୍ଛାଶକ୍ତି ନିଜକୁ ବିଭିନ୍ନ ଭାବରେ ପ୍ରକାଶ କରିବାର ଦେଖାଯାଏ । କେତେକ କ୍ଷେତ୍ରରେ ଠିକ୍ ମୃତ୍ୟୁପୂର୍ବରୁ, ମୃତ୍ୟୁ ସମୟରେ ବା ଠିକ୍ ମୃତ୍ୟୁ ପରେ ମୃତବ୍ୟକ୍ତି ବହୁ ଦୂରରେ ଥିବା ତାର ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବମାନଙ୍କ ସମ୍ମୁଖରେ ଛାୟା ରୂପରେ ଦେଖାଦେଇ ନିଜର ଶେଷକଥା କହିଥାଆନ୍ତି । ଏହାକୁ **Clairvoyance** ଓ **Clairaudience** କୁହାଯାଏ । ଫରାସୀ ଜ୍ୟୋତିର୍ବିଦ୍ **Camille Flammarion** ତାଙ୍କ ବହି **'The UNKNOWN'** ରେ ଏହିପରି ବହୁତ ଗୁଡ଼ିଏ ଘଟଣା ନିଜେ ସଂଗ୍ରହ କରି ଲେଖିଛନ୍ତି ।

ଏଇ ସେଇଁ ବାଷ୍ପଭଳି ପଦାର୍ଥ; ଏହାକୁ ଆତ୍ମାର ଅଭ୍ୟନ୍ତରର ଆବରଣ ବୋଲି କୁହାଯାଏ । ଏହା ଶରୀରଠାରୁ ସଂପୂର୍ଣ୍ଣ ପୃଥକ୍ । ଏହି ବାଷ୍ପର ଆବରଣ ମଧ୍ୟରେ ଆତ୍ମା ଶରୀରକୁ ତ୍ୟାଗ କରେ । ଏହି ବାଷ୍ପ ଭଳି ପଦାର୍ଥ ( **Ectoplasm** ) ହେଉଛି ସୂକ୍ଷ୍ମଶରୀର ଓ ଏହାର ଜୀବନୀଶକ୍ତିର ତରଙ୍ଗ ( **State of vibration** ) ସ୍ଥୂଳଶରୀରଠାରୁ ସଂପୂର୍ଣ୍ଣ ପୃଥକ । ତେଣୁ ଏହି ପଦାର୍ଥ ଯାହା

ଅନୁଭବ କରିପାରେ, ତା ସ୍ଥୂଳ ଶରୀରର ଅନୁଭୂତିଠାରୁ ମଧ୍ୟ ସଂପୂର୍ଣ୍ଣ ପୃଥକ୍ ।

ତେଣୁ ଆମର ଦୁଇଟି ଶରୀର ଅଛି । ଗୋଟିଏ ସ୍ଥୂଳଶରୀର ଓ ଅନ୍ୟଟି ସୂକ୍ଷ୍ମ ( Etherial ) ଶରୀର । ଆମେ ଇନ୍ଦ୍ରିୟ ଦ୍ୱାରା କେବଳ ସ୍ଥୂଳପଦାର୍ଥ ସବୁ ଦେଖିପାରୁ; କାରଣ ଏହାର ଶକ୍ତିର ତରଙ୍ଗକୁ ଆମର ଇନ୍ଦ୍ରିୟଗୁଡ଼ିକ ଗ୍ରହଣ କରିପାରିବାକୁ ସମର୍ଥ ହୁଅନ୍ତି । ମାତ୍ର ସୂକ୍ଷ୍ମ ତରଙ୍ଗଗୁଡ଼ିକୁ ଆମେ ଆମର ପଞ୍ଚଇନ୍ଦ୍ରିୟର ସ୍ଥୂଳଶକ୍ତି ଦ୍ୱାରା ଦେଖିବାକୁ ବା ଅନୁଭବ କରିବାକୁ ଅସମର୍ଥ ହେଉ । ଉଦାହରଣ ସ୍ୱରୂପ—ଆମେ ଆମର ଦୃଷ୍ଟିଶକ୍ତି ଦ୍ୱାରା ବାଇଗଣି ଠାରୁ ଲାଲ ପର୍ଯ୍ୟନ୍ତ ୭ଟି ରଙ୍ଗ ଦେଖି ପାରିବାକୁ ସମର୍ଥ ହେଉ; କାରଣ ଏହି ରଙ୍ଗରୁ ନିର୍ଗତ ହେଉଥିବା ସ୍ଥୂଳ ଆଲୋକତରଙ୍ଗକୁ ଆମର ଚକ୍ଷୁ ଗ୍ରହଣ କରିପାରେ । ମାତ୍ର ତା ଠାରୁ ଶକ୍ତିଶାଳୀ କ୍ଷୁଦ୍ର ତରଙ୍ଗ ( **ultraviolet ଓ Infrared rays** ) କୁ ଆମେ ଦେଖିପାରୁ ନାହିଁ । ସେହିପରି କେତେ ପ୍ରକାର ଶବ୍ଦ ଅଛି, ଯାହା ଆମେ ଶୁଣିପାରୁ ନାହିଁ; କାରଣ ତାର ତରଙ୍ଗର ଶକ୍ତି ଆମ ଇନ୍ଦ୍ରିୟଶକ୍ତିର ବହିର୍ଭୂତ । ଠିକ୍ ସେହିପରି ଶରୀର ମଧ୍ୟରେ ଥିବା ଏହି ବାଷ୍ପୀୟ ସୂକ୍ଷ୍ମଶରୀରକୁ ଆମେ ଦେଖିବାକୁ ଅସମର୍ଥ ହେଉ । ମାତ୍ର ଯଦି ଏହାର ଶକ୍ତିଶାଳୀ ତରଙ୍ଗଗୁଡ଼ିକ ଅତି ଦ୍ରୁତଗତିରେ ଶକ୍ତିର ବିକାଶ ନ କରି ଧୀରଭାବରେ ତରଙ୍ଗାୟିତ ( **Lower rate of vibration** ) ହୁଅନ୍ତି, ତେବେ ଆମେ ତାକୁ ଦେଖିପାରୁ ।

ବେଦାନ୍ତ ମଧ୍ୟ ଠିକ୍ ଏହି ମତ ପୋଷଣ କରେ ଯାହା କି କେତେକ ଆଧୁନିକ ବୈଜ୍ଞାନିକମାନେ ପୋଷଣ କରନ୍ତି । ମନ ଓ ଆତ୍ମାର ଜୀବନୀଶକ୍ତି ମନୁଷ୍ୟକୁ ରୋଗ, ମୃତ୍ୟୁ ଦେଇଥାଏ ଓ ପୁଣି

ନୂତନ ଶରୀର ଗଠନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ପୃଥିବୀର ପ୍ରାଚୀନତମ ଗ୍ରନ୍ଥ ବେଦାନ୍ତର ଏହି ମହାନ୍ ସତ୍ୟକୁ ଆଜି ସଭ୍ୟ, ଶିକ୍ଷିତ ଚିନ୍ତକ ଓ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରତିପାଦିବାକୁ ସମର୍ଥ ହୋଇ ନାହାନ୍ତି । ପାଖ ୫୦୦୦ ବର୍ଷ ପୂର୍ବେ ହିନ୍ଦୁ ମହାପୁରୁଷମାନେ ନିଜର ଜ୍ଞାନବଳରେ ଯାହା ଜାଣିପାରିଥିଲେ, ତାକୁ ଆମେ ଭୁଲିଯାଇଛୁ ଓ ନାନାପ୍ରକାର ବିକୃତ କଳ୍ପନା ଓ ଅନ୍ଧବିଶ୍ୱାସରେ ବୁଡ଼ି ରହି ନିଜର ଗୌରବୋଜ୍ଜ୍ୱଳ ଅତୀତକୁ ଉପହାସ କରୁଛୁ ।

## ମୃତ୍ୟୁର ବୈଜ୍ଞାନିକ ବିଶ୍ଳେଷଣ

ବିଜ୍ଞାନ ମତରେ ଯେଉଁ ପଦାର୍ଥର ଅସ୍ତିତ୍ୱ ଥରେ ରହିଛି, ତାକୁ କେବେହେଲେ ଧ୍ୱଂସ କରାଯାଇ ନ ପାରେ । ହୁଏ ତ ତାର ଅବସ୍ଥା ଓ ବାହ୍ୟପ୍ରକୃତିର ପରିବର୍ତ୍ତନ ଘଟିପାରେ ମାତ୍ର, ତାକୁ ସମୂଳେ ଧ୍ୱଂସ କରିବା ସମ୍ଭବ ନୁହେଁ । ତେଣୁ ଯେଉଁମାନେ କହନ୍ତି, ମୃତ୍ୟୁ ପରେ ମନୁଷ୍ୟଜୀବନର ଶେଷ ଯବନିକା ପତନ ହୋଇଯାଏ, ସେମାନେ ବୈଜ୍ଞାନିକଦୃଷ୍ଟିକୋଣରୁ ମୃତ୍ୟୁକୁ ବିଶ୍ଳେଷଣ କଲେ ଜାଣିପାରିବେ ଯେ ମୃତ୍ୟୁ ଦ୍ୱାରା କେବଳ ବାହ୍ୟଶରୀରର ପରିବର୍ତ୍ତନ ହୋଇଯାଏ । ହାଡ଼, ମାଂସ, ରକ୍ତ—ଏ ସବୁ ମାଟିରେ ମିଶିଯାଏ ବା ପୋଡ଼ି ପାଉଁଶ ହୋଇଯାଏ । କାରଣ ଏଗୁଡ଼ିକ ପଞ୍ଚଭୂତରୁ ନିର୍ମିତ ହୋଇଥିଲା ଓ ସେଥିରେ ମିଶିଯାଏ । ଯେଉଁ ଅଣୁ-ପରମାଣୁର ସୁସଜ୍ଜିତ ମିଶ୍ରଣ ଯୋଗୁଁ ମନୁଷ୍ୟର ଶରୀର ଗଠନ ହୋଇଥାଏ, ତାର

ଜୀବନୀଶକ୍ତି ମୂଳ ଆଧାର — ଆତ୍ମା ତାକୁ ତ୍ୟାଗ କଲା ପରେ ତା ପୁଣି ଅନ୍ୟ ଏକପ୍ରକାର ପଦାର୍ଥରେ ପରିଣତ ହୁଏ, ମାତ୍ର ଲୋପ ପାଇଯାଏ ନାହିଁ ।

ଆମେ କଣ ଅଗ୍ନି, ଜଳ, ବାୟୁ, ବୈଦ୍ୟୁତିକ ଶକ୍ତି, ଆଲୋକ ଏ ସବୁକୁ ଧ୍ୱଂସ କରିପାରିବୁ କି ? ଚେଷ୍ଟାକରି କେବଳ ଆମେ ତାର ଅବସ୍ଥାର ପରିବର୍ତ୍ତନ କରାଇ ଦେଇପାରୁ, ମାତ୍ର ତାର ମୂଳଶକ୍ତିକୁ ନଷ୍ଟ କରିବା ସମ୍ଭବ ନୁହେଁ । ପାଣିକୁ ଆମେ ନିଆଁରେ ବସାଇ ବାଷ୍ପକରି ଦେଇପାରୁ, ମାତ୍ର ତା ଦ୍ୱାରା ପାଣି ଧ୍ୱଂସ ହୋଇଯାଏ ନାହିଁ । ତା ଜଳୀୟବାଷ୍ପରେ ପରିଣତ ହୋଇ ଅନ୍ୟ ଏକ ଆକାର ଧାରଣ କରେ, ଯାହା ଅନୁକୂଳ ପରିସ୍ଥିତିରେ ପୁଣି ଜଳରେ ପରିଣତ ହୁଏ । ଜଳକୁ ଆମେ ଖୁବ ଥଣ୍ଡାକରି ବରଫ କରିଦେଇପାରୁ, ମାତ୍ର ତଦ୍ଦ୍ୱାରା ଜଳ ଧ୍ୱଂସ ପାଇଯାଏ କି ? କେବଳ ତାର ଆକାର ଓ ପ୍ରକୃତିର ପରିବର୍ତ୍ତନ ହୋଇଥାଏ । ଅନୁକୂଳ ପରିସ୍ଥିତିରେ ବରଫ ପୁଣି ଜଳରେ ପରିଣତ ହୁଏ ।

ସେହିପରି ବୈଦ୍ୟୁତିକଶକ୍ତିକୁ ଆମେ ବ୍ୟବହାର କରି ଆଲୋକ ଓ ଉତ୍ତାପରେ ପରିଣତ କରିଦେଇପାରୁ, ମାତ୍ର ମୂଳଶକ୍ତି ନଷ୍ଟ ହୋଇଯାଏ ନାହିଁ; କେବଳ ଆକାର ଓ ପ୍ରକୃତିରେ ପରିବର୍ତ୍ତନ ଘଟିଥାଏ । ପୁନଶ୍ଚ ଉତ୍ତାପଶକ୍ତି ଦ୍ୱାରା ବୈଦ୍ୟୁତିକଶକ୍ତି ସୃଷ୍ଟି କରାଯାଇପାରେ । ପୃଥିବୀରେ ଶକ୍ତିର ସାମଞ୍ଜସ୍ୟ ରହିବ ନିଶ୍ଚୟ । କୌଣସି ପଦାର୍ଥକୁ ସମୂଳେ ଧ୍ୱଂସ କରିବା ଅସମ୍ଭବ । କେବଳ ଅଣୁ ପରମାଣୁର ବିଭିନ୍ନ ପ୍ରକାର ମିଶ୍ରଣ ଓ କାର୍ଯ୍ୟକଳାପ ଯୋଗୁଁ ଗୋଟିଏ ପଦାର୍ଥର ଆକୃତି-ପ୍ରକୃତିକୁ ବଦଳାଇଦେବା ସମ୍ଭବ ହୋଇଥାଏ, ମାତ୍ର ମୂଳଶକ୍ତି ସମାନ ରହିଥାଏ ।

ସେହିପରି ମୃତ୍ୟୁ ଦ୍ୱାରା ଆମର କେବଳ ଶରୀରର ଅନ୍ୟ ଏକପ୍ରକାର ପଦାର୍ଥରେ ପରିଣତ ହୋଇଯାଏ, ମାତ୍ର ଜୀବନୀଶକ୍ତି ଯାହାକୁ ଆମେ ଦେଖିପାରୁ ନାହିଁ, ମାତ୍ର ଅନୁଭବ କରିପାରୁ, ତା ଅପରିବର୍ତ୍ତନୀୟ ରହେ । ଶରୀରର ହାଡ଼ ମାଂସ ମାଟିରେ ମିଶିଯାଏ, ମାତ୍ର ସେ ମାଟିର ଗଛରୁ ଫଳପରିବା ଉତ୍ପନ୍ନ ହୁଏ, ତାକୁ ଲୋକେ ଖାଆନ୍ତି ଓ ତା ଦ୍ୱାରା ସେମାନଙ୍କର ରକ୍ତ, ମାଂସ, ହାଡ଼ ଗଠିତ ହୁଏ । ଶହ ଶହ ନୂତନ କୋଷ ( **Cells & tissues** ) ନିର୍ମିତ ହୁଏ । ସେଥିରୁ ସ୍ତ୍ରୀ ଓ ପୁରୁଷର ମିଳନ ଫଳରେ ଭ୍ରୂଣ ନିର୍ମିତ ହୁଏ ଓ ତା ମଧ୍ୟରେ ଜୀବନୀଶକ୍ତି ରହି ସେଥିରୁ ଏକ ନୂତନ ଶରୀର ଗଠନ କରେ ।

ମାତ୍ର ପ୍ରତ୍ୟେକଟି ବ୍ୟକ୍ତି ପୂର୍ବଜନ୍ମରେ ଯେଉଁଠାରୁ ତାଙ୍କର କାର୍ଯ୍ୟ ଶେଷ କରିଥିଲେ, ଠିକ୍ ସେହିଠାରୁ ଏ ଜନ୍ମର କାର୍ଯ୍ୟକ୍ରମ ଆରମ୍ଭ ହୁଏ । ତା ନ ହେଲେ ଦୁନିଆଁରେ ଏତେ ପ୍ରକାର ବୈଭିନ୍ନତା କାହିଁକି ପରିଲକ୍ଷିତ ହେଉଛି ? ଧନୀ-ଦରିଦ୍ର, କଳା-ଗୋରା, ଡେଙ୍ଗା-ଗେଡ଼ା, ମୋଟା-ପତଳା, ସୁଖୀ - ଦୁଃଖୀ, ଶିକ୍ଷିତ-ମୂର୍ଖ ପ୍ରଭୃତି ନାନାପ୍ରକାର ବିଭେଦ କାହିଁକି ପରିଲକ୍ଷିତ ହେଉଛି ? ଜଣକର ଜୀବନ ସୁଖଶାନ୍ତିମୟ ହେଲେ ଅନ୍ୟ ଜଣେ କାହିଁକି ଦୁଃଖ-ଶୋକରେ ଜର୍ଜରିତ ହୋଇ ଜୀବନକୁ ଦୁର୍ବହ ମନେକରୁଛି ? ଦରିଦ୍ର ଭିକାରୀ ସ୍ୱାସ୍ଥ୍ୟବାନ୍ ହେଲେ ଧନୀକର ସନ୍ତାନ କାହିଁକି ନାନାପ୍ରକାର ରୋଗରେ ପୀଡ଼ିତ ହେଉଛି ? ଧନରତ୍ନ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ଜଣେ କାହିଁକି ମୂର୍ଖ ହୋଇ ରହୁଛି, ଅନ୍ୟ ଜଣେ ଦରିଦ୍ର ହେଲେ ମଧ୍ୟ ଜ୍ଞାନୀ ପଣ୍ଡିତ ହୋଇପାରୁଛି ? ଜଣେ ସଙ୍ଗୀତ ବିଦ୍ୟାରେ ପାରଙ୍ଗମ ହେଲେ ଅନ୍ୟ ଜଣଙ୍କର ସଙ୍ଗୀତ ପ୍ରତି ଅନାସକ୍ତି ରହିଛି ।

ଜଣେ କୋଟିପତି ହେଲେ ଅନ୍ୟ ଜଣେ ଭିକ୍ଷା ମାଗି ଜୀବିକା ନିର୍ବାହ କରୁଛି । ଏହାର କାରଣ କଣ ହୋଇପାରେ ?

ବେଦାନ୍ତ ମତରେ ସାମ୍ୟବାଦ ( Socialism ) ହେଉଛି ଏକ ଅସମ୍ଭବ ପରିକଳ୍ପନା । ସୃଷ୍ଟି ସମ୍ଭବ ହୁଏ ଭିନ୍ନତା ଯୋଗୁଁ । ସମସ୍ତ କିଛି ଯଦି ସମାନ ହୋଇଯାଆନ୍ତି, ତେବେ ସୃଷ୍ଟିର ଆବଶ୍ୟକତା ରହିବ ନାହିଁ । ତେଣୁ ପ୍ରତ୍ୟେକ ପ୍ରାଣୀ ପ୍ରତ୍ୟେକଟି ଜନ୍ମରେ କ୍ରମଶଃ ଉପରକୁ ଉଠିବାର ଚେଷ୍ଟାକରନ୍ତି ଓ କ୍ରମଶଃ ପରିମାର୍ଜିତ ହୋଇଥାଆନ୍ତି । ଯେଉଁ ଶିଶୁ ପୂର୍ବଜନ୍ମରେ ଜଣେ ବିଶିଷ୍ଟ ସଂଗୀତଜ୍ଞ ଥିଲେ, ସେ ଏ ଜନ୍ମରେ ଅତି ବାଲ୍ୟକାଳରୁ ମଧ୍ୟ ସଙ୍ଗୀତ-ବିଦ୍ୟାରେ ପାରଙ୍ଗମ ହୋଇ ଉଠିବେ । କାରଣ ମନୁଷ୍ୟର ସମସ୍ତ କାର୍ଯ୍ୟ, ଅଭିଜ୍ଞତା, ଜ୍ଞାନ ଓ ଅତୃପ୍ତ ବାସନା ଆତ୍ମା ସହିତ ରହିଥାଏ । କେବଳ ଉପଯୁକ୍ତ ବାତାବରଣ ପାଇଲେ ତା ପୁଣି ଏକ ଶରୀର ଗଠନ କରି ନିଜର ଅତୃପ୍ତ ବାସନା ପୂରଣ କରିବାର ଚେଷ୍ଟା କରିଥାଏ ।

We have not come into existence for the first time out of nothing, but our present is a connecting link in the chain of our past and future existence. We may not know it, we may not possess the memory of our past lives, still we existed just the same.

—(Vedanta)

ଏଥିପାଇଁ ଦେଖାଯାଏ ଯେ ଶିଶୁମାନେ ମଧ୍ୟ କେତେକ କ୍ଷେତ୍ରରେ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ପ୍ରକାର ବିଦ୍ୟାରେ ପାରଦର୍ଶିତା

ଦେଖାଯାଇଥାଆନ୍ତି । ତା' କିପରି ସମ୍ଭବ ହୁଏ ? କେବଳ ପୁନର୍ଜନ୍ମ ତଥ୍ୟଦ୍ୱାରା ଏକପ୍ରକାର ଅସମ୍ଭବ କାର୍ଯ୍ୟକୁ ବୁଝାଇ ଦିଆଯାଇ ପାରେ । କେତେକ କ୍ଷେତ୍ରରେ ଦେଖାଯାଏ – ସ୍ତ୍ରୀ ଓ ପୁରୁଷ ମଧ୍ୟରେ ପ୍ରଥମ ଦର୍ଶନରେ ଗଭୀର ପ୍ରେମଭାବର ଉଦ୍ରେକ ହୁଏ । ଏହା କେବଳ ପୂର୍ବଜନ୍ମର ସଂସ୍କାରର ଫଳ । ପ୍ରେମର ଅର୍ଥ ଦୁଇଟି ଆତ୍ମାର ପରସ୍ପର ପ୍ରତି ଗଭୀର ଆକର୍ଷଣ । ପ୍ରେମଯୋଗରେ ଯେପରି ଭଗବତ୍‌ପ୍ରେମ ଏତେ ବଳବତୀ ହୁଏ ଯେ ଭକ୍ତ ନିଜର ଆତ୍ମାକୁ ଭଗବାନଙ୍କ ( ବିଶ୍ୱଆତ୍ମା ) ସହିତ ମିଶାଇ ଦେବାକୁ ପାଗଳ ହୋଇଯାଏ, ଠିକ୍ ସେହିପରି ପ୍ରେମିକ-ପ୍ରେମିକା ପରସ୍ପର ସହିତ ମିଶିବାକୁ ବ୍ୟଗ୍ର ହୁଅନ୍ତି । ଏହି ଆକର୍ଷଣ ପୂର୍ବଜନ୍ମରୁ ଏ ଜନ୍ମକୁ ଓ ଏ ଜନ୍ମରୁ ପରବର୍ତ୍ତୀ ଜନ୍ମଗୁଡ଼ିକୁ ଗଡ଼ି ଚାଲିଯାଏ ଓ ଶେଷରେ ଦୁଇଟି ଆତ୍ମା ମିଶିଯାଇ ଗୋଟିଏ ହୋଇଯାଆନ୍ତି ।

ତେଣୁ ଆତ୍ମା ଯେତେବେଳେ ଶରୀର ସାହାଯ୍ୟରେ ତାର ଅପୂରନ୍ତ ବାସନାକୁ ପୂରଣ କରେ ଓ ଦୁନିଆଁରେ କେତେକ ଅଭିଜ୍ଞତା ହାସଲ କରେ ଏବଂ ଦେଖେ ଯେ ଶରୀର ଜୀର୍ଣ୍ଣଶୀର୍ଣ୍ଣ ଓ ପୁରୁଣା ହୋଇଗଲାଣି, ସେତେବେଳେ ସେ ଶରୀରକୁ ତ୍ୟାଗ କରେ ଓ ଅନୁକୂଳ ପରିସ୍ଥିତି ନ ପାଇବା ପର୍ଯ୍ୟନ୍ତ ଅଦୃଶ୍ୟ ହୋଇ ମହାଶୂନ୍ୟରେ ରହିଥାଏ । ତେଣୁ ମୃତ୍ୟୁଦ୍ୱାରା ଦୁଃଖିତ ହେବାର କୌଣସି କାରଣ ନାହିଁ । ବୃଦ୍ଧ, ଜୀର୍ଣ୍ଣଶୀର୍ଣ୍ଣ ଓ ରୋଗଗ୍ରସ୍ତ ଶରୀର ନେଇ ଚିରଦିନ ବଞ୍ଚିରହିବାକୁ କେହି କେବେ ଇଚ୍ଛାକରନ୍ତି ନାହିଁ । ମୃତ୍ୟୁ ଦ୍ୱାରା ଏ ଶରୀରରୁ ଆତ୍ମା ଚାଲିଯାଏ ଓ ଅନ୍ୟ ଏକ ନୂତନ ଶରୀର ନିର୍ମାଣ କରିଥାଏ । "Death does not mean the annihilation of anything, or destruction or reduction into

**nothingness of anything, but it means disintegration of gross physical body."** ଯେଉଁ ମୌଳିକ ଉପାଦାନଗୁଡ଼ିକରୁ ଶରୀର ନିର୍ମିତ ହୋଇଥାଏ, ମୃତ୍ୟୁ ପରେ ସେଇ ଉପାଦାନଗୁଡ଼ିକରେ ମିଶିଯାଏ । ଏହାକୁ ଧ୍ୱଂସ ବା ଲୋପସାଧନ କହିଯାଇ ନ ପାରେ । ଏହାକୁ ଅଣୁ-ପରମାଣୁ ଏବଂ କୋଷରେ ବିକେନ୍ଦ୍ରୀକରଣ ଓ ଆକୃତି ପ୍ରକୃତିର ପରିବର୍ତ୍ତନ ବୋଲି କହିବାକୁ ହେବ ।

ମନୁଷ୍ୟ ଶରୀର ନିତ୍ୟପରିବର୍ତ୍ତନଶୀଳ । ପ୍ରତି ମୁହୂର୍ତ୍ତରେ ଶରୀରରେ ପରିବର୍ତ୍ତନ ଘଟୁଥାଏ । ଏତେ ପରିବର୍ତ୍ତନ ମଧ୍ୟରେ ଯେଉଁ ଅପରିବର୍ତ୍ତନୀୟ ଶକ୍ତି ମନୁଷ୍ୟର ନିଜତ୍ୱ ( individuality ) କୁ ରକ୍ଷାକରେ, ତାହା ହିଁ ଆତ୍ମା । ରଞ୍ଜନରଶ୍ମି ( X-Ray ) ଦ୍ୱାରା ଶରୀରକୁ ଦେଖିଲେ ଦେଖାଯାଏ ଯେ ହାଡ଼ର ଚତୁଃପାର୍ଶ୍ୱରେ ଏକ ପ୍ରକାର ଅସ୍ୱଚ୍ଛ ବାଷ୍ପ ବା କୁହୁଡ଼ି ଭଳି ପଦାର୍ଥ ଘେରିରହିଛି । ଆମକୁ ଖାଲି ଆଖିରେ ଶରୀରର ଆକାର ଯେପରି ଦେଖାଯାଏ, ରଞ୍ଜନରଶ୍ମି ଦ୍ୱାରା ତା ଅନ୍ୟ ଏକ ପ୍ରକାର ଭାବରେ ଦେଖାଯାଏ ।

ଆମେ ପଞ୍ଚେନ୍ଦ୍ରିୟ ଦ୍ୱାରା ଶରୀରକୁ ଯେପରି ବୋଲି ଭାବୁଥାଉଁ, ଅନ୍ୟ ଏକ ଶକ୍ତିଦ୍ୱାରା ଆମକୁ ତା' ଭିନ୍ନ ରୂପ ଦେଖାଯାଏ । ଶକ୍ତିଶାଳୀ ଅଦୃଶ୍ୟ ରଞ୍ଜନରଶ୍ମି ଦ୍ୱାରା ଆମେ ଶରୀରକୁ ଭିନ୍ନ ରୂପରେ ଦେଖିପାରିବାକୁ ସମର୍ଥ ହେଉ । ତେଣୁ ଶରୀରର ସ୍ଥିତିକୁ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ଅବସ୍ଥାଦ୍ୱାରା ଆମେ ଯେପରି ରୂପରେ ଦେଖୁ, ତାକୁ ପ୍ରକୃତ ବୋଲି ଭାବିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ସେହିପରି ଆତ୍ମାକୁ ଆମେ ପଞ୍ଚଇନ୍ଦ୍ରିୟଦ୍ୱାରା ଦେଖି ପାରୁନାହିଁ, ମାତ୍ର ଯୋଗବଳରେ ଅନୁଭବ କରିପାରୁ । ଆତ୍ମା ହେଉଛି ବିଦ୍ୟୁତ୍

ଶକ୍ତି ଭଳି ଏକପ୍ରକାର ଜୀବନୀଶକ୍ତି — ଯାହାର କାର୍ଯ୍ୟକୁ ( manifestation ) କୁ ଆମେ ଦେଖିପାରୁ ଓ ତା'ଦ୍ୱାରା ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ ହେଉ ।

ଆମର ପଞ୍ଚଇନ୍ଦ୍ରିୟ ଦ୍ୱାରା ଆମେ ପୃଥିବୀରେ ତିନି ପ୍ରକାର ବସ୍ତୁତକୁ ଜାଣିପାରୁ । ଲମ୍ବ, ଚୌଡ଼ା ଓ ମୋଟାଇ ( **Length, Breadth and depth** ) । ଏହାକୁ **Three dimensions** କୁହାଯାଏ । ମାତ୍ର ଏକ ପ୍ରକାର ଚତୁର୍ଥ ବସ୍ତୁତ **fourth dimension** ଆମେ ପଞ୍ଚେନ୍ଦ୍ରିୟ ଦ୍ୱାରା ଦେଖିପାରୁ ନାହିଁ ବା ଜାଣିପାରୁ ନାହିଁ । ଆମର ସମସ୍ତ ଅନୁଭୂତି ପଞ୍ଚଇନ୍ଦ୍ରିୟ ଓ ସ୍ଥାନ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ । ମୃତ୍ୟୁ ପରେ ଯେତେବେଳେ ଆମର ପଞ୍ଚଇନ୍ଦ୍ରିୟ ଓ ଶରୀରର ଚେତନଶକ୍ତି ଲୋପ ପାଇଯାଏ, ସେତେବେଳେ ଆତ୍ମା ବା ଚେତନଶକ୍ତି ସେହି ଚତୁର୍ଥ ବସ୍ତୁତର ଶୂନ୍ୟତା ମଧ୍ୟରେ ଘୂରିବୁଲେ । ସେତେବେଳେ ତାର ଅନୁଭବଶକ୍ତି ରହେ ନାହିଁ ଓ ତା ସମୟ, ସ୍ଥାନ ବା ବାତାବରଣର ପରିବର୍ତ୍ତନକୁ ଅନୁଭବ କରିପାରେ ନାହିଁ ।

ଆମର ନିଦ୍ରାବସ୍ଥାରେ ପଞ୍ଚଇନ୍ଦ୍ରିୟର ଶକ୍ତି ଲୋପ ପାଇ ଯାଇଥାଏ । ଆମେ ସ୍ଥାନ, କାଳ, ପାତ୍ରର ପରିବର୍ତ୍ତନ ଜାଣିପାରୁ ନାହିଁ । ସେହିପରି ମୃତ୍ୟୁ ପରେ ଆତ୍ମା ଇନ୍ଦ୍ରିୟ ଅନୁଭୂତିବିହୀନ ହୋଇପଡ଼େ, ମାତ୍ର ସ୍ୱପ୍ନ ଦେଖିଲା ଭଳି ସେ ତାର ପୂର୍ବଜନ୍ମର କେତେକ କାର୍ଯ୍ୟାବଳୀର ଫଳ ଭୋଗକରେ । ଗୋଟିଏ ପ୍ରକାର ଚେତନା ଲୋପ ପାଇଗଲେ ମଧ୍ୟ ଆତ୍ମା ଅନ୍ୟ ଏକ ପ୍ରକାର ଚେତନା ମଧ୍ୟ ଦେଇ ନିଜର ଅସ୍ତିତ୍ୱ ବଜାୟ ରଖେ । **Death means a change ~~a change~~ from one state of consciousness to another state of consciousness. (Vedanta )**

ଆମେ ତପସ୍ୟା କଲା ସମୟରେ ବା ଧ୍ୟାନମଗ୍ନ ଥିବାବେଳେ ଯେପରି ବାହ୍ୟ ଦୁନିଆଁ ସହିତ ପଞ୍ଚେନ୍ଦ୍ରିୟ ବା ଶରୀରର ସମସ୍ତ ସମ୍ପର୍କ ଛାଡ଼ିଦେଉ ବା ସମ୍ପର୍କ କ୍ଷୀଣ କରିଦେଉ, ଠିକ୍ ସେହିପରି ମୃତ୍ୟୁ ପରେ ଶରୀର ସହିତ ବାହ୍ୟ ଦୁନିଆର ସମସ୍ତ ସମ୍ପର୍କ କଟିଯାଏ ଓ ପଞ୍ଚେନ୍ଦ୍ରିୟ ଦ୍ୱାରା ଆତ୍ମା ଯେଉଁ ଅନୁଭବଶକ୍ତି ପାଉଥିଲା, ତା ବନ୍ଦ ହୋଇଯାଏ । ପଞ୍ଚେନ୍ଦ୍ରିୟ ହେଉଛି ବାହ୍ୟ ଦୁନିଆଁ ସହିତ ଶରୀରର ଯୋଗସୂତ୍ରକାରୀ ପ୍ରତିନିଧି । ତା ଦ୍ୱାରା ଆମେ କେବଳ ତିନୋଟି ବିସ୍ତୃତି ଅନୁଭବ କରିପାରୁ ଓ ଦେଖିପାରୁ । ମାତ୍ର ମହାଶୂନ୍ୟର ଚତୁର୍ଥ ବିସ୍ତୃତି କେବଳ ଧ୍ୟାନ ବା ଯୋଗବଳରେ ଅନୁଭବ କରାଯାଏ । ଏ ଅବସ୍ଥାରେ ସମୟ, ସ୍ଥାନ ଓ ବିସ୍ତୃତିର କୌଣସି ମୂଲ୍ୟ ରହେ ନାହିଁ । ଏହା ଶାନ୍ତ, ନିଶ୍ଚଳ, ଅପରିବର୍ତ୍ତନୀୟ ଓ ଇନ୍ଦ୍ରିୟଦ୍ୱାରା ଅନୁଭବ କରାଯାଇ ନ ପାରେ ।

ତେଣୁ ବେଦାନ୍ତ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରେ, ଜନ୍ମ ହେଲେ ହିଁ ମୃତ୍ୟୁ ସୁନିଶ୍ଚିତ ଏବଂ ମୃତ୍ୟୁ ପରେ ପୁନର୍ଜନ୍ମ ମଧ୍ୟ ସୁନିଶ୍ଚିତ । ଆମର ପୂର୍ବଜନ୍ମର କର୍ମର ଫଳ ଆମର ଏ ଜନ୍ମର ଭାଗ୍ୟକୁ ନିୟନ୍ତ୍ରିତ କରେ ଏବଂ ଏ ଜନ୍ମର କର୍ମ, ଚିନ୍ତାଧାରା ଓ ବାସନା ଆମର ପରବର୍ତ୍ତୀ ଜନ୍ମର ଭାଗ୍ୟକୁ ନିୟନ୍ତ୍ରିତ କରିବ । ସେଥିପାଇଁ ମନୁଷ୍ୟ ନିଜର ପ୍ରତ୍ୟେକଟି କର୍ମ, ପ୍ରତ୍ୟେକଟି ଚିନ୍ତା, ପ୍ରତ୍ୟେକଟି ବାସନା ନିମନ୍ତେ ନିଜ ନିକଟରେ ଦାୟୀ ରହେ । ଦୁନିଆର କୌଣସି ଶକ୍ତି ଭାଗ୍ୟକୁ ବଦଳାଇ ଦେଇ ନ ପାରେ । ଗ୍ରହଶାନ୍ତି ନିମନ୍ତେ ଯଜ୍ଞ, ପୂଜା, କବଚ ଧାରଣ ଇତ୍ୟାଦି କଲେ କୌଣସି ଲାଭ ହେବ ନାହିଁ । ନିଜର କର୍ମଫଳକୁ ନିଜର କର୍ମଦ୍ୱାରା ହିଁ କାଟି ଦେଇ ହେବ । ତା ଛଡ଼ା ଅନ୍ୟ ଉପାୟ ନାହିଁ । "Every action will be followed by an equally forceful reaction".

ତେଣୁ ମୃତ୍ୟୁ ପରେ ଯେ ଜୀବନ ଶେଷ ହୋଇଗଲା, ଏ କଥା ଭାବି ଯେଉଁମାନେ ନାନାପ୍ରକାର ପାପକର୍ମରେ ଲିପ୍ତ ରହନ୍ତି ଓ ଜୀବନକୁ ଅନ୍ୟାୟ ଭାବରେ ଉପଭୋଗ କରନ୍ତି, ସେମାନେ ବିଭ୍ରାନ୍ତ । ଜନ୍ମ-ମୃତ୍ୟୁର ଅସରନ୍ତି ଚକ୍ର ମଧ୍ୟରେ କର୍ମଫଳର ଯନ୍ତ୍ରାରୁ ନିସ୍ତାର ପାଇବା ଅସମ୍ଭବ । କେତେ ସହସ୍ର ଜନ୍ମମୃତ୍ୟୁ ମଧ୍ୟ ଦେଇ ମନୁଷ୍ୟ ପଶୁ ସ୍ତରରୁ ମନୁଷ୍ୟ ସ୍ତରକୁ ଆସିପାରିଛି, ତା କଳନା କରିବା ସମ୍ଭବ ନୁହେଁ । ମନୁଷ୍ୟ ସ୍ତରରେ ମଧ୍ୟ ବହୁତ ସ୍ତର ଅଛି । ଆଦିମ ପ୍ରବୃତ୍ତି-ସମ୍ପନ୍ନ ପାଶବିକ ମନୁଷ୍ୟଠାରୁ ଆରମ୍ଭ କରି ଉଚ୍ଚସ୍ତରର ଜ୍ଞାନୀ-ମାନବ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ମଧ୍ୟ ବହୁତ ଗୁଡ଼ିଏ ଜନ୍ମମୃତ୍ୟୁର ଚକ୍ର (Cycle) ମଧ୍ୟ ଦେଇ ଆତ୍ମାକୁ ଗତି କରିବାକୁ ହୁଏ । ତେଣୁ ଯେଉଁ-ମାନେ ବୈଷୟିକ ଭୋଗବିଳାସରେ ମାତି ରହି ଧର୍ମକୁ ସର୍ବ ମଣୁଛନ୍ତି, ଆତ୍ମଗର୍ବରେ ସ୍ଫୀତ ହୋଇ ଭଗବାନ (ବିଶ୍ୱଆତ୍ମା)ଙ୍କର ସ୍ଥିତିକୁ ଅସ୍ୱୀକାର କରନ୍ତି, ସେମାନେ ମନୁଷ୍ୟ ସ୍ତରର ପ୍ରାଥମିକ ଅବସ୍ଥାରେ ପହଞ୍ଚିଛନ୍ତି । ଉଚ୍ଚସ୍ତରରେ ପହଞ୍ଚିବା ନିମନ୍ତେ ସେମାନଙ୍କୁ ବହୁତଗୁଡ଼ିଏ ଜନ୍ମମୃତ୍ୟୁର ଆବର୍ତ୍ତନ ମଧ୍ୟ ଦେଇ ଗତି କରିବାକୁ ପଡ଼ିବ ।

## ଆତ୍ମାର ଇଚ୍ଛାଶକ୍ତି

ଆମର ବର୍ତ୍ତମାନର ସ୍ଥିତି ଅତୀତର କୌଣସି ଏକ କାରଣର ଫଳ । କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ଆମର ଜନ୍ମ ବା ମୃତ୍ୟୁ ଘଟି ନ ପାରେ । କୌଣସି କାରଣ ନ ଥାଇ ଆମର ଜନ୍ମ ସମ୍ଭବ ହୋଇ ନ ପାରେ । ଆମର ଜନ୍ମମୃତ୍ୟୁର କାରଣ ଅନ୍ୟ କୌଣସି

ବାହ୍ୟ କାରଣ ନାହିଁ; ଏହା ଆମର ମଧ୍ୟରେ ରହିଛି । ଗୋଟିଏ ବୃକ୍ଷର ସମସ୍ତ ଗୁଣ ଯେପରି ଏକ କ୍ଷୁଦ୍ରବୀଜ ମଧ୍ୟରେ ସଙ୍କୁଚିତ ଓ ଅଦୃଶ୍ୟ ହୋଇ ରହିଥାଏ ଓ ଅନୁକୂଳ ପରିସ୍ଥିତିରେ ସେ ବୀଜରୁ ବୃକ୍ଷର ସୃଷ୍ଟି ହୁଏ, ସେହିପରି ମନୁଷ୍ୟର ମୃତ୍ୟୁ ପରେ ତାର ସମସ୍ତ ଅଭିଜ୍ଞତା, ଗୁଣଗ୍ରାମ, ସଂସ୍କାର, ଇଚ୍ଛାଶକ୍ତି ଅଦୃଶ୍ୟ ହୋଇ ଆତ୍ମା ସହିତ ରହିଥାଏ । ପୁନଶ୍ଚ ଅନୁକୂଳ ପରିସ୍ଥିତିରେ ତା ଏକ ନୂତନ ଶରୀର ନିର୍ମାଣ କରି ନିଜକୁ ପ୍ରକାଶ କରିଥାଏ ।

ଏକ ବିରାଟ ବଟବୃକ୍ଷର ସମସ୍ତ ଗୁଣ ଯେପରି ଏକ ଅତ୍ୟନ୍ତ କ୍ଷୁଦ୍ରବୀଜ ମଧ୍ୟରେ ସଙ୍କୁଚିତ ହୋଇ ରହିଯାଏ, ସେହିପରି ମନୁଷ୍ୟର ସମସ୍ତ ଗୁଣ, ସଂସ୍କାର ଓ କର୍ମ ଅଦୃଶ୍ୟ ହୋଇ ରହିଥାଏ । ପିତାମାତା ସନ୍ତାନର ଶରୀରକୁ ନିର୍ମାଣ କରିବାରେ ସାହାଯ୍ୟ କରନ୍ତି; ମାତ୍ର ତାର ମୂଳ କାରଣ ହେଉଛି, ଆତ୍ମାର ଇଚ୍ଛାଶକ୍ତି । ଯେଉଁ ପରିସ୍ଥିତି ଓ ବାତାବରଣ ମଧ୍ୟରେ ସେ ନିଜର ଅପୂରନ୍ତ ବାସନା ପୂରଣ କରିବାକୁ ସମର୍ଥ ହେବ ଓ ନିଜକୁ ଅଧିକ ପରିମାର୍ଜିତ କରିପାରିବ, ସେହିଠାରେ ସେ ଜନ୍ମଗ୍ରହଣ କରେ ।

ଯେ ପର୍ଯ୍ୟନ୍ତ ମନୁଷ୍ୟ ଏ କଥା ନ ବୁଝିଛି ଯେ ସେ ହେଉଛି ବିଶ୍ୱଆତ୍ମାର ଏକ ଅଂଶ, ସେ ପର୍ଯ୍ୟନ୍ତ ସେ ବାରମ୍ବାର ଜନ୍ମଗ୍ରହଣ କରୁଥାଏ । ପ୍ରକୃତରେ ଆତ୍ମା ହେଉଛି ଅଦ୍ୱୈତ ଓ ଏକ । ଯେପରି କେତେଗୁଡ଼ିଏ ବିଭିନ୍ନ ରଙ୍ଗର ଓ ବିଭିନ୍ନ ଆକୃତିର କାଚ ବୋତଲର ଠିପି ଖୋଲି ରଖିଦେଲେ ସବୁ ମଧ୍ୟରେ ବାୟୁ ପ୍ରବେଶ କରିଥାଏ, ମାତ୍ର ବୋତଲର ଆକୃତି ଓ ବର୍ଣ୍ଣ ବିଭିନ୍ନ ପ୍ରକାର ଦେଖାଯାଏ, ସେହିପରି ବିଶ୍ୱଆତ୍ମା ବାୟୁ ଭଳି ସବୁଆଡ଼େ ପରିବ୍ୟାପ୍ତ ହୋଇ ରହିଛି । କେବଳ

ବିଭିନ୍ନ ଶରୀରରେ ତା ପ୍ରବେଶ କରି ମନୁଷ୍ୟକୁ କର୍ମଫଳର ଯନ୍ତ୍ରା ମଧ୍ୟରେ ଓ ଜନ୍ମମୃତ୍ୟୁର ଆବର୍ତ୍ତନ ମଧ୍ୟରେ ବିଭିନ୍ନ ପ୍ରକାର ଅଭିଜ୍ଞତା ଦେଇ ଶେଷରେ ମୋକ୍ଷପ୍ରାପ୍ତି କରାଇଥାଏ । ମାତ୍ର ଆତ୍ମା ହେଉଛି ଅପରିବର୍ତ୍ତନୀୟ, ସର୍ବବ୍ୟାପୀ ଓ ଚିରପବିତ୍ର । ଚୁମ୍ବକ ଲୁହାକୁ ଟାଣିବା ପରି ଏହା ମନକୁ ମନ ବିଶ୍ୱଆତ୍ମା ଆଡ଼କୁ ଟାଣି ହେଉଥାଏ; ଯେହେତୁ ଏହା ବିଶ୍ୱଆତ୍ମାର ଏକ କଣିକା ।

ତେଣୁ ମୃତ୍ୟୁ ଦ୍ୱାରା କେବଳ ଆମ ଶରୀରର ଆକୃତି ପ୍ରକୃତିର ପରିବର୍ତ୍ତନ ହେଲେ ମଧ୍ୟ ମୂଳ ଜୀବନୀଶକ୍ତି ନଷ୍ଟ ହୋଇଯାଏ ନାହିଁ । ଏହା କେବଳ ଶରୀରକୁ ତ୍ୟାଗ କରି ଚାଲିଯାଏ ଓ ଗଲାବେଳେ ନିଜ ସହିତ ଜୀବନର ସମସ୍ତ ଅଭିଜ୍ଞତା, କର୍ମ, ଲକ୍ଷ୍ୟ, ସଂସ୍କାର ଓ ଗୁଣ ନେଇଯାଏ । ଆମ ଶରୀରର ପ୍ରତି ମୁହୂର୍ତ୍ତରେ ଉତ୍ପାଦନ କ୍ଷୟ ଓ ପରିବର୍ତ୍ତନ ହେଉଛି । ମସ୍ତିଷ୍କ ଓ ମନର ମଧ୍ୟ ପରିବର୍ତ୍ତନ ହେଉଛି । ମାତ୍ର ଯେଉଁ ଅପରିବର୍ତ୍ତନୀୟ ଶକ୍ତି ଦ୍ୱାରା ଏତେ ପରିବର୍ତ୍ତନ ମଧ୍ୟରେ ଆମର ନିଜତ୍ୱ ( ମୁଁ ଜ୍ଞାନ ) ବଜାଏ ରହେ, ତାହା ହିଁ ଆତ୍ମା ବା ଚେତନଶକ୍ତି ।

ମହାସମୁଦ୍ର ବକ୍ଷରେ ଲକ୍ଷ ଲକ୍ଷ ଲହଡ଼ି ପରି ଦୁନିଆରେ ଲକ୍ଷ ଲକ୍ଷ ବ୍ୟକ୍ତି ଦେଖାଯାନ୍ତି । ମାତ୍ର ଏଇ ଲହଡ଼ିଗୁଡିକ ମହାସମୁଦ୍ରର ଜଳର ଅଂଶବିଶେଷ । ଏଗୁଡ଼ିକ କୌଣସି କାରଣ ଯୋଗୁଁ ନିଜକୁ ପ୍ରକାଶ କରିଥାଆନ୍ତି ଓ ଯେତେବେଳେ ବୁଝିପାରନ୍ତି ଯେ ସେମାନଙ୍କ ଓ ମହାସମୁଦ୍ର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ଏକ ଓ ଅଭିନ୍ନ; ସେତେବେଳେ ସେଗୁଡ଼ିକ ଶାନ୍ତ, ନିଶ୍ଚଳ ହୋଇଯାଆନ୍ତି; ସେହିପରି ମନୁଷ୍ୟ ଯେ ପର୍ଯ୍ୟନ୍ତ ବିଶ୍ୱଆତ୍ମା ଓ ନିଜ ମଧ୍ୟରେ ପାର୍ଥକ୍ୟ ଅନୁଭବ କରୁଥାଏ ଓ

ନିଜର ପୃଥକ ଅସ୍ତିତ୍ୱକୁ ବଜାୟ ରଖିବାକୁ ଇଚ୍ଛାକରେ, ସେତେଦିନ ପର୍ଯ୍ୟନ୍ତ ସେ ଜନ୍ମମୃତ୍ୟୁର ଆବର୍ତ୍ତନ ମଧ୍ୟରେ କର୍ମଫଳ ଭୋଗ କରି କରି ଚାଲିଥାଏ । ଯେତେବେଳେ ତାର ଜ୍ଞାନ ହୁଏ ଏବଂ ସେ ବିଶ୍ୱଆତ୍ମା ଓ ନିଜକୁ ଏକ ଓ ଅଭିନ୍ନ ବୋଲି ମନେକରେ, ସେତେବେଳେ ତାର ଆଉ ଜନ୍ମଗ୍ରହଣ କରିବା ଆବଶ୍ୟକ ହୁଏ ନାହିଁ । ଶରୀର ହେଉଛି ଗୋଟିଏ ଯନ୍ତ୍ର, ଯାହାଦ୍ୱାରା ଆତ୍ମା ନିଜକୁ ପ୍ରକାଶ କରିଥାଏ । ଏ ଯନ୍ତ୍ର ସ୍ୱାଧୀନଭାବରେ ନିଜେ କୌଣସି କର୍ମ କରିପାରିବ ନାହିଁ ।

ବିବର୍ତ୍ତନବାଦ ( evolution )ରେ କ୍ଷୁଦ୍ର ଏକ କୋଷବିଶିଷ୍ଟ ଜେଲି ଜାତୀୟ ଜୀବଠାରୁ ଆରମ୍ଭ କରି ବହୁ କୋଷବିଶିଷ୍ଟ ଶ୍ରେଷ୍ଠଜୀବ ମନୁଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ଜୀବକୁ କେତେ ଲକ୍ଷ ବର୍ଷ ଲାଗିଛି, ତାର କଳନା ନାହିଁ । ମାତ୍ର ଏଇ ଆବର୍ତ୍ତନ ଓ ବିବର୍ତ୍ତନର ଚକ୍ର ଚିରଦିନ ଚାଲୁଛି; କାରଣ ସୃଷ୍ଟି କେବଳ ବିଭିନ୍ନତା ଯୋଗୁଁ ସମ୍ଭବପର ହୁଏ । ସବୁ ସମୟରେ ଯଦି ପ୍ରଖର ସୂର୍ଯ୍ୟକିରଣ ପଡ଼ିଥିବ ଓ ରାତି ହେଉନ ଥିବ, ତେବେ ସୃଷ୍ଟି ଧ୍ୱଂସ ପାଇଯିବ । ତେଣୁ ବିଶ୍ୱବ୍ରହ୍ମାଣ୍ଡରେ ନାନା ପ୍ରକାର ବିଭିନ୍ନତା ପରିଲକ୍ଷିତ ହୁଏ । ପୂର୍ଣ୍ଣିମା, ଅମାବାସ୍ୟା, ଦିନରାତି, ଗ୍ରୀଷ୍ମ, ଶୀତ, ଜଳ, ସ୍ଥଳ ଇତ୍ୟାଦି ପରିଲକ୍ଷିତ ହୁଏ ।

ମନୁଷ୍ୟ ଓ ଜୀବଜନ୍ତୁମାନେ କାହିଁକି ଜନ୍ମଗ୍ରହଣ କରି କିଛିଦିନ ପାଇଁ ବଞ୍ଚିରହି ପୁଣି ମୃତ୍ୟୁମୁଖରେ ପତିତ ହୁଅନ୍ତି ? କାହିଁକି ସେମାନେ ଦୁନିଆରେ କେତେକ କାର୍ଯ୍ୟ କରି ହଠାତ୍ ଅପ୍ରତ୍ୟାଶିତ ଭାବରେ ଚାଲି ଯାଆନ୍ତି ? କେତେକ ଲୋକ କାହିଁକି ଅଳ୍ପ କେତେ ମାସ ବଞ୍ଚନ୍ତି, ପୁଣି ଅନ୍ୟ କେତେକ ଶହେ ବର୍ଷ ବଞ୍ଚନ୍ତି ? ଏହାର କାରଣ କଣ ? ଅତୀତର କୌଣସି କାରଣ ନ ଥାଇ ଏହା କଣ କେବେ ସମ୍ଭବ ହୋଇପାରେ ?

**Something cannot come out of nothing. Cause** (କାରଣ) ଓ effect (ଫଳ)ଦ୍ୱାରା ଏହାକୁ ବୁଝାଇ ଦିଆଯାଇପାରେ । **Cause means the unmanifested state of the effect, and effect means the manifested state of the cause.** ଅର୍ଥାତ୍ କାରଣ ହେଉଛି ଫଳର ଅଦୃଶ୍ୟ ଓ ସଙ୍କୁଚିତ ଅବସ୍ଥା ଏବଂ ଫଳ ହେଉଛି କାରଣର ପ୍ରକାଶିତ ଓ ପ୍ରକଟିତ ଅବସ୍ଥା । ତେଣୁ ଜୀବାତ୍ମାଶକ୍ତି କହିଲେ ଅଦୃଶ୍ୟ ଶକ୍ତିକୁ ବୁଝାଯାଏ । ଯାହା ଇଚ୍ଛାଦ୍ୱାରା ପରିବେଷ୍ଟିତ ହୋଇ ନିଜର ପୂର୍ବବର୍ତ୍ତୀ ଜୀବନର ସମସ୍ତ ଗୁଣ ଓ ସଂସ୍କାରକୁ ସଙ୍କୁଚିତ (latent) ଅବସ୍ଥାରେ ନିଜ ମଧ୍ୟରେ ରଖିଥାଏ । ବୁଦ୍ଧି ଓ ଇଚ୍ଛାଶକ୍ତି ଏହା ସହିତ ମଧ୍ୟ ରହିଥାଏ ।

ବୁଦ୍ଧି ବା ଇଚ୍ଛାଶକ୍ତି ଏହା ସହିତ ଥିବାଯୋଗୁଁ ଏହା ନିଜର ଭବିଷ୍ୟତର କାର୍ଯ୍ୟକ୍ରମ ସ୍ଥିର କରିବାକୁ ସକ୍ଷମ ହୋଇଥାଏ । କେଉଁ ପରିସ୍ଥିତି ଓ ବାତାବରଣ ମଧ୍ୟରେ ଶରୀର ଗଠନ କଲେ ନିଜର ଇଚ୍ଛା ପୂରଣ କରିବା ସମ୍ଭବପର ହେବ, ତା ବିଚାର କରି 'ଜୀବାତ୍ମାଶକ୍ତି' କାର୍ଯ୍ୟ କରିଥାଏ । ଶରୀର ଗଠନ ଏକ ସାଂସାରିକ କାର୍ଯ୍ୟ ହୋଇଥିବାରୁ ତା ସ୍ଥାନ, କାଳ, ପାତ୍ର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଯେତେବେଳେ ଜୀବାତ୍ମାଶକ୍ତି ଭୁଲକ୍ରମେ କୌଣସି ଭ୍ରୂଣରେ ପ୍ରବେଶ କରେ ଓ ପରେ ସେ ଶରୀରରେ ରହିବାକୁ ଇଚ୍ଛାକରେ ନାହିଁ, ସେପରି କ୍ଷେତ୍ରରେ ଦେଖାଯାଏ ଯେ ଶିଶୁ ଜନ୍ମହେବା ପୂର୍ବରୁ ବା ପରେ ପ୍ରାଣତ୍ୟାଗ କରେ । କେତେକ କ୍ଷେତ୍ରରେ ଦେଖାଯାଏ, ଯଦିବା ଶିଶୁ ବଞ୍ଚି ରହି ମନୁଷ୍ୟ ହୁଏ, ସେ ଜୀବନରେ ଘୋର ଅଶାନ୍ତି ଅନୁଭବ କରେ । ଏହା ଜୀବାତ୍ମାଶକ୍ତିର ଭୁଲ ଶରୀରରେ ପ୍ରବେଶଯୋଗୁଁ ହୋଇପାରିଥାଏ କିମ୍ବା ଏହାର ଅନ୍ୟ ଏକ କାରଣ ମଧ୍ୟ ଥାଇପାରେ ।

ଯଦି ପୂର୍ବଜନ୍ମରେ ପାପକାର୍ଯ୍ୟର ଅନୁତାପ ନିମନ୍ତେ ଯଥେଷ୍ଟ ସମୟ ମିଳି ନ ଥାଏ ଓ ବ୍ୟକ୍ତିର ଆକସ୍ମିକ ମୃତ୍ୟୁ ହୋଇଯାଇଥାଏ, ତେବେ ତାକୁ ଏ ଜନ୍ମରେ ଅନୁତାପ ଓ ଅଶାନ୍ତି ଭୋଗ କରିବାକୁ ପଡ଼ି ନ ଥାଏ । କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ମଧ୍ୟ ସେ ଭୀଷଣ ଅଶାନ୍ତି ଭୋଗକରେ ଓ ନିଜକୁ ଦୋଷୀ ମନେକରେ ।

ଶକ୍ତିର ପ୍ରକାଶ ନିମନ୍ତେ କୌଣସି ଏକ ଯନ୍ତ୍ରର ଆବଶ୍ୟକ ହୁଏ । ବିଦ୍ୟୁତ୍‌ଶକ୍ତିକୁ କେହି ଦେଖିପାରନ୍ତି ନାହିଁ । ଏହାଦ୍ୱାରା ଆଲୋକ ଉତ୍ପାଦିତ କରାଯାଏ, ପଙ୍ଖା ବୁଲାଯାଏ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯାଏ । ଏଇ ବୈଦ୍ୟୁତିକ ବଲ୍‌ବ୍ ଓ ପଙ୍ଖା ହେଉଛି ଗୋଟିଏ ଗୋଟିଏ ବାହ୍ୟଶରୀର , ଯାହା ମଧ୍ୟ ଦେଇ ବିଦ୍ୟୁତ୍‌ଶକ୍ତି ନିଜକୁ ପ୍ରକାଶ କରିଥାଏ ।

ନିଦ୍ରା ଓ ମୃତ୍ୟୁ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିଛି । ଗାଢ଼ ନିଦ୍ରା ସମୟରେ ଯେପରି ସମୟ ଆଦୌ ଜଣାପଡ଼େ ନାହିଁ, ମୃତ୍ୟୁ ପରେ ଆତ୍ମାକୁ ମଧ୍ୟ ସମୟ ଜଣାପଡ଼େ ନାହିଁ । ଆମ ପକ୍ଷରେ ୧୦୦ ବର୍ଷ ହୁଏ ତ ଆତ୍ମା ପକ୍ଷରେ ୧ ଦିନପରି ଜଣାଯାଇପାରେ । ଚତୁର୍ଥ ବସ୍ତୁତରେ ସମୟ ଓ ସ୍ଥାନର କୌଣସି ସ୍ଥିତି ରହେ ନାହିଁ । ଆତ୍ମା ପୁନଶ୍ଚ ଜନ୍ମଗ୍ରହଣ କଲାପରେ ତାକୁ ଏକ ଦୀର୍ଘ ନିଦ୍ରାରୁ ଉଠିଲା ପରି ଜଣାପଡ଼େ ଓ ଆମର ଅତୀତର କଥା ସ୍ମରଣ ରହେ ନାହିଁ । ଜୀବନ ପୁଣି ନୂଆ କରି ଆରମ୍ଭ ହେଲାପରି ଜଣାପଡ଼େ । ମାତ୍ର ପୂର୍ବଜନ୍ମର କର୍ମଫଳଦ୍ୱାରା ତାର ଯେ ଜୀବନ ପ୍ରଭାବିତ ହୁଏ, ସେ କଥା ଆମେ ବୁଝିପାରୁ ନାହିଁ । ଆମେ 'ଇଗୋ'କୁ ଆତ୍ମା ବୋଲି ଭାବି ନେଇ ବିଭ୍ରାନ୍ତ ହେଉ । କେବଳ ରାଜଯୋଗୀମାନେ ନିଜର ଆତ୍ମାକୁ ଅନୁଭବ କରିପାରନ୍ତି ଓ ନିଜର ଅତୀତର ସମସ୍ତ ଜନ୍ମକୁ ସ୍ମରଣ କରିପାରନ୍ତି ।

"As we throw away our old garments and put on new ones, so the individual ego or germ on life after throwing away the old body, maunfactures rew form for the purpose of fulfiing the aim of life."

— Vedanta.

ଅନେକେ ହୁଏ ତ ପ୍ରଶ୍ନ କରିପାରନ୍ତି, ଯଦି ଆମର ପୂର୍ବଜନ୍ମ ଥିଲା, ତେବେ ଆମେ ପୂର୍ବଜନ୍ମକୁ ମନେରଖିପାରୁ ନାହିଁ କାହିଁକି ? ମାତ୍ର ଆମେ ଏ ଜନ୍ମର ସମସ୍ତ ଘଟଣା ମନେରଖିପାରୁ କି ? ଆମେ ଯେତେବେଳେ ଶିଶୁ ଥିଲୁ ବା ବାଲ୍ୟାବସ୍ଥାରେ ଥିଲୁ, ସେତେବେଳର ସମସ୍ତ ଘଟଣା ଆମେ କଣ ମନେରଖିଛୁ ? ଆମର ସ୍କୁଲ ଓ କଲେଜର ଅନେକ ସହପାଠୀମାନଙ୍କୁ ଆମେ ଦେଖି ମଧ୍ୟ ଚିହ୍ନିପାରୁ ନାହିଁ । ତେଣୁ ଦୀର୍ଘ ଶହ ଶହ ବର୍ଷର ପୂର୍ବଜନ୍ମର ଘଟଣା କିପରି ମନେରହିବ ? ବରଂ ଭୁଲିଯିବା ଦ୍ୱାରା ଆମେ ଅନେକ ମାନସିକ ଅଶାନ୍ତିରୁ ରକ୍ଷାପାଉ ଏବଂ ଅତୀତ ବିଷୟରେ ଚିନ୍ତା ନ କରି ଭବିଷ୍ୟତକୁ ଦୃଷ୍ଟି ଦେଇ କର୍ମକ୍ଷେତ୍ରରେ ଅଗ୍ରସର ହେବାର ପ୍ରେରଣା ପାଉ । ଏହି ଭୁଲିଯିବା ପରୋକ୍ଷରେ ଆମ ପ୍ରତି ପ୍ରକୃତିର ଏକ ଆଶୀର୍ବାଦ । ସବୁ ଜିନିଷ ଯଦି ଆମର ମନେ ରହୁ ଥାଆନ୍ତା, ତେବେ ହୁଏ ତ ଆମର ଜୀବନର ଅବସ୍ଥା ଶୋଚନୀୟ ହୋଇଯାଆନ୍ତା ।

ଏଥିପାଇଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ, "Both you and I have passed through many births, you know them not, while I know them all."

—Bhagbat Gita

ଆମେ ଯଦି ନିକଟ ଭବିଷ୍ୟତରେ ଆମ ଉପରେ କୌଣସି ବଡ଼ ବିପଦ ପଡ଼ିବ ବୋଲି ଜାଣିପାରନ୍ତୁ, ତେବେ ହୁଏ ତ ଆମେ କୌଣସି କାର୍ଯ୍ୟ ନ କରି କେବଳ ସେହି ବିଷୟ ଭାବି ଭାବି ବ୍ୟସ୍ତ ହୁଅନ୍ତୁ । ତେଣୁ ଆମେ ଯେ ପୂର୍ବଜନ୍ମର ଓ ଅତୀତର ସମସ୍ତ ଘଟଣା ଭୁଲିଯାଉ, ତା ଦ୍ୱାରା ଆମର ଯଥେଷ୍ଟ ଉପକାର ହୋଇଥାଏ । ଅତୀତର କୌଣସି ବିଫଳ ପ୍ରେମକୁ ଆମେ ଯଦି ଭୁଲିଯାଉ ନ ଥାନ୍ତୁ, ତେବେ ହୁଏ ତ ଚିରଦିନ ସେଥିପାଇଁ କାନ୍ଦୁ ଥାଆନ୍ତୁ ଓ ଜୀବନରେ କୌଣସି କାର୍ଯ୍ୟ କରିପାରନ୍ତୁ ନାହିଁ । ତେଣୁ ଭୁଲିଯିବା ଆମ ପକ୍ଷରେ ଏକ ଆଶୀର୍ବାଦ ।

## କର୍ମଫଳ

**ଆତ୍ମା,** ବୁଦ୍ଧି ବା ବିବେକ କେବେହେଲେ ମସ୍ତିଷ୍କରୁ ସୃଷ୍ଟି ହୋଇ ନ ପାରେ । କାରଣ ମସ୍ତିଷ୍କର କେତେକ ଭାଗ ଅସ୍ତ୍ରୋପଚାର ଦ୍ୱାରା ଉଠାଇ ନେଲା ପରେ ମଧ୍ୟ ମନୁଷ୍ୟ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଥିବାର ଓ ଚିନ୍ତା କରୁଥିବାର ଦେଖାଯାଏ । ମସ୍ତିଷ୍କଦ୍ୱାରା ମନୁଷ୍ୟ ବହୁତ ବିଷୟ ମନେରଖିପାରେ (memory) ଏବଂ ଏହାଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ପରିଚାଳନା କରାଯାଇଥାଏ; କାରଣ ଏହା ଶରୀରର ସମସ୍ତ କାର୍ଯ୍ୟ ଓ ଅନୁଭୂତିର ନିୟନ୍ତ୍ରଣ କେନ୍ଦ୍ର । ଏହି ଯନ୍ତ୍ର ଜରିଆରେ ଆତ୍ମା ବା ଜୀବନଶକ୍ତି ନିଜକୁ ପ୍ରକାଶ କରିଥାଏ ।

ମସ୍ତିଷ୍କ ଯଦି ମନ, ଆତ୍ମା ଓ ବୁଦ୍ଧି-ବିବେକର ସ୍ରଷ୍ଟା ହୋଇଥାଆନ୍ତା, ତେବେ ପୃଥିବୀରେ ଏତେ ପ୍ରକାର ଲୋକ କାହିଁକି ଦେଖାଯାଆନ୍ତେ । କେହି ଅତ୍ୟନ୍ତ ବୁଦ୍ଧିମାନ, କେହି ପାଗଳ, କେହି ଅତ୍ୟନ୍ତ ମୂର୍ଖ, କେହି ଅତ୍ୟନ୍ତ ପଶୁ ପ୍ରବୃତ୍ତିର ଓ ଅନ୍ୟ କେହି ଅତ୍ୟନ୍ତ ଧାର୍ମିକ । ଏତେ ପ୍ରକାର ବିଭିନ୍ନତା କାହିଁକି ଦେଖାଯାଏ ? ଯାହା ପରିବର୍ତ୍ତନଶୀଳ ଓ ଯାହା ଧ୍ୱଂସ ହୋଇଯାଏ, ତା ଠାରୁ କିପରି ଚିରନ୍ତନର ସୃଷ୍ଟି ହେବ ? ପଦାର୍ଥରୁ କିପରି ଅଦୃଶ୍ୟ ମନ ଓ ବ୍ୟକ୍ତିତ୍ୱର ସୃଷ୍ଟି ହେବ ? ପଦାର୍ଥ କେବଳ ପଦାର୍ଥ ସୃଷ୍ଟି କରିପାରେ, ଶକ୍ତିରୁ ଶକ୍ତିର ସୃଷ୍ଟି ସମ୍ଭବ ।

ବେଦାନ୍ତ ଦୃଢ଼ଭାବରେ ଘୋଷଣା କରେ ଯେ ଶରୀରଠାରୁ ଆତ୍ମା ସଂପୂର୍ଣ୍ଣ ପୃଥକ ଓ ଶରୀରକୁ ବାଦ ଦେଇ ଆତ୍ମା ନିଜେ ସ୍ୱତନ୍ତ୍ର ଭାବରେ ରହିପାରିବ । ଯେପରି ବାୟୁ, ବିଦ୍ୟୁତ୍‌ଶକ୍ତି ରହିଛନ୍ତି, ସେହିପରି ଆତ୍ମା ଅଦୃଶ୍ୟ ଶକ୍ତି ଭାବରେ ରହିପାରେ ଓ ଉପଯୁକ୍ତ ଶରୀର ଦ୍ୱାରା ନିଜକୁ ପ୍ରକାଶ କରିଥାଏ । ଶରୀରର ମୃତ୍ୟୁ ପରେ ଏହି ଆତ୍ମା ନିଜର ବ୍ୟକ୍ତିତ୍ୱକୁ ହଜାଇ ନ ଦେଇ ପୂର୍ବଜନ୍ମର ସମସ୍ତ ଅଭିଜ୍ଞତା, ସଂସ୍କାର, ଅନୁଭୂତି ଓ ଅପୂରଣ ଆଶା-ଆକାଂକ୍ଷାକୁ ସଙ୍କୁଚିତ ଭାବରେ ଧରି ରଖିଥାଏ । ଏ ଅବସ୍ଥାରେ ଏହା ନିଜର ପୂର୍ବଜନ୍ମର ସମସ୍ତ ଘଟଣା ମନେ ରଖିଥାଏ । ଏହି ତଥ୍ୟ "ପ୍ଲାନ୍‌ଚେଟ" ଦ୍ୱାରା ପ୍ରମାଣିତ ହୋଇସାରିଛି । ପ୍ଲାନଚେଟ ଦ୍ୱାରା ଯେକୌଣସି ମୃତ ଆତ୍ମାକୁ ଡକାଯାଏ ଓ ସେ ଆତ୍ମା ଆମ ପ୍ରଶ୍ନର ଉତ୍ତର ଲେଖି ଦେଇଥାଏ ।

ଏହି ଆତ୍ମା ନିଜର ପୂର୍ବଜନ୍ମର କର୍ମ ଅନୁଯାୟୀ କେତେକ ବିଭିନ୍ନ ପ୍ରକାର ସ୍ତରରେ ଘୂରିବୁଲେ । ଭଲ କାମର ଫଳଭୋଗ କରିବାକୁ

ଏହା ସ୍ୱର୍ଗରେ କିଛି ଦିନ ବାସ କରେ । ସ୍ୱର୍ଗର ଅର୍ଥ ଏକ ପ୍ରକାର ସ୍ଥିତି, ଯେଉଁଠାରେ ଆନନ୍ଦଦାୟକ ଅନୁଭୂତି ମଧ୍ୟରେ ଆତ୍ମା ରହିଥାଏ ଓ ନିଜର ସମସ୍ତ ଭଲ କାମର ଫଳ ଭୋଗ କରେ । ସେ କର୍ମଗୁଡ଼ିକର ଫଳ ଭୋଗ ହୋଇଗଲେ ପରେ ସେଠାରୁ ଫେରିଆସିବାକୁ ପଡ଼େ । ଚିରନ୍ତନ ସ୍ୱର୍ଗସୁଖ ଭୋଗ ସମ୍ଭବ ନୁହେଁ, ଯେହେତୁ କର୍ମଫଳ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଭୋଗ କରିବା ଶେଷ ହୋଇଯାଏ । ତା ପରେ ପୃଥିବୀରେ ନିଜର ଅପୂରଣ ଆକାଙ୍କ୍ଷା ପୂରଣ କରିବାପାଇଁ ପୁନଶ୍ଚ ଜନ୍ମଗ୍ରହଣ କରିଥାଏ ।

ତେଣୁ ମନୁଷ୍ୟର ଭାଗ୍ୟ ତାର ଚିନ୍ତାଧାରା, ଆଶା, ଆକାଙ୍କ୍ଷା ଓ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଆମର ଆଜିର ଅବସ୍ଥା ନିମନ୍ତେ ଆମର ଅତୀତର ଚିନ୍ତାଧାରା ଓ କର୍ମ ଦାୟୀ ଏବଂ ଆମର ଭବିଷ୍ୟତ ନିମନ୍ତେ ବର୍ତ୍ତମାନର ଚିନ୍ତାଧାରା ଓ କର୍ମ ଦାୟୀ ହେବ । ଭଗବାନ ଆମର ଭାଗ୍ୟ ନିମନ୍ତେ ଆଦୌ ଦାୟୀ ନୁହଁନ୍ତି । ସେ କେବଳ ନୀରବ ଦର୍ଶକ । ତାଙ୍କ ଦ୍ୱାରା ପ୍ରଣୀତ କର୍ମଫଳ ଆଇନ (Law of Action and Reaction) କାର୍ଯ୍ୟକାରୀ ହେଉଛି କି ନାହିଁ, ତା ସେ ଦେଖନ୍ତି ଓ ସୃଷ୍ଟି ଏବଂ ଧ୍ୱଂସ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ସେ ଦାୟୀ । ଏହା ହିଁ ପ୍ରାଚୀନତମ ହିନ୍ଦୁ ଧର୍ମଗ୍ରନ୍ଥ ବେଦାନ୍ତ ଘୋଷଣା କରେ ଓ ଏହା ମଧ୍ୟ ଯୁକ୍ତିଯୁକ୍ତ ମନେହୁଏ ।

କେତେକ ବସ୍ତୁବାଦୀ ବୈଜ୍ଞାନିକମାନେ ଆତ୍ମାର ସ୍ଥିତିକୁ ଘୋର ବିରୋଧ କରନ୍ତି । ସେମାନେ କହନ୍ତି, ଆବର୍ତ୍ତନ ବିବର୍ତ୍ତନ ମଧ୍ୟରେ କେତେକ ଭୌତିକ ପଦାର୍ଥର ମିଶ୍ରଣରେ ଅକସ୍ମାତ ମନୁଷ୍ୟର ସୃଷ୍ଟି ହୁଏ । ମନୁଷ୍ୟ ଜୀବନର କୌଣସି ଉଦ୍ଦେଶ୍ୟ ନାହିଁ ଓ ଆତ୍ମାର

ସ୍ଥିତି ମଧ୍ୟ ନାହିଁ । ମୃତ୍ୟୁ ପରେ ଏହା ଚିରଦିନ ପାଇଁ ଧ୍ୱଂସ ପାଇଥାଏ । ମାତ୍ର ଏ ତଥ୍ୟ କଣ ଆମର ଜିଜ୍ଞାସୁ ମନକୁ ଶାନ୍ତ ଦେଇ ପାରୁଛି କି ? କୌଣସି କାରଣ ନ ଥାଇ ବିଶ୍ୱର ସୃଷ୍ଟି ଓ ଧ୍ୱଂସ କଣ ସମ୍ଭବ ? ସଂସାରରେ ଯେଉଁ ଜନ୍ମମୃତ୍ୟୁର ଲୀଳା ଚାଲିଛି, ତା କଣ କୌଣସି ନିୟମଦ୍ୱାରା ନିୟନ୍ତ୍ରିତ ନୁହେଁ କି ? ଏ ସମସ୍ତ ଘଟଣା କଣ ଆକସ୍ମିକ ଦୁର୍ଘଟଣା ନା କୌଣସି ନିର୍ଦ୍ଦିଷ୍ଟ ଆଇନଦ୍ୱାରା ପରିଚାଳିତ ? ଏହାର ଉତ୍ତର ବେଦାନ୍ତ ଦେଇସାରିଛି ।

ଯେଉଁ ଅଦୃଶ୍ୟ ଚେତନଶକ୍ତି ଦ୍ୱାରା ମସ୍ତିଷ୍କ ଜରିଆରେ ଆମେ ଅନୁଭୂତି ସବୁ ପାଇପାରୁ, ମନେ ରଖିପାରୁ, ଚିନ୍ତା କରିପାରୁ ଓ ଆଲୋଚନା କରିପାରୁ, ସେ ଶକ୍ତି କୌଣସି ଧ୍ୱଂସ ସାପେକ୍ଷ, ପରିବର୍ତ୍ତନଶୀଳ ଭୌତିକ ପଦାର୍ଥରୁ ସୃଷ୍ଟି ହୋଇ ନ ପାରେ । ମସ୍ତିଷ୍କରୁ ବୁଦ୍ଧି, ବିବେକ ଓ ଚିନ୍ତାଶକ୍ତି ସୃଷ୍ଟି ହୁଏ ବୋଲି ଏପର୍ଯ୍ୟନ୍ତ ଦୃଢ଼ ଭାବରେ କେହି ପ୍ରମାଣ କରିପାରି ନାହାନ୍ତି । ବରଂ Dr. Thompson ତାଙ୍କର ପୁସ୍ତକ "Brain and Personality" ରେ ଲେଖିଛନ୍ତି ଯେ ମସ୍ତିଷ୍କ ହେଉଛି କେବଳ ଗୋଟିଏ ଯନ୍ତ୍ର; ଏହା ବ୍ୟକ୍ତିତ୍ୱ ଓ ଚିନ୍ତା ଶକ୍ତିଦ୍ୱାରା ପରିଚାଳିତ । ମସ୍ତିଷ୍କକୁ ଗୋଟିଏ ବେହେଲା ସହିତ ତୁଳନା କରି ସେ ମତ ଦେଇଛନ୍ତି ଯେ ବେହେଲାରୁ ମନକୁ ମନ ସଙ୍ଗୀତ ସ୍ୱର ସୃଷ୍ଟି ହୋଇ ନ ପାରେ । ତା'ପାଇଁ ଜଣେ ବାଦକର ଆବଶ୍ୟକ । ବାଦକର ମନରେ ସ୍ୱର ରଚନା ହୋଇଥାଏ । ତେଣୁ ବ୍ୟକ୍ତିତ୍ୱ ହେଉଛି ଏହି ମସ୍ତିଷ୍କ ରୂପକ ବେହେଲାର ବାଦକ, ଯଦି ବ୍ୟକ୍ତିତ୍ୱର ଉପଯୁକ୍ତ ବିକାଶ ହୋଇ ନ ଥାଏ ଓ ବ୍ୟକ୍ତିତ୍ୱର ଉପାଦାନ ଗୁଡ଼ିକ ( ଇଡ୍, ଇଗୋ, ସୁପରଇଗୋ ) ମଧ୍ୟରେ

ଘରସାମ୍ୟ ନ ଥାଏ, ତେବେ ଏକ ମସ୍ତିଷ୍କ ରୂପକ ବେହେଲାରୁ ବେସୁରା ସଙ୍ଗୀତ ସୃଷ୍ଟି ହୁଏ ।

ତେଣୁ ବେଦାନ୍ତ ମତ ଯେ ବିଜ୍ଞାନ-ସମ୍ମତ, ଏହା ନିଃସନ୍ଦେହ । କାରଣ ଓ କର୍ମଫଳ ତତ୍ତ୍ୱ ( Law of Cause & Effect ) ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ନିୟନ୍ତ୍ରିତ । ଏହା ବିଜ୍ଞାନର ମୂଳ । ପ୍ରତ୍ୟେକ କର୍ମର କାରଣ ଅଛି । ବିନା କାରଣରେ କୌଣସି କର୍ମ ସମ୍ଭବ ନୁହେଁ । କୌଣସି ପଦାର୍ଥ ବିନାକାରଣରେ ସୃଷ୍ଟି ହୋଇ ନ ପାରେ । ଆମର ଆଜିର ସ୍ଥିତିର କୌଣସି କାରଣ ନିଶ୍ଚୟ ଅଛି । ସେ କାରଣ ହେଉଛି ଆମର ପୂର୍ବରୁ ସ୍ଥିତିଥିଲା । ପୂର୍ବରୁ କୌଣସି ପ୍ରକାର ସ୍ଥିତି ନ ଥାଇ ଆମେ ହଠାତ୍ ଜନ୍ମଗ୍ରହଣ କରିବା ଆଦୌ ବିଜ୍ଞାନସମ୍ମତ ନୁହେଁ ।

The law of cause and effect governs everything. Every effect must have a cause. If we deny the law of causation, we not only deny the truth of nature, but we destroy the fundamental principle of modern science that something can not come out of nothing, Non-existence cannot produce existence, or existence cannot come out of non-existence. If we exist today, we must have had a cause.

-Vedanta-

କୌଣସି ବୃକ୍ଷର କାରଣ କେବଳ ତାହାର ମଞ୍ଜିରେ ହିଁ ଥାଏ; ଯେପରି ଗୋଟିଏ ବିରାଟ ବୃକ୍ଷର ସୃଷ୍ଟି ତାର ମଞ୍ଜିରୁ ହୋଇଥାଏ ।

ସେଇ କ୍ଷୁଦ୍ର ମଞ୍ଜି ବା ବୀଜ ମଧ୍ୟରେ ବିରାଟ ବୃକ୍ଷର ସମସ୍ତ ଗୁଣ ଓ ପ୍ରକୃତି ସଙ୍କୁଚିତ ହୋଇ ଅଦୃଶ୍ୟ ଭାବରେ ନିହିତ ଥାଏ । ଉପଯୁକ୍ତ ବାତାବରଣ ଯଥା—ମୃତ୍ତିକା, ଜଳ, ଆଲୋକ ଓ ବାୟୁ ପାଇଲେ ଏହି ବୀଜରୁ ନୂତନ ବୃକ୍ଷ ସୃଷ୍ଟି ହୋଇଥାଏ । ଏଇ ପରିସ୍ଥିତି ଓ ବାତାବରଣ କେବଳ ବୀଜକୁ ନିଜର ଗୁଣ ଓ ଶରୀର ପ୍ରକାଶ କରିବାରେ ସାହାଯ୍ୟ କରିଥାଏ; ମାତ୍ର ପ୍ରକୃତ ଜୀବନୀଶକ୍ତି ବୀଜ ମଧ୍ୟରେ ଅଦୃଶ୍ୟ ଭାବରେ ନିହିତ ଥାଏ । ଉପଯୁକ୍ତ ବାତାବରଣ ଓ ଅନୁକୂଳ ପରିସ୍ଥିତି ନ ପାଇଲେ ଏଇ ବୀଜ ବର୍ଷ ବର୍ଷ ଧରି, ବିରାଟ ବୃକ୍ଷର ସମସ୍ତ ଗୁଣ ଓ ପ୍ରକୃତିକୁ ସଙ୍କୁଚିତ ଓ ଅଦୃଶ୍ୟ ଭାବରେ ନିଜ ମଧ୍ୟରେ ରଖି ରହିଥାଏ ।

ସେହିପରି ମନୁଷ୍ୟର ସମସ୍ତ ପ୍ରକୃତି ଓ ଗୁଣ ତାର ଜୀବନୀ ଶକ୍ତିର ଅଦୃଶ୍ୟ ବୀଜ ମଧ୍ୟରେ ଅପ୍ରକଟିତ ହୋଇ ରହିଥାଏ । ତାର ସମସ୍ତ ଚିନ୍ତାଶକ୍ତି, ଆଶା, ଆକାଙ୍କ୍ଷା, ଅଭିଜ୍ଞତା, ଗୁଣ ଓ ପ୍ରକୃତି ଏଇ ଅଦୃଶ୍ୟ ଜୀବନୀଶକ୍ତିର ବୀଜ ମଧ୍ୟରେ ରହିଥାଏ । ଉପଯୁକ୍ତ ଶରୀରରେ ଏକ ଜୀବନୀଶକ୍ତି ପ୍ରବେଶ କଲା ପରେ ନିଜର ସମସ୍ତ ଗୁଣ ପ୍ରକାଶ କରିଥାଏ । ଏହି ଜୀବନୀଶକ୍ତିକୁ ବେଦାନ୍ତ ସୂକ୍ଷ୍ମଶରୀର ବୋଲି ଆଖ୍ୟା ଦେଇଛି । ଏହା ହିଁ ସ୍ଥୂଳଶରୀରର ନିର୍ମାତା । ଏହାର ଇଚ୍ଛାଶକ୍ତି ଉପରେ ଆମର ଭବିଷ୍ୟତ ନିର୍ଭର କରେ । ଆମେ ମୃତ୍ୟୁ ପୂର୍ବରୁ ଯାହା ଇଚ୍ଛା କରୁଥାଉ ଓ ଆମର ଯେତେକ ଅପୂରଣ ଆଶା ରହିଥାଏ, ସେଗୁଡ଼ିକ ପୂରଣ ହେବା ନିମନ୍ତେ ସୂକ୍ଷ୍ମଶରୀର ପୁନର୍ବାର ଅନୁକୂଳ ବାତାବରଣ ମଧ୍ୟରେ ନୂତନ ଶରୀର ନେଇ ଜନ୍ମଗ୍ରହଣ କରିଥାଏ ।

"Whatsoever desire is very strong during the lifetime becomes predominant at the time of

death, and that desire moulds the creation of the subtle body of the individual and that determines the future of the individual."

—Bhagabat Gita.

ତେଣୁ ଆମେ ଯାହା ହେବାକୁ ଆଶା କରୁ, ତାହା ହେଉ । ଆମେ ପୂର୍ବରୁ ସେହି ସେହି ଜନ୍ମ ଦେଇ ଗତି କରି ଏ ଅବସ୍ଥାରେ ପହଞ୍ଚିଛୁ ଓ ଭବିଷ୍ୟତରେ ମଧ୍ୟ ସେହି ସେହି ଜନ୍ମ ଦେଇ ଗତି କରିବୁ, ଯେ ପର୍ଯ୍ୟନ୍ତ ଆମର ସମସ୍ତ ଆଶା ଆକାଙ୍କ୍ଷା ପୂରଣ ନ ହୋଇଛି । ସମସ୍ତ ଆଶା ପୂରଣ ହେବା ପରେ ଆତ୍ମା ସେଇ ବିଶ୍ୱଆତ୍ମା ସହିତ ମିଶିଯାଏ ଓ ଆଉ ଜନ୍ମଗ୍ରହଣ କରିବା ଦରକାର ପଡ଼େନାହିଁ । ସେଠାରେ ସ୍ଥାନ, କାଳ, ପାତ୍ରର କୌଣସି ମୂଲ୍ୟ ନ ଥାଏ । ଚିରନ୍ତନ ଜ୍ଞାନ ଓ ଆଲୋକରେ ଚତୁର୍ଥ ବିଭୂତିର ନିରବଚ୍ଛିନ୍ନ ଶାନ୍ତି ମଧ୍ୟରେ ସେ ବିଶ୍ୱଆତ୍ମା ସହିତ ଏକ ହୋଇଯାଏ । ଯାହାର ସମସ୍ତ ସାଂସାରିକ ଇଚ୍ଛା ପୂରଣ ହେବାପରେ ସଂସାର ପ୍ରତି ବୈରାଗ୍ୟ ଜନ୍ମେ ଓ ସେ ଉଚ୍ଚସ୍ତରକୁ ଉଠିବାକୁ ଚାହେଁ, ସେ ଜନ୍ମମୃତ୍ୟୁର ରହସ୍ୟ ଭେଦ କରିବାକୁ ବ୍ୟାକୁଳ ହୁଏ । ସେ ଅବସ୍ଥାରେ ତାର ଆଧ୍ୟାତ୍ମିକ ଜୀବନର ଆରମ୍ଭ ହୁଏ ।

କେତେକ ବ୍ୟକ୍ତି ପୂର୍ବଜନ୍ମ ଓ ପୁନର୍ଜନ୍ମରେ ସନ୍ଦେହ ପ୍ରକାଶ କରି ପ୍ରଶ୍ନ କରନ୍ତି — ଯଦି ଆମର ପୂର୍ବଜନ୍ମ ଥିଲା ତେବେ ଆମେ କାହିଁକି ସେ ଜନ୍ମର ଘଟଣା ସବୁ ମନେରଖି ନାହୁଁ ? ସେମାନଙ୍କ ଉତ୍ତରରେ ଏତିକି କୁହାଯାଇପାରେ ଯେ ଆମେ କଣ ଆମର ବାଲ୍ୟ ଅବସ୍ଥା ଓ ଶୈଶବର କଥାସବୁ ମନେରଖିଛୁ କି ? ତାର ଅର୍ଥ ନୁହେଁ ଯେ ଆମର ବାଲ୍ୟାବସ୍ଥା ନ ଥିଲା । ଆମର ମନେରଖିବାର ଶକ୍ତି ( memory ) ସୀମିତ । ଏହା କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଅନେକଦିନ

ପର୍ଯ୍ୟନ୍ତ ମନେରଖି ପାରେ । ମାତ୍ର ଆମେ ଜୀବନର ବିଭିନ୍ନ ସ୍ତରରେ ଯେଉଁ ଅଭିଜ୍ଞତା ଅର୍ଜନ କରୁ, ତା ଆମର ବ୍ୟକ୍ତିତ୍ୱକୁ ଗଠନ କରେ ଓ ସେ ଅଭିଜ୍ଞତାଗୁଡ଼ିକ ଆମ ବ୍ୟକ୍ତିତ୍ୱର ଅଂଶ ହୋଇଯାଏ । କିନ୍ତୁ ସେସବୁକୁ ଆମେ କିଛିଦିନ ମନେରଖି ହୁଏ ତ ଭୁଲିଯାଇପାରୁ । ଆଜିକୁ ୨୦ ବର୍ଷ ତଳେ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ କଣ ଘଟଣାସବୁ ଘଟିଥିଲା, ତା ଆପଣ କହିପାରିବେ କି ? ତେବେ ପୂର୍ବଜନ୍ମର ଘଟଣା ଏତେଦିନ ପରେ କିପରି ମନେ ରହିବ ?

କେତେକ କ୍ଷେତ୍ରରେ ଦେଖାଯାଏ ଯେ, ମୃତ୍ୟୁ ପରେ ଆତ୍ମା ନିଜର ପୂର୍ବ ଶରୀର କିପରି ମୃତ୍ୟୁ ହେଲା ଓ ତାର ପରିବାରବର୍ଗ କିଏ, ସେ ବିଷୟ ପ୍ଲାଞ୍ଚେଟ ଦ୍ୱାରା କହିଥାଏ । ମସ୍ତିଷ୍କ ସ୍ନାୟୁମଣ୍ଡଳୀ ତ ସେତେବେଳେ ନ ଥାଏ, ତା ଶରୀର ସହିତ ଧ୍ୱଂସ ହୋଇଯାଇଥାଏ । ତେବେ ସୂକ୍ଷ୍ମଶରୀର ଏତେ କଥା କିପରି ମନେରଖେ ? ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସୂକ୍ଷ୍ମଶରୀର ହେଉଛି ମନୁଷ୍ୟର ମନ, ବୁଦ୍ଧି, ବିବେକ, ଅଭିଜ୍ଞତା, ସଂସ୍କାର ଓ ଆଶା-ଆକାଂକ୍ଷାର ଆଧାର । ମସ୍ତିଷ୍କ ଜରିଆରେ ଏହା ନିଜକୁ ପ୍ରକଟ କରିଥାଏ । ତାର ଅର୍ଥ ନୁହେଁ ଯେ ମସ୍ତିଷ୍କରୁ ମନ, ବୁଦ୍ଧି, ମନେରଖିବା ଶକ୍ତି ଜାତ ହୁଏ । ଗୋଟିଏ ବୈଦ୍ୟୁତିକ ବଲବ୍ ମନକୁ ମନ ଆଲୋକ ଦେଇପାରେ ନାହିଁ । ବିଦ୍ୟୁତଶକ୍ତିର ସଞ୍ଚାର ତା ମଧ୍ୟରେ କରାଇଲେ ତା ଆଲୋକ ଦେଇଥାଏ । ତେଣୁ ବିଦ୍ୟୁତ୍‌ଶକ୍ତି ବଲବ୍ ଜରିଆରେ ନିଜକୁ ପ୍ରକାଶ କରିଥାଏ ମାତ୍ର । ସେହିପରି ଜୀବନୀଶକ୍ତି ମସ୍ତିଷ୍କ ଜରିଆରେ ନିଜକୁ ପ୍ରକଟିତ କରିଥାଏ ।

କିଛିଦିନ ପୂର୍ବେ ମଧ୍ୟପ୍ରଦେଶର ଛତରପୁର ସହରରେ ସ୍ୱର୍ଣ୍ଣଲତା ମିଶ୍ର ନାମ୍ନୀ ଜଣେ ୧୦ ବର୍ଷର ବାଳିକା କିପରି ନିଜର ପୂର୍ବଜନ୍ମର ସମସ୍ତ ଘଟଣା ମନେରଖିପାରି କହୁଥିଲା, ତା ଅନେକ ବୈଜ୍ଞାନିକଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲା ।

## ସ୍ମରଣ ଶକ୍ତି ଓ ଅବଚେତନ ମନ

ମଧ୍ୟପ୍ରଦେଶର ଛତରପୁର ସହରରେ କୁମାରୀ ସ୍ୱର୍ଣ୍ଣଲତା ମିଶ୍ର ନାମ୍ନୀ ଜଣେ ବାଳିକା ୧୯୫୯ ମସିହାରେ ସବୁଆଡ଼େ ଚହଳ ସୃଷ୍ଟି କରିଥିଲେ । କେବଳ ଛତରପୁର ନୁହେଁ, ଜବଲପୁର, କାଟନୀ, ମଇହାର ପ୍ରଭୃତି ସ୍ଥାନ ଯେଉଁଠାକୁ ସେ ଯାଇଥିଲେ, ସେଠାରେ ସେ ତାଙ୍କର ବିଗତ ଦୁଇ ଜନ୍ମର କାହାଣୀ କହି ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲେ । ସୌଗର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଓ ମଧ୍ୟପ୍ରଦେଶର ଘରୋଇ ବିଭାଗ ମନ୍ତ୍ରୀ ଓ ଅନ୍ୟାନ୍ୟ ଶିକ୍ଷାବିତ୍‌ମାନେ ଉକ୍ତ ବାଳିକାଙ୍କର କାହାଣୀ ଶୁଣି ଚମତ୍କୃତ ହୋଇଥିଲେ । ସ୍ୱର୍ଣ୍ଣଲତା ମଧ୍ୟପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ୧୦ ବର୍ଷ ବୟସରେ ଆସାମୀ ପଲ୍ଲୀଗୀତ ଅତ୍ୟନ୍ତ ସୁନ୍ଦର ଭାବରେ ଗାଇ ପାରୁଥିଲେ । ଆଶ୍ଚର୍ଯ୍ୟର କଥା ଯେ ତାଙ୍କୁ କେହି ସଙ୍ଗୀତ ଶିକ୍ଷା ଦେଇ ନ ଥିଲେ ଓ ସେ ଆସାମ ମଧ୍ୟ ଦେଖି ନ ଥିଲେ ।

ସେ କହିଲେ ଯେ ସେ ୧୯୦୦ ଖ୍ରୀଷ୍ଟାବ୍ଦରେ କାଟନୀରେ ଜନ୍ମ ହୋଇଥିଲେ ଓ ତାଙ୍କର ୪ ଭାଇ ଓ ଦୁଇ ଭଉଣୀ ଥିଲେ । ତାଙ୍କ ବଂଶରେ କାହାକୁ ସେ ଚିହ୍ନି ପାରୁଛନ୍ତି କି ବୋଲି ପ୍ରଶ୍ନ ହେବାରେ ସେ ଶ୍ରୀ ହରପ୍ରସାଦ ପାଠକ ନାମକ କାଟନୀର ଜଣେ ବିଶିଷ୍ଟ କଣ୍ଟ୍ରାକ୍ଟରଙ୍କୁ ନିଜର ସାନଭାଇ ବୋଲି କହିଥିଲେ । ଶ୍ରୀ ପାଠକଙ୍କୁ ଏ ବିଷୟ ପଚାରି ଯିବାରେ ସେ ନିଜେ ଆସି ଉକ୍ତ ବାଳିକାଙ୍କ ସହିତ ସାକ୍ଷାତ

କରିଥିଲେ ଓ ତା ପରେ ଉକ୍ତ ବାଳକ ଯେପରି ଭାବରେ ତାଙ୍କ ପୂର୍ବଜନ୍ମର କାହାଣୀ କହିଗଲେ, ସେସବୁ ସତ ବୋଲି ଶ୍ରୀ ପାଠକ ସ୍ୱୀକାର କରି ସ୍ତମ୍ଭୀଭୂତ ହୋଇଯାଉଥିଲେ । ଏପରିକି ପାଠକଙ୍କର ବଂଶର ଜଣେ ପୁରୁଣା ଚାକରକୁ ସେ ବହୁ ଲୋକଙ୍କ ମଧ୍ୟରେ ଚିହ୍ନି ପାରିଥିଲେ । ତାଙ୍କର ନିଜର ନାମ ଓ ଅନ୍ୟାନ୍ୟ ସାନ ଭାଇ ଭଉଣୀ ମାନଙ୍କର ନାମ ମଧ୍ୟ ସେ କହିଥିଲେ ।

ତା ପରେ ପ୍ରାୟ ୪୦ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ପରିବାରରେ ସବୁଠାରୁ ବଡ଼ ସନ୍ତାନ ଥିଲେ । ମୃତ୍ୟୁପରେ ସେ ପୁନର୍ବାର ଆସାମର ସିଲେଟ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ମାତାଙ୍କ ନାମ ଯଥାକ୍ରମେ ରମେଶ ଓ ଶଶୀମାତା ଥିଲା ଓ ତାଙ୍କ ନିଜର ନାମ କମ୍‌ଲେଶ୍ ଥିଲା । ସେ ମଟରଗାଡ଼ିରେ ସ୍କୁଲକୁ ଯିବା ଆସିବା କରୁଥିଲେ । ତାଙ୍କୁ ଯେତେବେଳେ ୯ବର୍ଷ ବୟସ ହୋଇଥିଲା, ସେତେବେଳେ ଥରେ ମଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ତା ପରେ ସେ ପୁନର୍ବାର ଛତରପୁରଠାରେ ଜନ୍ମ ଗ୍ରହଣ କଲେ । ୧୯୫୯ରେ ସେ କହୁଥିଲେ ଯେ "ଯଦି ମୁଁ ପାଠକ ବଂଶରେ ବଞ୍ଚି ରହିଥାଆନ୍ତି ଏତେବେଳକୁ ମୋତେ ୫୯ ବର୍ଷ ହୁଅନ୍ତାଣି"। ତାଙ୍କର ସାନ ଭାଇ ଶ୍ରୀ ହରପ୍ରସାଦ ପାଠକ ଏବେ ମଧ୍ୟ ବଞ୍ଚିଛନ୍ତି ।

ସ୍ୱର୍ଣ୍ଣଲତାଙ୍କର ବାପା କହନ୍ତି ଯେ, ସ୍ୱର୍ଣ୍ଣଲତାଙ୍କୁ ଯେତେବେଳେ ୪ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ତାଙ୍କ ସହିତ ପାନ୍ନାରୁ ଜବଲପୁରକୁ ମଟରରେ ଆସୁଥିଲେ । ଗାଡ଼ି ଯେତେବେଳେ କାଟ୍‌ନି ନିକଟରେ ପହଞ୍ଚିଲା ସ୍ୱର୍ଣ୍ଣଲତା ମଟର ଡ୍ରାଇଭରକୁ ଗାଡ଼ି ବୁଲାଇବାକୁ

କହିଲେ ଓ ତାଙ୍କର ପୂର୍ବଜନ୍ମର ଘରକୁ ନେବାକୁ କହିଲେ । ସେତେବେଳେ ତାଙ୍କ ବାପା ଏସବୁ କଥାକୁ ପିଲାଳିଆ କଥା ବୋଲି ହସି ଉଡ଼ାଇ ଦେଲେ । ତାର କିଛିଦିନ ପରେ ସ୍ୱର୍ଣ୍ଣଲତା ତାର ମାଁଙ୍କ ପାଖରେ ଆସାମୀ ଲୋକଗୀତ ଗାଇଥିଲେ । ଏଥିରେ ତାଙ୍କର ପିତା ମାତା ତାଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ । ମାତ୍ର ତାଙ୍କର କୌଣସି ମାନସିକ ରୋଗ ନଥିବାର ପରୀକ୍ଷା ଦ୍ୱାରା ଜଣାଗଲା ।

ବହୁ ମନସ୍ତାତ୍ତ୍ୱିକ ଗବେଷଣାକାରୀମାନେ ଯାଇ କୁମାରୀ ମିଶ୍ରଙ୍କ ନିକଟରେ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିବାକୁ ଆରମ୍ଭ କଲେ । ଇତି-ମଧ୍ୟରେ ଶ୍ରୀ ହରପ୍ରସାଦ ପାଠକଙ୍କର ସନ୍ଦେହ ଜାତ ହେବାରୁ ସେ ତାଙ୍କ ମୃତ ବଡ଼ ଭଉଣୀର ସ୍ୱାମୀ ଓ ପୁଅଙ୍କୁ ନେଇ ସ୍ୱର୍ଣ୍ଣଲତାଙ୍କ ନିକଟକୁ ଗଲେ । ସ୍ୱର୍ଣ୍ଣଲତା ନିଜ ପୂର୍ବ ଜନ୍ମର ସ୍ୱାମୀ ଓ ପୁଅଙ୍କୁ ବହୁ ଲୋକଙ୍କ ମଧ୍ୟରୁ ଚିହ୍ନି ପାରିଥିଲେ । ଏଥିରେ ଶ୍ରୀ ପାଠକ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସ୍ୱର୍ଣ୍ଣଲତାଙ୍କୁ ନିଜ ଘରକୁ କିଛିଦିନ ପାଇଁ ନେଇ ଯାଇଥିଲେ । ସେଠାରେ ସେ ପ୍ରତ୍ୟେକ ପଦାର୍ଥ କେଉଁଠାରେ ଅଛି ସବୁ ଜାଣିଥିଲେ । ଏପରି କି ଗୋଟିଏ ଗଛ ଝଡ଼ ବର୍ଷାରେ ଉପୁଡ଼ି ଯାଇଥିଲା ବୋଲି ମନେ ରଖିଥିଲେ । ନିଜର ଭାଇ ଭଉଣୀମାନଙ୍କର ପିଲାଦିନ କଥା ସେ ଠିକ ଭାବରେ କହି ପାରିଥିଲେ।

ସେ କହନ୍ତି ଯେ ସବୁ ସମୟରେ ତାଙ୍କର ପୂର୍ବଜନ୍ମ କଥା ସବୁ ମନେ ପଡ଼େନାହିଁ । ସମୟ ସମୟରେ ଯେତେବେଳେ ମନେପଡ଼େ ସେ ଗମ୍ଭୀର ହୋଇ ଯାଆନ୍ତି ଯେପରି କି ସେ ସୁଦୂର ଅତୀତର ସ୍ୱପ୍ନ ଦେଖୁଛନ୍ତି । ଆସାମୀ ଲୋକଗୀତ ଓ ନୃତ୍ୟ କଲାବେଳେ ସେ ନିଜ ମଧ୍ୟରେ ଏତେ ମଜ୍ଜି ଯାଆନ୍ତି ଯେ ବାହ୍ୟ ଦୁନିଆକୁ ଭୁଲି ଯାଆନ୍ତି । ତାଙ୍କର ଜନ୍ମ ସ୍ଥାନ ଛତରପୁର ହୋଇଥିଲେ ମଧ୍ୟ ସେ କାଟନି

( ପୂର୍ବ ଜନ୍ମର ସ୍ଥାନ ) ଓ ଛତରପୁର ଉଭୟ ସ୍ଥାନରେ କିଛି କିଛି ଦିନ କରି ରହିବାକୁ ଭଲ ପାଆନ୍ତି । ତାଙ୍କର ଆସାମ ପରିଭ୍ରମଣରେ ଯିବାର ପ୍ରବଳ ଇଚ୍ଛା ରହିଛି ।

ଅବଶ୍ୟ ଏହା ଗୋଟିଏ ଅତ୍ୟନ୍ତ ଅସାଧାରଣ ଘଟଣା । ସାଧାରଣତଃ ଲୋକମାନେ ପୂର୍ବଜନ୍ମର କଥା ମନେ ରଖନ୍ତି ନାହିଁ, ଅର୍ଥାତ ଚେତନ ମନ ମଧ୍ୟରୁ ସେ ସବୁ ଘଟଣା ଭୁଲି ହୋଇଯାଏ; ମାତ୍ର ବ୍ୟକ୍ତିଭିତର ଅବଚେତନର ଗଭୀରତମ ପ୍ରଦେଶରେ ତାହା ରହିଥାଏ । ଆମେ ଯଦି ଆମର ବୁଦ୍ଧି ଓ ଇଚ୍ଛାଶକ୍ତିକୁ କେନ୍ଦ୍ରୀଭୂତ କରି ଆମର ପୂର୍ବଜନ୍ମର କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ସ୍ମରଣ କରିବାକୁ ଚାହୁଁ ତେବେ ତା କରିପାରିବୁ । ଜଣେ ରାଜଯୋଗୀ ନିଜର ମନ ଓ ଇଚ୍ଛା-ଶକ୍ତିକୁ ନିୟନ୍ତ୍ରିତ କରି ନିଜକୁ ଏତେ ଶକ୍ତିଶାଳୀ କରିଥାଏ ଯେ ସେ ନିଜର ଅତୀତର ସମସ୍ତ ଜନ୍ମକୁ ସ୍ମରଣ କରିପାରେ । ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି ଓ ଏବେ ମଧ୍ୟ ବହୁ ରାଜଯୋଗୀ ଅଛନ୍ତି ଯେଉଁ-ମାନେ ଏହାର ପ୍ରମାଣ ଦେଇ ପାରିବେ ।

ଆତ୍ମା ଯେତେବେଳେ ମୃତଶରୀରକୁ ତ୍ୟାଗ କରି ଚାଲିଯାଏ, ସେତେବେଳେ ସେ କି ଅବସ୍ଥାରେ ତାର ମୃତ୍ୟୁ ଘଟିଲା ଓ ତାର ପରିବାରବର୍ଗ ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ମନେ ରଖିଥାଏ । ତା ପରେ କ୍ରମେ କ୍ରମେ ସେସବୁ ତାର ଅବଚେତନକୁ ଚାଲିଯାଏ ଓ ଯେଉଁ-ବେଳେ ତା ପୁନର୍ବାର ନୂତନ ଶରୀରରେ ଜନ୍ମ ଗ୍ରହଣ କରେ, ସେତେବେଳେ ଅତୀତକୁ ସଂପୂର୍ଣ୍ଣରୂପେ ଅବଚେତନ ମଧ୍ୟରେ ବନ୍ଦ କରି ରଖିଦେଇ ନୂତନ ଜୀବନ ଆରମ୍ଭ କରେ । ମନେ ରଖିବାଶକ୍ତି ନ ଥିଲେ ମଧ୍ୟ ପୂର୍ବର ସମସ୍ତ ଅଭିଜ୍ଞତା ତାର ନୂତନ ଜୀବନରି

ବ୍ୟକ୍ତିତ୍ୱକୁ ଗଠନ କରିଥାଏ । ପରିବେଶ ଓ ପାରିପାର୍ଶ୍ୱିକ ପରିସ୍ଥିତି କେବଳ ବ୍ୟକ୍ତିତ୍ୱ ଗଠନ ଦିଗରେ ସାହାଯ୍ୟ କରିଥାଏ । ନଚେତ ଧନୀକର ସନ୍ତାନ କାହିଁକି ରୋଗୀ ହୁଏ, ବୁଦ୍ଧି ବିଦ୍ୟାହୀନ ମୂର୍ଖ ହୁଏ, ଦରିଦ୍ରର ସନ୍ତାନ କାହିଁକି ବୁଦ୍ଧିମାନ ହୁଏ, କେହି ଆଜନ୍ମ ଦୁଃଖୀ ହୁଏ, କେହି ଆଜନ୍ମ ସୁଖୀ ହୁଏ, କେହି ବାଲ୍ୟ ଅବସ୍ଥାରୁ ବହୁଗୁଣ ପ୍ରକାଶ କରିଥାଏ, କେହି ସାରାଜୀବନ ବୋକା ହୋଇ ରହିଥାଏ । କେତେକ କ୍ଷେତ୍ରରେ ଦେଖାଯାଏ ସମାନ ବୟସର, ସମାନ ପରିସ୍ଥିତିରେ ଏକ ସ୍ଥାନରେ ଦୁଇଜଣ ଛାତ୍ର ଏକ ଶିକ୍ଷକଙ୍କଠାରୁ ଶିକ୍ଷାଲାଭ କରୁଥିଲେ ମଧ୍ୟ ଜଣେ ଅତ୍ୟନ୍ତ ମୂର୍ଖ ହୋଇ ରହେ ଓ ଅନ୍ୟ ଜଣେ ବିଦ୍ୱାନ ହୋଇଥାଏ ।

ଅତୀତ ଆମର ବର୍ତ୍ତମାନକୁ ଗଠନ କରେ ଓ ବର୍ତ୍ତମାନ ଭବିଷ୍ୟତକୁ ଗଠନ କରେ । ସେଥିପାଇଁ ବେଦାନ୍ତ କହେ ଅତୀତକୁ ଭୁଲିଯାଅ, ମାତ୍ର ବର୍ତ୍ତମାନକୁ ଏପରି ଭାବରେ ବିନିଯୋଗ କର, ଯେପରିକି ଭବିଷ୍ୟତ ସୁଖ ଶାନ୍ତିମୟ ହେବ । ଅତୀତ ଜନ୍ମର ଘଟଣାବଳୀ ଜାଣି ଲାଭ କଣ ? ତାକୁ ଭୁଲିଯିବା ଦ୍ୱାରା ମନୁଷ୍ୟ ସୁଖଶାନ୍ତି ପାଇଥାଏ । ଆମେ ଯେତେବେଶୀ ଅତୀତକୁ ମନେ ରଖିବାକୁ ଚେଷ୍ଟା କରିବୁ ଆମର ଜୀବନ ସେତେବେଶୀ ଅଶାନ୍ତିମୟ ହୋଇ ଉଠିବ ; ତେଣୁ ଅତୀତକୁ ଭୁଲିଯିବାର ପ୍ରବୃତ୍ତି ଆମ ପକ୍ଷରେ ଏକ ଆଶୀର୍ବାଦ ସ୍ୱରୂପ । ଯେଉଁ ମହାଚେତନା ଶକ୍ତି ବଳରେ ଆମେ ଅତୀତର ଅନ୍ଧକାର ମଧ୍ୟରେ ଆଲୋକପାତ କରିପାରୁ ତା କେବଳ ରାଜଯୋଗ ଦ୍ୱାରା ସମ୍ଭବ । ଆଜନ୍ମ ବ୍ରହ୍ମଚର୍ଯ୍ୟ କେବଳ ରାଜଯୋଗରେ ସଫଳ ହୋଇପାରେ । ସବୁଯୋଗ ମଧ୍ୟରେ ଏହାହିଁ ଅତ୍ୟନ୍ତ କଷ୍ଟକର ।

ଯେଉଁ ମହାଶକ୍ତିର ଆମେ ଅଂଶ ବିଶେଷ ତାହାର ପ୍ରତି ଆମେ ଅହରହ ଆକୃଷ୍ଟ ହେବା ସ୍ୱାଭାବିକ । ପ୍ରତି ଜନ୍ମରେ ଆମେ ନିଜର ଆତ୍ମା ଉପରେ ଥିବା ଇଗୋର ଆବରଣକୁ ସାମାନ୍ୟ ପରିମାଣରେ ବାହାର କରିଦେଉ । ଏପରି କରି କରି ଶହ ଶହ ଜନ୍ମପରେ ଆମେ ଇଗୋକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କଲାପରେ ଆତ୍ମାର ସ୍ୱରୂପ ଅନୁଭବ-କରିପାରୁ । ସେତେବେଳେ ଦ୍ୱୈତ ମତ ଅର୍ଥାତ "ମୁଁ ଓ ସେ"ର ଭିନ୍ନ ଭାବ ରହେନାହିଁ, କେବଳ ସବୁ ଏକ ଓ ଅଭିନବ "I am it" ଏଇ ଭାବ ଜାଗ୍ରତ ହୁଏ । ଅଦ୍ୱୈତ ଭାବରେ ଆତ୍ମା ମହାନ ଆତ୍ମା ସହିତ ଏକ ହୋଇଯାଏ, କାରଣ ସେଠାରେ 'ମୁଁ''ର ସ୍ୱତନ୍ତ୍ରତା ଓ ପୁନର୍ଜନ୍ମର ଆଶା ରହେନାହିଁ । ନଦୀ ସମୁଦ୍ରରେ ମିଶିଗଲା ପରି ଏହା ବିଶ୍ୱଶକ୍ତିରେ ମିଶିଯାଏ । ବିଶ୍ୱଶକ୍ତି ଏକ ଓ ଅପରିବର୍ତ୍ତନୀୟ । ମହାସମୁଦ୍ର ପରି ଏହା କମେ ନାହିଁ ବା ବଢ଼େ ନାହିଁ, ଯେତେ ସୃଷ୍ଟି ଯେତେ ଧ୍ୱଂସ ହେଲେ ମଧ୍ୟ ଏହା ସମାନ ରହିଥାଏ ।

ଆତ୍ମା ସର୍ବବ୍ୟାପୀ, ଏହାର ଆରମ୍ଭ ନାହିଁ ବା ଶେଷ ନାହିଁ । କେବଳ ପଞ୍ଚଇନ୍ଦ୍ରିୟର ସୀମିତ ଶକ୍ତି ଦ୍ୱାରା ଆମେ ଯାହା ଦେଖୁ ତା ଦ୍ୱାରା ବିଭ୍ରାନ୍ତ ହେଉ । ଜଣେ ବିଭ୍ରାନ୍ତ ଋଷି ଚାର୍ବାକ କହିଥିଲେ "ଯାବତ୍ ଜୀବେତ ସୁଖଂ ଜୀବେତ । ଭସ୍ମୀଭୂତସ୍ୟ ଦେହସ୍ୟ ପୁନରା-ଗମନ କୁତଃ ?" ଅର୍ଥାତ ଯେତେ ଦିନ ବଞ୍ଚିଛ ଭୋଗ ବିଳାସରେ ମାତିରୁହ, ମୃତ୍ୟୁପରେ ପୁନର୍ଜନ୍ମ ନାହିଁ । ମାତ୍ର ପୃଥିବୀର ପ୍ରାଚୀନତମ ଧର୍ମଗ୍ରନ୍ଥ ବେଦ ବେଦାନ୍ତ ଏବଂ ଶହ ଶହ ରାଜଯୋଗୀ, ମୁନି ଋଷି ଏମାନଙ୍କ ତଥ୍ୟ ଓ ଗବେଷଣା କଣ ମିଥ୍ୟା ? ଜଣେ ଇନ୍ଦ୍ରିୟ ସୁଖ-ଭୋଗୀ ଋଷି ଯାହା କହିଦେଲେ ତା ଦ୍ୱାରା କଣ ଆମେ ବେଦାନ୍ତ ଓ ଗୀତାର ବିଜ୍ଞାନସମ୍ମତ ଯୁକ୍ତିକୁ ଅନ୍ଧ ଭାବରେ ଅବିଶ୍ୱାସ କରି କେବଳ

ତାଙ୍କ ଇନ୍ଦ୍ରିୟ ଶକ୍ତିରେ ବିଶ୍ୱାସ କରିବା ? ଗୋଟିଏ ଅନ୍ଧ ଲୋକ ଅନ୍ୟ ଅନ୍ଧମାନଙ୍କୁ ବାଟ କଢ଼େଇ ନେବା ଭଳି ଏଗୁଡ଼ାକ ମଧ୍ୟ ସଂସାରର ମାୟା-ମୋହାନ୍ଧ ବ୍ୟକ୍ତିମାନଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରନ୍ତି ।

ଆଜି ଯଦି ଜଣେ ବୈଜ୍ଞାନିକ କହନ୍ତି ସୂର୍ଯ୍ୟହିଁ ପୃଥିବୀ ଚାରିପଟରେ ବୁଲୁଛି, ଆମେ ତାଙ୍କୁ କଣ ଅନ୍ଧ ଭାବରେ ବିଶ୍ୱାସ କରିବା ? ସେହିପରି ଏଗୁଡ଼ାକ ଯାହା ବୁଝିପାରି ନାହାନ୍ତି ତାକୁ ତ୍ୟାଗ କରି ଇନ୍ଦ୍ରିୟ ସୁଖ ନିମନ୍ତେ ଲୋକମାନଙ୍କୁ ଉପଦେଶ ଦେଇଛନ୍ତି । ବେଦାନ୍ତର ଭୁଲ ଅର୍ଥ କରୁଛନ୍ତି । ବେଦାନ୍ତ ତ କେବଳ କହୁନାହିଁ ଯେ ସୁଖ ଓ ଭୋଗ ତ୍ୟାଗ କରିବାକୁ; ବରଂ ବେଦାନ୍ତ କହେ ଯେ ଯେତେବେଳେ ମନୁଷ୍ୟ ସଂସାରରେ ସବୁପ୍ରକାର ଭୋଗ କରି ସାରିବ ଓ ତାର ସମସ୍ତ ଆଶା ଆକାଙ୍କ୍ଷା ପୂରଣ ହୋଇପାରିବ ତା'ପରେ ସେ ସ୍ୱତଃ ନିଜକୁ ପ୍ରଶ୍ନ କରିବ, "ଜୀବନର ଉଦ୍ଦେଶ୍ୟ କଣ ?" ତା'ପରେ ତାର ଆଧ୍ୟାତ୍ମିକ ଜୀବନର ଆରମ୍ଭ ହେବ । ସବୁଲୋକ ଏକାବେଳେ ଆଧ୍ୟାତ୍ମିକ ଭାବରେ ଅନୁପ୍ରାଣିତ ହେବା ଏକ ଅସମ୍ଭବ ପରିକଳ୍ପନା ।

ଭାଗ୍ୟ ନିମନ୍ତେ ଭଗବାନଙ୍କୁ ଦୋଷ କାହିଁକି ଦେବ; ବେଦାନ୍ତ ଏହାହିଁ କହେ । ମନୁଷ୍ୟ ନିଜେ ନିଜର ଚିନ୍ତା, କାର୍ଯ୍ୟାବଳୀ ଓ ଆକାଙ୍କ୍ଷାଦ୍ୱାରା ନିଜର ଭବିଷ୍ୟତ ନିର୍ମାଣ କରିଥାଏ । ଭଗବାନ ବୋଲି ଯଦି କେହି ଥାଆନ୍ତି ସେ ହେଉଛନ୍ତି ନୀରବ ଦର୍ଶକ । ଭଗବାନ ଯଦି

**God never rewards the Virtuous nor punishes the wicked.**

**—Bhagabat Gita.**

ପ୍ରକୃତରେ ଭାଗ୍ୟ ନିର୍ମାଣ କରୁଥାଆନ୍ତି, ତେବେ ସେ ଜଣଙ୍କୁ ସାରା-ଜୀବନ ସୁଖ ଓ ଅନ୍ୟ ଜଣଙ୍କୁ ସାରା ଜୀବନ ଦୁଃଖ ଭୋଗିବାକୁ କାହିଁକି

ଦିଅନ୍ତେ । ସଂସାରରେ ଏତେ ପ୍ରକାର ବିଭିନ୍ନତା କାହିଁକି ଦେଖା ଦିଅନ୍ତା ? ଭଗବାନ କ'ଣ ଖୋସାମଦିଆ ଏକଚ୍ଛତ୍ର ଶାସକ ଯେ, ଇଚ୍ଛାନୁଯାୟୀ କାହାକୁ ସୁଖ, କାହାକୁ ଦୁଃଖ ଦିଅନ୍ତି ? ଧର୍ମ ଓ ଈଶ୍ୱରଙ୍କ ସମ୍ବନ୍ଧରେ ଆମର ଯେଉଁ ଅନ୍ଧ ବିଶ୍ୱାସ ରହିଛି ତା ବଦଳିବା ଉଚିତ ।

ବେଦାନ୍ତ କେବେ କହେ ନାହିଁ ଯେ, ସମସ୍ତେ ତ୍ୟାଗ କରି ଏକାଥରେ ମହାତ୍ମା ହୋଇ ଯାଆନ୍ତୁ ବୋଲି । ବେଦାନ୍ତ ଓ ଗୀତାର ଅର୍ଥ ନ ବୁଝି ତାକୁ କଦର୍ଥ କରି ଧର୍ମ ବିଷୟରେ ଏକ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଆଜି ହିନ୍ଦୁମାନେ 'ତମ' ଗୁଣରେ ପରିପୂର୍ଣ୍ଣ ହୋଇ ପଡ଼ି ରହିଛନ୍ତି । ବେଦାନ୍ତକୁ ଏ ଯୁଗର ଶ୍ରେଷ୍ଠ ମାନବ ଶଙ୍କରାଚାର୍ଯ୍ୟ ଓ ବିବେକାନନ୍ଦ ବୋଧଗମ୍ୟ ଭାବରେ ଅର୍ଥ କରି ବୁଝାଇ ଦେଇଛନ୍ତି । ଯେଉଁମାନେ ହିନ୍ଦୁଧର୍ମ ବିଷୟରେ କିଛି ଜାଣିବାକୁ ଚାହାନ୍ତି, ସେମାନେ ସେଇ ଗୁଡ଼ିକ ପଢ଼ିବା ଦରକାର । କାରଣ ମୂଳ ବେଦାନ୍ତ ଓ ଉପନିଷଦ ଗୁଡ଼ିକ ଅତ୍ୟନ୍ତ କଠିଣ । ତା' ସମସ୍ତେ ବୁଝି ପାରିବେ ନାହିଁ । ଯେ ହୀରାକୁ କାଚ ବୋଲି ଭାବିନେଇ ହୀରାକୁ ତ୍ୟାଗ କରି କାଚ ନିର୍ମିତ ନକଲି ହୀରାକୁ ଗ୍ରହଣ କରେ, ସେ ଯେପରି ବିଭ୍ରାନ୍ତ ସେହିପରି ଯେଉଁ ବ୍ୟକ୍ତି ବେଦ, ବେଦାନ୍ତ ଉପନିଷଦ ଓ ଗୀତା ବୁଝି ନପାରି ଚାର୍ବାକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଇନ୍ଦ୍ରିୟ ସୁଖକୁ ଶ୍ରେଷ୍ଠ ସୁଖ ବୋଲି ଭାବେ ସେ ମଧ୍ୟ ବିଭ୍ରାନ୍ତ ।

## ସୂକ୍ଷ୍ମ ଶରୀର

ସମୟ ସମୟରେ ନିର୍ଜ୍ଜନରେ ଆମେ ଏକୁଟିଆ ବସି କୌଣସି ବିଷୟରେ ଗମ୍ଭୀର ଚିନ୍ତା କରୁଥିବା ବେଳେ ଆମେ ନିଜର ଏକ ଛାୟାଭଳି ପ୍ରତିମୂର୍ତ୍ତି ଦେଖିବାକୁ ପାଉ । ସେ ଆମର ସମସ୍ୟାର ସହଜ ସମାଧାନ କରିଦେଇ ପୁନଶ୍ଚ ଅଦୃଶ୍ୟ ହୋଇଯାଏ । ଆମକୁ ଜଣାଯାଏ ଯେପରି କି ଆମ ମଧ୍ୟରୁ ଗୋଟିଏ ପ୍ରତିମୂର୍ତ୍ତି ବାହାରି ପୁଣି ଆମରି ଦେହ ମଧ୍ୟରେ ମିଶିଯାଏ । ଆମେରିକାର 'Phychical Research Society'ରେ ଏଭଳି ଅନେକ ଘଟଣା ଉପରେ ଗବେଷଣା କରାଯାଉଛି, ମାତ୍ର ଏହାର କୌଣସି ସନ୍ତୋଷଜନକ ସମାଧାନ କେହି କରିପାରିନାହାନ୍ତି ।

ହିନ୍ଦୁ ମତରେ ଏହି ଛାୟା ମୂର୍ତ୍ତିକୁ ସୂକ୍ଷ୍ମ ଶରୀର (Astral self) କୁହାଯାଏ । ସ୍ଥୂଳ ଶରୀରର ମୃତ୍ୟୁ ପରେ ମଧ୍ୟ ଏହା ସ୍ୱାଧୀନ ଭାବରେ ରହିପାରେ ଓ ମନୁଷ୍ୟର ସମସ୍ତ ବୁଦ୍ଧି, ଇଚ୍ଛାଶକ୍ତି, ଆଶା, ଆକାଂକ୍ଷା ଓ ଅଭିଜ୍ଞତାକୁ ଏହି ସୂକ୍ଷ୍ମ ଶରୀର ସଙ୍କୁଚିତ କରି ଧାରଣ କରିଥାଏ । ଅନେକ ସମୟରେ ଦେଖାଯାଏ ମନୁଷ୍ୟର ମୃତ୍ୟୁ ସମୟରେ ତାର ଏକ ଛାୟା ପ୍ରତିମୂର୍ତ୍ତି ତାର ଅନ୍ତରଙ୍ଗ ବନ୍ଧୁ ଓ ଆତ୍ମୀୟ ସ୍ୱଜନମାନଙ୍କ ସମ୍ମୁଖରେ ଦେଖା ଦେଇଥାଏ ଓ ତାର ଯାହା କହିବାର କଥା ତା ଜଣାଇଥାଏ । ମନୁଷ୍ୟର ମୃତ୍ୟୁର କେତେ ସେକେଣ୍ଡ ପୂର୍ବରୁ ଓ ପରେ ଏ ପ୍ରକାର ଘଟଣା ଘଟିବାର ବହୁ ଦୃଷ୍ଟାନ୍ତ ରହିଛି । ଜଣେ ମୃତ୍ୟୁ ପୂର୍ବରୁ ନିଜର ସନ୍ତାନ ସନ୍ତତିମାନଙ୍କୁ

ଦେଖି ନ ପାରିଲେ ତାର ଦେଖିବାକୁ ଇଚ୍ଛା ଏତେ ବଳବତୀ ହୁଏ ଯେ ତାର ଛାୟା ପ୍ରତିମୂର୍ତ୍ତି ସନ୍ତାନସନ୍ତତିମାନଙ୍କ ସମ୍ମୁଖରେ ଦେଖାଦେଇଥାଏ ।

କେତେକ ପାଶ୍ଚାତ୍ୟ ଦାର୍ଶନିକ ଓ ବୈଜ୍ଞାନିକ ଏ ପ୍ରକାର ଘଟଣାକୁ ' **Transmission theory**" ବୋଲି କହନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ମସ୍ତିଷ୍କ ବା ଶରୀର ଠାରୁ ଆମର ଆତ୍ମା ଓ ଚେତନଶକ୍ତି (**consciousness**) ସମ୍ପୂର୍ଣ୍ଣ ପୃଥକ । ପାର୍ଥିବ ସ୍ଥୂଳଶରୀରର ଧ୍ୱଂସ ହେଲା ପରେ ମଧ୍ୟ ଏହି ସୂକ୍ଷ୍ମଶରୀରର ସ୍ୱାଧୀନ ସ୍ଥିତି ସମ୍ଭବ ହୁଏ । ମନୁଷ୍ୟର 'ମୁଁ' ଜ୍ଞାନ (**indivi-duality**)ରୁ ତାର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ (**Personality**)ର ସୃଷ୍ଟି ହୁଏ । ବ୍ୟକ୍ତିତ୍ୱ ମନୁଷ୍ୟର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୁଏ ।

କେତେକ ମନୁଷ୍ୟଙ୍କର ପାର୍ଥିବ ପଦାର୍ଥ ପ୍ରତି ମୋହ ଏତେ ପ୍ରବଳ ଥାଏ ଯେ ସେମାନେ ମୃତ୍ୟୁପରେ ମଧ୍ୟ ସେ ଆକର୍ଷଣ ତ୍ୟାଗ କରି ନ ପାରି ବିଶେଷ କଷ୍ଟ ପାଆନ୍ତି । ଜଣେ ଅର୍ଥଲୋଭୀ ବ୍ୟକ୍ତି ତାର ସାରା ଜୀବନ ଅର୍ଥ ଉପାର୍ଜନ କରି ସଞ୍ଚୟ କରିଥାଏ । ତାର ଯଦି ହଠାତ୍ ମୃତ୍ୟୁ ହୋଇଯାଏ, ତେବେ ତାର ସେ ଅର୍ଥମୋହ ତାକୁ ସବୁବେଳେ ପୃଥିବୀ ପ୍ରତି ଆକୃଷ୍ଟ କରି ରଖେ । ସେ ଅର୍ଥ ସଞ୍ଚୟ ନିମନ୍ତେ ଚେଷ୍ଟା କରେ, ମାତ୍ର ସ୍ଥୂଳଶରୀର ନ ଥିବାରୁ ତା କରି ନ ପାରି ବିଶେଷ କଷ୍ଟ ପାଏ । ସେହିପରି ଯଦି କାହାର ନିଜ ପ୍ରେମିକା ବା ସନ୍ତାନସନ୍ତତିଙ୍କ ପ୍ରତି ଅତିରିକ୍ତ ମୋହ ଥାଏ, ସେ ମୃତ୍ୟୁ ପରେ ମଧ୍ୟ ସେମାନଙ୍କୁ ଛାଡ଼ିଯିବାକୁ ଇଚ୍ଛା କରେ ନାହିଁ । ସେମାନଙ୍କ ସହିତ ସେ ଚଳପ୍ରଚଳ ହେବାକୁ ଭଲପାଏ; ମାତ୍ର ତାର ଉପସ୍ଥିତିକୁ କେହି ଜାଣି

ନ ପାରିବାରୁ ସେ ଅତ୍ୟନ୍ତ ଦୁଃଖ ପାଏ । କେହି ତାକୁ ଚିହ୍ନି ପାରନ୍ତି ନାହିଁ, କାରଣ ସେ ଅଦୃଶ୍ୟ ହୋଇ ଚଳପ୍ରଚଳ ହେଉଥାଏ ।

ଯୁଦ୍ଧକ୍ଷେତ୍ରରେ ବା କୌଣସି ଦୈବୀ ଦୁର୍ଘଟଣାରେ ହଠାତ୍ ମୃତ୍ୟୁ ହେଲେ ମନୁଷ୍ୟର ଆତ୍ମା ଜାଣିପାରେ ନାହିଁ ଯେ ତାର ସ୍ଥୂଳଶରୀର ପ୍ରକୃତରେ ମୃତ ନା ଜୀବିତ । ଏହିପରି ଗୋଲକଧନ୍ଦାରେ ସେ କିଛିଦିନ ବିଚଳିତ ହୋଇ ରହେ ଓ ଏହି ସମୟରେ ସେ ଅନ୍ୟାନ୍ୟ ଆତ୍ମାମାନଙ୍କର ସାହାଯ୍ୟ ଆବଶ୍ୟକ କରେ, ଯେ କି ତାକୁ ବାଟ କଢ଼ାଇନେବ ।

ମୃତ୍ୟୁ ପରେ ସୂକ୍ଷ୍ମଶରୀର ଆମର ସମସ୍ତ ମୋହମାୟା ଓ ଆକାଙ୍କ୍ଷାକୁ ନିଜ ସହିତ ନେଇଯାଏ ଓ ସେ ଆକାଙ୍କ୍ଷା ପୂରଣ ନିମନ୍ତେ ଅହରହ ଚେଷ୍ଟା କରୁଥାଏ । ଏଥିନିମନ୍ତେ ତାକୁ ପୁନର୍ବାର ଏକ ନୂତନ ଶରୀର ମଧ୍ୟରେ ଜନ୍ମଗ୍ରହଣ କରିବାକୁ ହୋଇଥାଏ କିମ୍ବା ସେ ଅନ୍ୟ ଏକ ଜଗତରେ ରହି ନିଜର ଇଚ୍ଛାଶକ୍ତି ଦ୍ୱାରା ନିଜର ଇଚ୍ଛା ପୂରଣ କରିଥାଏ । ସମସ୍ତ ସମୟରେ ଆତ୍ମା ନିଜର ଭବିଷ୍ୟତ ସମ୍ବନ୍ଧରେ କିଛି ସ୍ଥିର କରି ନ ପାରି ବହୁକାଳ ପର୍ଯ୍ୟନ୍ତ ସେପରି ସୂକ୍ଷ୍ମ ଶରୀର ନେଇ ଘୂରି ବୁଲୁଥାଏ ଓ ପାର୍ଥିବ ପଦାର୍ଥ ପ୍ରତି ଆକୃଷ୍ଟ ହେଉଥାଏ । ଏପରି ଭାବରେ ହୁଏ ତ କେତେ ଶହ ବର୍ଷ ସେ ରହିଯାଇ ପୁନର୍ବାର ଜନ୍ମଗ୍ରହଣ କରିଥାଏ । ମୃତ୍ୟୁ ପରେ ହଠାତ୍ ବା କେତେଦିନ ପରେ ଯେ ଜଣେ ପୁନର୍ଜନ୍ମ ନେବ, ଏହାର କୌଣସି ଅର୍ଥ ନାହିଁ । ଆମର ସମୟ ଜ୍ଞାନ ଓ ଆତ୍ମାଲୋକର ସମୟଜ୍ଞାନ ସଂପୂର୍ଣ୍ଣ ପୃଥକ । ଆମର ଏକ ହଜାର ବର୍ଷ ସେମାନଙ୍କ ପକ୍ଷରେ ହୁଏ ତ ଗୋଟିଏ ଦିନ ପରି ହୋଇପାରେ ।

ତେଣୁ ଯେଉଁ ଆତ୍ମା କିଛି ସ୍ଥିର କରି ନ ପାରି ଗୋଲକଧନ୍ଦାରେ ପଡ଼ିଯାଏ, ସେ ବହୁଦିନ ପର୍ଯ୍ୟନ୍ତ ଜନ୍ମଗ୍ରହଣ କରିପାରେ ନାହିଁ । ଅନ୍ୟମାନେ, ଯେଉଁମାନେ ସ୍ପଷ୍ଟ ଚିନ୍ତାଧାରା ଓ ନିର୍ଦ୍ଦିଷ୍ଟ ଆଦର୍ଶରେ ଆଗେଇବାର ଚେଷ୍ଟା କରୁଥାନ୍ତି, ସେମାନେ ମୃତ୍ୟୁ ପରେ ଶୀଘ୍ର ଅନ୍ୟ ଏକ ଜନ୍ମଗ୍ରହଣ କରି ନିଜର ପୂର୍ବଜନ୍ମର ଅସମାପ୍ତ କାର୍ଯ୍ୟରେ ପୁଣି ଲାଗିଯାଆନ୍ତି । ନିଜର ଚିନ୍ତାଧାରା ଉପରେ ସ୍ୱର୍ଗ ବା ନରକ ନିର୍ଭର କରେ । ସ୍ୱର୍ଗକୁ ଯେ ଯେପରି ଭାବୁଥାଏ, ସେ ସେପରି ଅନୁଭବ କରେ । ଯେ ସ୍ୱର୍ଗକୁ ବୃକ୍ଷଲତା ପରିବେଷ୍ଟିତ ନନ୍ଦନକାନନ ବୋଲି ଭାବୁଥାଏ, ସେ ସେପରି ଅନୁଭବ କରେ । ଯେ ସ୍ୱର୍ଗକୁ ବହୁ ନାରୀପରିବେଷ୍ଟିତ ପ୍ରାସାଦ ବୋଲି ଭାବୁଥାଏ, ସେ ସେପରି ଅନୁଭବ କରେ । ପ୍ରକୃତରେ ସ୍ୱର୍ଗ ବା ନରକ ବୋଲି କୌଣସି ସ୍ଥାନ ନାହିଁ । ମନୁଷ୍ୟର ଚିନ୍ତାଧାରା ଅନୁଯାୟୀ ସେ ଏକ ପ୍ରକାର ଆନନ୍ଦଦାୟକ ବା ଦୁଃଖଦାୟକ ଅନୁଭୂତି ମଧ୍ୟ ଦେଇ ଗତି କରେ । ତାହାକୁ ହିଁ ସ୍ୱର୍ଗସୁଖ ବା ନରକ ଦୁଃଖ ବୋଲି କୁହାଯାଏ ।

ମାତ୍ର ସ୍ୱର୍ଗ ବା ନରକଭୋଗ କୌଣସିଟି ଚିରସ୍ଥାୟୀ ନୁହେଁ । ଉତ୍ତମ କାର୍ଯ୍ୟ ଓ ଉତ୍ତମ ଚିନ୍ତାଧାରାର ପ୍ରତିଫଳ ଶେଷ ହେବା ପର୍ଯ୍ୟନ୍ତ ମନୁଷ୍ୟ ସ୍ୱର୍ଗସୁଖ ବା ଆନନ୍ଦଦାୟକ ଅନୁଭୂତି ମଧ୍ୟରେ ରହିଥାଏ । ସେପରି କୁକର୍ମ ଓ କୁଚିନ୍ତାର ପ୍ରତିଫଳ ଶେଷ ହେବା ପର୍ଯ୍ୟନ୍ତ ମନୁଷ୍ୟ ନରକଭୋଗ ବା ଦୁଃଖକଷ୍ଟଦାୟକ ଅନୁଭୂତି ମଧ୍ୟରେ ରହିଥାଏ । ଦୁଃଖପୂର୍ଣ୍ଣ ଅନୁଭୂତି ବିନା ସୁଖ ସମ୍ଭବ ନୁହେଁ, କାରଣ ତୁଳନା ଦ୍ୱାରା ହିଁ ଆମେ ସୁଖ ବା ଦୁଃଖର ଅନୁଭୂତିକୁ ବୁଝିପାରୁ । ଅନ୍ଧକାର ନ ଥିଲେ ଆଲୋକର ମହତ୍ତ୍ୱ କିଏ ବୁଝିପାରନ୍ତା ? ଦୁର୍ଗନ୍ଧ ନ ଥିଲେ କିଏ ସୁଗନ୍ଧର ମହତ୍ତ୍ୱ ବୁଝିପାରନ୍ତା ? ମୂର୍ଖ ଯୋଗୁ

ସିନା ଜ୍ଞାନୀର ପାଣ୍ଡିତ୍ୟ ଜାଣିହୁଏ ! ଚିରଦିନ ଯଦି ସୁଖଭୋଗ ହେଉ-
ଥାଆନ୍ତା ତେବେ, ତାହାକୁ ସୁଖ ବୋଲି କହିହୁଅନ୍ତା କି ?

ସବୁଦିନ ଯଦି ଆମେ ପୃଥିବୀରେ ବଞ୍ଚି ରହିଥାନ୍ତୁ, ତେବେ ତା କେତେ ବିରକ୍ତିକର ବୋଧହୁଅନ୍ତା ? ପରିବର୍ତ୍ତନ ବିନା ଅଗ୍ରଗତି ସମ୍ଭବ ନୁହେଁ । ପ୍ରତିଦିନ ବର୍ଷ ବର୍ଷ ଧରି ଗୋଟିଏ ଘରେ ରହି ଗୋଟିଏ ପ୍ରକାର ଖାଦ୍ୟ ଖାଇବା ଓ ଗୋଟିଏ ପ୍ରକାର ଅନୁଭୂତି ମଧ୍ୟରେ ରହିବା କେଡ଼େ ବିରକ୍ତିକର ? ସେଥିପାଇଁ ଜନ୍ମମୃତ୍ୟୁର ଆବର୍ତ୍ତନ ଆମକୁ ନୂତନତ୍ୱ ଆଣିଦିଏ, ନୂତନ ପ୍ରେରଣା ଓ ଉତ୍ସାହ ଆଣିଦିଏ ।

ବିଶ୍ୱ-ଆତ୍ମା (Cosmic oul) ଓ ବିଶ୍ୱ-ଇଗୋ (**Cosmic ego**) ଏକ ନୁହେଁ । ଇଗୋ ହେଉଛି ଆତ୍ମାର ନୀଚତର ପ୍ରକାଶ (**lower type of manifestation**) । ଆତ୍ମା ଉପରୁ ଏହି ଇଗୋର କୁହୁଡ଼ି ବା ପରଦାକୁ ଦୂର କରିବାକୁ ଆମକୁ ଶହ ଶହ ଜନ୍ମମୃତ୍ୟୁର ଆବର୍ତ୍ତନ ବିବର୍ତ୍ତନ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥାଏ । ସେଥିପାଇଁ ସୃଷ୍ଟିରେ ଏତେ ପ୍ରକାର ବିଭିନ୍ନତା ଦେଖାଯାଏ । ଶେଷରେ ମନୁଷ୍ୟ ଏପରି ଏକ ଅବସ୍ଥାରେ ପହଞ୍ଚେ ଯେତେବେଳେ, ତାର ଚିତ୍ତଶୁଦ୍ଧି ହୋଇଯାଏ ଓ ଚିତ୍ତରେ କୌଣସି ପ୍ରକାର ସଂସ୍କାର ଓ ଆକାଙ୍କ୍ଷାର ରୂପ ରହେ ନାହିଁ । ଜଡ଼ ଓ ଇଗୋର ଆବରଣ ସଂପୂର୍ଣ୍ଣରୂପେ ଦୂର ହୋଇଯାଏ । ସେତେବେଳେ ଏହି ସ୍ୱତନ୍ତ୍ର ଆତ୍ମା ପୁନର୍ବାର ବିଶ୍ୱଆତ୍ମାରେ ମିଶି ଏକ ହୋଇଯାଏ ।

ପାଶ୍ଚାତ୍ୟ ଦେଶମାନଙ୍କରେ ମୃତବ୍ୟକ୍ତିର ଆତ୍ମାକୁ ଅନ୍ୟ ଏକ ଜୀବିତ ବ୍ୟକ୍ତି ଉପରେ ଦୃଷ୍ଟିପ୍ରଭାବ ବିସ୍ତାର କରାଇ ମୃତ୍ୟୁ ପରେ ଜୀବନର ରହସ୍ୟ ସମ୍ବନ୍ଧରେ ଗବେଷଣା ଚାଲିଛି । ମାତ୍ର ଏଥି ପାଇଁରେ

ସବୁ ଆତ୍ମା ମିଳନ୍ତି ନାହିଁ । କେବଳ ଯେଉଁ ଆତ୍ମାଗୁଡ଼ିକ ପୃଥିବୀ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇ ରହିଥାଆନ୍ତି ଓ ନିଜର ଅପୂରଣ ଆଶା-ଆକାଙ୍କ୍ଷା ପୂରଣ ନିମନ୍ତେ ପୃଥିବୀ ଛାଡ଼ିଯିବାକୁ କୁଣ୍ଠିତ ହେଉ-ଥାଆନ୍ତି; କେବଳ ସେଇପ୍ରକାର ଅବୋଧ ଆତ୍ମାଗୁଡ଼ିକୁ, ଅନ୍ୟ ଏକ ଜୀବିତ ବ୍ୟକ୍ତିକୁ **Medium** ରୂପେ ବ୍ୟବହାର କରି ଡକାଯାଏ ଓ ନାନାପ୍ରକାର ପ୍ରଶ୍ନ ପଚାରିଲେ ସେ ତାର ଉତ୍ତର ଦେଇଥାଏ । ମାତ୍ର ବେଦାନ୍ତ ମତରେ ଏ ପୃଥିବୀ ପ୍ରତି ମୋହଗ୍ରସ୍ତ ଆତ୍ମାଗୁଡ଼ିକ ଆମ ଅପେକ୍ଷା ଅଧିକ ଜ୍ଞାନୀ ହୋଇପାରିବା ସମ୍ଭବ ନୁହେଁ । ବରଂ ସେମାନେ ଆମର ସାହାଯ୍ୟ ଚାହାଁନ୍ତି ।

ସମୟ ସମୟରେ ଦେଖାଯାଏ ଯେ ଜଣେ ଜଣେ ପୁରୁଷ ବା ସ୍ତ୍ରୀକୁ ଭୂତ ବା ଡାହାଣୀ ଲାଗିଛି ବୋଲି କୁହାଯାଏ । ସେ ବ୍ୟକ୍ତି ନିଜକୁ ସଂପୂର୍ଣ୍ଣ ଜଣେ ଅପରିଚିତ ମୃତବ୍ୟକ୍ତି ବୋଲି କହି ପରିଚୟ ଦେଇ-ଥାଏ ଓ ବହୁ ଅସାଧାରଣ କଥା କହେ । ତାହା ହେଉଛି ଏଇ ମୋହଗ୍ରସ୍ତ ଅବୋଧ ଆତ୍ମାଗୁଡ଼ିକଙ୍କ କାର୍ଯ୍ୟ । ଏମାନେ ଦୁର୍ବଳଚିତ୍ତ ପୁରୁଷ ଓ ସ୍ତ୍ରୀମାନଙ୍କ ମନକୁ ଖାଲି କରିଦେଇ ନିଜେ ଉକ୍ତ ବ୍ୟକ୍ତି ଉପରେ ପୂର୍ଣ୍ଣପ୍ରଭାବ ବିସ୍ତାର କରି ରହନ୍ତି । ଫଳରେ ଉକ୍ତ ଜୀବିତ ବ୍ୟକ୍ତି ନିଜର ନିଜତ୍ୱ ଓ ବୁଦ୍ଧି ବିବେକ ଜ୍ଞାନ ହରାଇ ସଂପୂର୍ଣ୍ଣରୂପେ ଉକ୍ତ ଆତ୍ମାଦ୍ୱାରା ପରିଚାଳିତ ହୁଏ । ତେଣୁ ସେ ବ୍ୟକ୍ତି କେତେକ ଭବିଷ୍ୟତ ବାଣୀ କରିଥାଏ ଓ ଗ୍ରାମବାସୀମାନଙ୍କୁ ଭୟଭୀତ କରାଇଥାଏ ।

ଏ ସମ୍ବନ୍ଧରେ ବୈଜ୍ଞାନିକମାନେ ଏବେ ମଧ୍ୟ ଗବେଷଣା ଚଳାଇଛନ୍ତି; ମାତ୍ର କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି । ମାତ୍ର ବିଜ୍ଞାନ ଯେ ଆତ୍ମାର ସ୍ଥିତିକୁ ସ୍ୱୀକାର କରିବାକୁ

ଆରମ୍ଭ କଲଣି, ଏହା ନିଃସନ୍ଦେହ । ହୁଏତ ଆଉ କେତେ ବର୍ଷ ପରେ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକମାନେ ଆତ୍ମା ଓ ପୁନର୍ଜନ୍ମ ତଥ୍ୟକୁ ସ୍ୱୀକାର କରି ବେଦାନ୍ତର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ସମର୍ଥ ହେବେ । ଆଧୁନିକ ଆଧ୍ୟାତ୍ମବାଦ ମୃତ୍ୟୁକୁ ଏକ ବିଭୀଷିକା ବୋଲି ଦେଖେ ନାହିଁ । ମୃତ୍ୟୁ ପରେ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୁଏ, ଯାହାର ପ୍ରହେଳିକା ଆମେ ପଞ୍ଚ ଇନ୍ଦ୍ରିୟର ସୀମବଦ୍ଧ ଜ୍ଞାନ ଓ ଅନୁଭବଶକ୍ତି ଦ୍ୱାରା ଜାଣିବାକୁ ଅସମର୍ଥ । ଗୋଟିଏ ଶିଶୁ ଯେପରି ଚକୋଲେଟ୍‌କୁ ପୃଥିବୀର ଶ୍ରେଷ୍ଠବସ୍ତୁ ବୋଲି କହେ, ସେହିପରି ଅଜ୍ଞାନୀ, ତମ-ଗୁଣ ପରିପୂର୍ଣ୍ଣ ବ୍ୟକ୍ତିମାନେ ପଞ୍ଚ ଇନ୍ଦ୍ରିୟର ସୁଖକୁ ବ୍ରହ୍ମାଣ୍ଡର ଶ୍ରେଷ୍ଠ ସୁଖ ବୋଲି ଭାବିଥାଆନ୍ତି । ତା'ପରେ ଶିଶୁ ଯେତେବେଳେ ବଡ଼ ହୁଏ, ସେତେବେଳେ ତାର ଧାରଣା ବଦଳିଯାଏ ଓ ସେ ପୃଥିବୀର ଅନ୍ୟାନ୍ୟ ପଦାର୍ଥ ସବୁକୁ ଜାଣିପାରି ନିଜର ପୂର୍ବଧାରଣା ବଦଳାଇବାକୁ ବାଧ୍ୟ ହୁଏ । ସେହିପରି ଇନ୍ଦ୍ରିୟ ଦ୍ୱାରା ପରିଚାଳିତ ଅଜ୍ଞାନୀ ବ୍ୟକ୍ତିମାନେ ବାରମ୍ବାର ଜନ୍ମମୃତ୍ୟୁର ଆବର୍ତ୍ତନ ମଧ୍ୟରେ ଗତିକରି ନିଜକୁ କ୍ରମ ପରିମାର୍ଜିତ କରିଥାଆନ୍ତି ଓ ପ୍ରକୃତ ଜ୍ଞାନ ପାଇବା ପରେ ପଞ୍ଚ ଇନ୍ଦ୍ରିୟର ସୁଖକୁ ଗୌଣ ବୋଲି ଭାବି ଉପରକୁ ଉଠିବାର ଚେଷ୍ଟା କରନ୍ତି ।

ଗୀତା ଓ ବେଦାନ୍ତ ହିନ୍ଦୁର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ମାତ୍ର ହିନ୍ଦୁମାନେ ତାକୁ ତ୍ୟାଗକରି 'ତମ' ଗୁଣରେ ପରିପୂର୍ଣ୍ଣ ହୋଇ ରହିଥିବାବେଳେ ପାଶ୍ଚାତ୍ୟ ଦେଶର ଲୋକେ ଗୀତାର ଆଦର୍ଶକୁ ଗ୍ରହଣ କରି ରଜ-ଗୁଣରେ ପରିପୂର୍ଣ୍ଣ ହୋଇ ପ୍ରକୃତ କର୍ମଯୋଗୀ ହୋଇ ପାରିଛନ୍ତି । ଆମେ ଚୈତନ୍ୟ ଓ ଯୀଶୁଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ଆତ୍ମରକ୍ଷା ଶକ୍ତି ମଧ୍ୟ ହରାଇ ବସିଲୁଣି । ନାନାପ୍ରକାର ଅନ୍ଧ-ବିଶ୍ୱାସ ଓ କୁସଂସ୍କାରରେ ବୁଡ଼ିରହି ହିନ୍ଦୁଧର୍ମକୁ ପୃଥିବୀରେ ଉପହାସିତ

କରାଇଲାଣି । ତଥାପି ଆମର ମାନିଡଲେ ବେଦାନ୍ତର ଅମୂଲ୍ୟ ରତ୍ନ-ଭଣ୍ଡାର ଅଛି ବୋଲି ଜାଣିପାରୁ ନାହୁଁ । ଅଜ୍ଞତା ଓ ଦାରିଦ୍ର୍ୟରେ ଯୋଡ଼ିମାରି ପଡ଼ି ସଢ଼ୁଛୁ ।

**Soaring Higher**

**Religion begins with a tremendous dissatisfa-tion with the present state of things with our lives and a hatred, an intense hatred, for this patching of life an unbound disgust for fraud and lies.**

**—Vivekananda.**

## ମାଧ୍ୟମ ଦ୍ୱାରା ଆତ୍ମାର ପ୍ରକାଶ

ଆଧୁନିକ ବୈଜ୍ଞାନିକମାନେ ଓ ପାଶ୍ଚାତ୍ୟ ଦେଶର ଲୋକମାନେ ବର୍ତ୍ତମାନ ମୃତ୍ୟୁ ପରେ ଆତ୍ମାର ସ୍ଥିତି ସମ୍ବନ୍ଧରେ କ୍ରମେ କ୍ରମେ ବିଶ୍ୱାସ କରିବାକୁ ଆରମ୍ଭ କଲେଣି । କାରଣ 'ପ୍ଲାନ୍‌ଚେଟ୍' ପ୍ରଭୃତି ବିଭିନ୍ନ ପ୍ରକାର ମାଧ୍ୟମରେ ମୃତବ୍ୟକ୍ତିର ସୂକ୍ଷ୍ମଶରୀର ସହିତ ଯୋଗାଯୋଗ ସମ୍ପର୍କ ସ୍ଥାପନ କରିବା ସମ୍ଭବ ହେବାରୁ ସେମାନେ ବିଶ୍ୱାସ କରିବାକୁ ବାଧ୍ୟ ହୋଇଛନ୍ତି । ମୃତବ୍ୟକ୍ତିର ଆତ୍ମା ତାର ବନ୍ଧୁବାନ୍ଧବଙ୍କ ସହିତ କଥାବାର୍ତ୍ତା ହେବାକୁ ଓ ମିଳିମିଶି ଚଳିବାକୁ କିପରି ବ୍ୟଗ୍ର ହୁଏ ଓ ସେମାନଙ୍କୁ ବିପଦରୁ ରକ୍ଷାକରିବାକୁ କିପରି ଚେଷ୍ଟା କରୁଥାଏ, ତା ଅନେକ ପ୍ରକାର ଉପାୟରେ ଜଣାଯାଇଛି ।

ଏହି ମାଧ୍ୟମ (Medium) ଦ୍ୱାରା କିପରି ମୃତବ୍ୟକ୍ତିର ଆତ୍ମା ସହିତ ସମ୍ପର୍କ ସ୍ଥାପନ କରାଯାଏ, ତାହା ହିଁ ଏଠାରେ ଆଲୋଚନା କରାଯାଉଛି । ଯେଉଁ ବ୍ୟକ୍ତିମାନେ ମାଧ୍ୟମ ହେବାକୁ ଇଚ୍ଛା କରନ୍ତି, ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ କୋଠରୀକୁ ସେଥିପାଇଁ ମନୋନୀତ କରି ତାକୁ ଅନ୍ଧକାର କରି ରଖନ୍ତି । ସେ କୋଠରୀରୁ ସବୁ ଅଦରକାରୀ ଜିନିଷପତ୍ର ବାହାର କରି ନିଅନ୍ତି ଏବଂ ଶବ୍ଦ ଓ ଗୋଳମାଳଠାରୁ ସେ ସ୍ଥାନକୁ ଦୂରରେ ରଖିବାର ଚେଷ୍ଟା କରନ୍ତି । ତା'ପରେ ଯେଉଁ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଆତ୍ମା ସହିତ ସମ୍ପର୍କ ସ୍ଥାପନ କରିବାର କଥା, ତା ବିଷୟରେ ନିର୍ଜନରେ ଅନ୍ଧକାର ମଧ୍ୟରେ ଚିନ୍ତା କରନ୍ତି । ଏ ସମୟରେ ମନ ମଧ୍ୟରେ ଅନ୍ୟ କୌଣସି କଥା ଯେପରି ନ ପଶେ, ତା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହୁଏ ।

ସବୁ ଆତ୍ମା ସବୁ ସମୟରେ ମିଳିପାରିବା ସମ୍ଭବ ନୁହେଁ । ସେମାନେ ମଧ୍ୟ ନିଜ ନିଜ କାମରେ ବ୍ୟସ୍ତ ଥାଆନ୍ତି । ତେଣୁ ଥରେ କୌଣସି ଆତ୍ମା ସହିତ ଯୋଗାଯୋଗ ସ୍ଥାପିତ ହେଲା ପରେ ସେ ତା ପରେ ନିଜର ସୁବିଧା ଅନୁଯାୟୀ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରିଦିଏ । କେଉଁଦିନ କେଉଁ ସମୟରେ ଡାକିଲେ ସେ ମିଳିବ, ତା ମଧ୍ୟ ସେ କହିଦିଏ । ଯେଉଁ ବ୍ୟକ୍ତି ନିଜକୁ ମାଧ୍ୟମ (Medium) ରୂପେ ବ୍ୟବହାର କରିବାକୁ ଚାହେଁ ସେ ତାର ମନ, ଇଚ୍ଛାଶକ୍ତି ଓ ଶରୀରକୁ ସଂପୂର୍ଣ୍ଣ-ରୂପେ ଆତ୍ମା ନିକଟରେ ସମର୍ପଣ କରିଦେଇ ନିଜର ନିଜତ୍ୱ ହରାଇ ବସେ । ସେ ଅନ୍ୟ କୌଣସି କଥା ଚିନ୍ତା ନ କରି କେବଳ ସେହି ଆତ୍ମାକୁ ଗ୍ରହଣ କରିବା ନିମନ୍ତେ ଅନ୍ଧକାରରେ ଅପେକ୍ଷା କରୁଥାଏ । ଏପରି ହୁଏ ତ କେତେ ଦିନ କଲାପରେ ହଠାତ୍‌ଦିନେ ତାର ମସ୍ତିଷ୍କ ଓ ଚିନ୍ତାଶକ୍ତିକୁ ଆତ୍ମାର ଚିନ୍ତାଶକ୍ତି ପ୍ରଭାବିତ କରି ଅଧିକାର

କରିନିଏ । ତା ପରେ ମାଧ୍ୟମ-ବ୍ୟକ୍ତିର ସ୍ନାୟୁବିକ ଶକ୍ତି ଓ ଦୈହିକ ଶକ୍ତିକୁ ମଧ୍ୟ ଅଧିକାର କରିନିଏ । ଏହି ଅଧିକାର ସଂପୂର୍ଣ୍ଣ ହୋଇପାରେ କିମ୍ବା ଆଂଶିକ ହୋଇପାରେ ।

ଆଂଶିକ ପ୍ରଭାବ ବିସ୍ତାର ହୁଏତ ମସ୍ତିଷ୍କର ଗୋଟିଏ ଅଂଶ ଉପରେ କିମ୍ବା ଶରୀରର କୌଣସି ଗୋଟିଏ ଅଙ୍ଗ ଉପରେ କିମ୍ବା କୌଣସି ଗୋଟିଏ ସ୍ନାୟୁକେନ୍ଦ୍ର ଉପରେ ହୋଇପାରେ । ଏହି ପ୍ରଭାବ ବିସ୍ତାର, ବ୍ୟକ୍ତିର ଜ୍ଞାତସାରରେ ହୋଇପାରେ କିମ୍ବା ବ୍ୟକ୍ତିର ଅଜ୍ଞାତରେ ମଧ୍ୟ ହୋଇପାରେ । ଯେଉଁ ସ୍ଥଳରେ ବ୍ୟକ୍ତିର ଅଜ୍ଞାତ-ସାରରେ କୌଣସି କୌଣସି ଆତ୍ମା ତା ଉପରେ ଆଂଶିକ ପ୍ରଭାବ ବିସ୍ତାର କରିଥାଏ, ସେ କ୍ଷେତ୍ରରେ ଉକ୍ତ ବ୍ୟକ୍ତି ଅନେକ କଥା କହେ ବା ଅନେକ କାର୍ଯ୍ୟ କରେ; ଯାହା କି ସେ ଜାଣିପାରେ ନାହିଁ । ନିଜର ଶରୀର ଓ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ବାସ୍ତବରେ ସେ ସଚେତନ ଥିଲେ ମଧ୍ୟ ନିଜର କେତେକ କାର୍ଯ୍ୟ ଓ କଥା ନିମନ୍ତେ ସେ କୌଣସି ସନ୍ତୋଷଜନକ କୈଫିୟତ ଦେଇପାରେ ନାହିଁ । କେବଳ କେତେକ ନିର୍ଦ୍ଦିଷ୍ଟ ସମୟରେ କୌଣସି ଦୈବୀ ପ୍ରେରଣାର ବଶବର୍ତ୍ତୀ ହୋଇ ସେ କେତେକ କାର୍ଯ୍ୟ କରିଥାଏ, କବିତା ଲେଖିଥାଏ ବା କଥା କହିଯାଏ ଓ ଅନ୍ୟ ଭାଷାରେ କଥା କହିଥାଏ, ଯାହା କି ତା ପକ୍ଷରେ ସାଧାରଣତଃ କରିବା ସମ୍ଭବ ନୁହେଁ ।

ମାତ୍ର ଯେଉଁ ବ୍ୟକ୍ତିର ଅଜ୍ଞାତରେ କୌଣସି ଆତ୍ମା ତା ଉପରେ ଆଂଶିକ ପ୍ରଭାବ ବିସ୍ତାର କରିଥାଏ, ସେ ସେଭଳି କୌଣସି ଅସାଧାରଣ କାର୍ଯ୍ୟ କଲାବେଳେ ବା କଥା କହିଲାବେଳେ ନିଜର ସ୍ଥିତି ଓ ପାରିପାର୍ଶ୍ୱିକ ପରିସ୍ଥିତି ସମ୍ବନ୍ଧରେ ସଚେତନ ନ ଥାଏ । ସେ ନିଜକୁ ଭୁଲିଯାଏ । ମନୁଷ୍ୟର କୌଣସି ଗୋଟିଏ ମାଂସପେଶୀ କିମ୍ବା ସ୍ନାୟୁ

କେନ୍ଦ୍ର ଉପରେ ଆତ୍ମାର ଆଂଶିକ ପ୍ରଭାବ ବିସ୍ତାର ବିଭିନ୍ନ ପ୍ରକାର ମାଧ୍ୟମ ରୂପରେ ପ୍ରକାଶ ପାଇଥାଏ । ପ୍ଲାନଚେଟ୍ ଲେଖା, ସ୍ୱୟଂକ୍ରିୟ ଲେଖା (automatic writing), ବହୁଦୂରରେ ଥିବା ପଦାର୍ଥକୁ ଦେଖିପାରିବା (Clairvoyance) ଓ ବହୁଦୂରର ଶବ୍ଦକୁ ଶୁଣିପାରିବା (clairaudience) ପ୍ରଭୃତି ଅସାଧାରଣ ଗୁଣ ମାଧ୍ୟମ-ବ୍ୟକ୍ତିଠାରେ ପ୍ରକାଶ ପାଇଥାଏ ।

ଯେତେବେଳେ ଆତ୍ମା ବା spirit ମାଧ୍ୟମ-ବ୍ୟକ୍ତିର ମାଂସ-ପେଶୀକୁ ପ୍ରଭାବିତ କରେ, ସେତେବେଳେ ସେ ବ୍ୟକ୍ତି ବହୁତ ଭାରି ଜିନିଷ ସବୁ ଅନାୟାସରେ ଟେକିପାରେ ଓ ତାର ସେଇ ନିର୍ଦ୍ଦିଷ୍ଟ ହାତରେ ଅସାଧାରଣ ଶକ୍ତି ସୃଷ୍ଟି ହୁଏ । ଲୋକେ ଏହାକୁ ଦୈବୀଶକ୍ତି ବୋଲି କହନ୍ତି । ଯେତେବେଳେ ଆତ୍ମା ମାଧ୍ୟମ-ବ୍ୟକ୍ତିର ଚକ୍ଷୁ ବା ଦୃଷ୍ଟିଶକ୍ତିକୁ ନିୟନ୍ତ୍ରଣ କରୁଥିବା ସ୍ନାୟୁ (optic nerve)କୁ ପ୍ରଭାବିତ କରେ, ସେତେବେଳେ ଉକ୍ତ ବ୍ୟକ୍ତିର ଅସାଧାରଣ ଦୃଷ୍ଟିଶକ୍ତି ସୃଷ୍ଟି ହୁଏ । ସେ ବହୁ ଦୂରର ପଦାର୍ଥକୁ ଦେଖିପାରେ ଓ ଅନ୍ୟଠାରେ କେଉଁଠି କଣ ହେଉଛି, ତା ମଧ୍ୟ ଦେଖିପାରେ । ଯେତେବେଳେ ଆତ୍ମା ବା (Spirit) ମାଧ୍ୟମ-ବ୍ୟକ୍ତିର ଶ୍ରବଣଶକ୍ତିକୁ ନିୟନ୍ତ୍ରଣ କରୁଥିବା ସ୍ନାୟୁକେନ୍ଦ୍ର (Auditory nerve)କୁ ପ୍ରଭାବିତ କରେ ସେତେବେଳେ ଉକ୍ତ ବ୍ୟକ୍ତି ବହୁଦୂରର ଶବ୍ଦ ଶୁଣିପାରେ ଓ ଅନ୍ୟଠାରେ କେଉଁଠି କଣ କଥାବାର୍ତ୍ତା ହେଉଛି, ତା ମଧ୍ୟ ଶୁଣିପାରେ । ଠିକ ସେହିପରି ଆତ୍ମା ଘ୍ରାଣଶକ୍ତି, ଆସ୍ୱାଦନ ଶକ୍ତି ଓ ସ୍ପର୍ଶଶକ୍ତିକୁ ମଧ୍ୟ ପ୍ରଭାବିତ କରିଥାଏ ।

ଏପରି ଆଂଶିକ ପ୍ରଭାବ ଫଳରେ ମାଧ୍ୟମ-ବ୍ୟକ୍ତିର ଯେଉଁ ଅସାଧାରଣ ଗୁଣ ପ୍ରକାଶ ପାଏ, ତାକୁ ଲୋକେ ବୁଝି ନ ପାରି ଉଦ୍ଭୂଧିତ

ହୁଅନ୍ତି । କେହି କେହି ଭୂତ ବା ଡାଆଣୀ ଲାଗିଛି ବୋଲି କହନ୍ତି ଓ ଅନ୍ୟ କେହି ଦୈବଶକ୍ତି ବୋଲି କହନ୍ତି । କେତେଦିନ ଏଇ ଆଂଶିକ ପ୍ରଭାବ ବିସ୍ତାର କଲା ପରେ ଯଦି ମାଧ୍ୟମ-ବ୍ୟକ୍ତି ନିୟମିତ ଆତ୍ମାକୁ ନିଜ ଉପରେ ପ୍ରଭାବ ବିସ୍ତାର କରିବାକୁ ନିମନ୍ତ୍ରଣ କରେ ଓ ସେଥି-ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି କରେ, ତେବେ ଆତ୍ମା କ୍ରମଶଃ ଉକ୍ତ ବ୍ୟକ୍ତିର ମସ୍ତିଷ୍କ, ଚିନ୍ତାଶକ୍ତି ଓ କେନ୍ଦ୍ର ସ୍ନାୟୁମଣ୍ଡଳୀକୁ ପ୍ରଭାବିତ କରି ତାର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ନିୟନ୍ତ୍ରଣ କରେ । ଏ ଅବସ୍ଥାରେ ବ୍ୟକ୍ତି ଅଜ୍ଞାନ ହୋଇଯାଏ ଓ ନିଜର ନିଜତ୍ୱ ହରାଇ ବସେ । ଆତ୍ମା ବା **Spirit** ତାକୁ ସମ୍ପୂର୍ଣ୍ଣ ରୂପେ ନିଜର ନିୟନ୍ତ୍ରଣରେ ରଖିଥାଏ । ଉକ୍ତ ବ୍ୟକ୍ତି ନିଜର ଇଚ୍ଛାରେ କିଛି କରିପାରେ ନାହିଁ ।

ଏ ଅବସ୍ଥାରେ ମାଧ୍ୟମ-ବ୍ୟକ୍ତିର ଚେତନ ମନ ଉପରେ କୌଣସି ପ୍ରଭାବ ନ ପକାଇ ଆତ୍ମା ତାର ଅଚେତନ ଅବସ୍ଥାରେ ତା ଦ୍ୱାରା କେତେକ କଥା କହେ, କେତେକ ଭବିଷ୍ୟତ ବାଣୀ କରେ ଓ ନିଜ ବିଷୟ ମଧ୍ୟ କହିଥାଏ । ମାତ୍ର ଉକ୍ତ ବ୍ୟକ୍ତି ଆତ୍ମାର ପ୍ରଭାବରୁ ମୁକ୍ତ ହେବା ପରେ ସେ ସବୁ କିଛି ମନେରଖି ପାରେ ନାହିଁ ବା କଣ ହୋଇଥିଲା, କିଛି ଜାଣିପାରେ ନାହିଁ । କେବଳ ସେ ଅଚେତ ଅବସ୍ଥାରେ ଥିଲା ବୋଲି ତାର ମନେ ହୁଏ । ଏହି ଅଚେତ ଅବସ୍ଥାକୁ **State of trance** କୁହାଯାଏ ।

ଏହି ପ୍ରକାର ମାଧ୍ୟମ ଅଭ୍ୟାସ କରୁଥିବା ବହୁ ଆଧ୍ୟାତ୍ମବାଦୀ ସବୁ ଦେଶରେ ଅଛନ୍ତି । ଏଇ ପ୍ରକାର 'ଅଚେତ-ମାଧ୍ୟମ' କିଛିଦିନ ଅଭ୍ୟାସ କଲା ପରେ ଅନ୍ୟ ଏକ ପ୍ରକାର ଅବସ୍ଥା ଆସି ପହଞ୍ଚେ, ଯେତେବେଳେ ମାଧ୍ୟମ-ବ୍ୟକ୍ତି ବହୁ ସମୟ ଧରି ସମ୍ପୂର୍ଣ୍ଣ ଅଚେତ

ହୋଇଯାଏ ଓ ମୃତବ୍ୟକ୍ତିର ଆତ୍ମା ମାଧ୍ୟମ-ବ୍ୟକ୍ତିର ସମସ୍ତ ଶାରୀରିକ ଓ ମାନସିକ ଶକ୍ତିକୁ ଟାଣିଆଣି ନିଜ ସହିତ ମିଶାଇ ଦେଇ ବାହ୍ୟ ଅଣୁପରମାଣୁ ଓ ଏକପ୍ରକାର ଜେଲି ଭଳି ପଦାର୍ଥ (ectoplasme)ର ସମ୍ମିଶ୍ରଣରେ ଏକ ଛାୟାରୂପ ସୃଷ୍ଟି ହୋଇଥାଏ । ଏହା ଦେଖିବାକୁ ଠିକ୍ ମୃତବ୍ୟକ୍ତି ଭଳି । କେତେକ ବ୍ୟକ୍ତି ଏ ଛାୟାମୂର୍ତ୍ତିକୁ ମଧ୍ୟ ସ୍ପର୍ଶ କରିଛନ୍ତି ଓ ସେମାନଙ୍କ ମତରେ ଏ ମୂର୍ତ୍ତି ହାତକୁ ଜେଲେଟିନ ଭଳି ବା ରବର ଭଳି ଲାଗେ । ପୁଣି କେତେ ସମୟ ପରେ ଏହା ଅଦୃଶ୍ୟ ହୋଇଯାଏ ଓ ମାଧ୍ୟମ-ବ୍ୟକ୍ତିର ଚେତା ଫେରିଆସେ ।

ଆମେରିକାରେ ବହୁତ ବ୍ୟକ୍ତି ଏ ସମ୍ବନ୍ଧରେ ଗବେଷଣା ଚଳାଉଛନ୍ତି । ସେମାନଙ୍କ ମତରେ ମାଧ୍ୟମ-ବ୍ୟକ୍ତି ଜରିଆରେ ଆତ୍ମା ଦୁଇ ପ୍ରକାର କାର୍ଯ୍ୟକଳାପ ଦେଖାଇପାରେ (୧) **Telekinetic Phenomena** ଅର୍ଥାତ୍ କୌଣସି ପଦାର୍ଥକୁ ସ୍ପର୍ଶ ନ କରି ନିଜର କାର୍ଯ୍ୟକଳାପ ଜଣାଇ ଦେଇପାରେ । ଯଥା—ଟେବୁଲ ଧଡ଼୍ ଧଡ଼୍ କରିବା, କୌଣସି ପଦାର୍ଥକୁ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ରଖିବା, ପରଦା ଉଡ଼ିବା, ଠକ୍ ଠକ୍ ଶବ୍ଦ କରିବା, ବାଦ୍ୟଯନ୍ତ୍ର ଶବ୍ଦ ପରି ଶବ୍ଦ କରିବା, ସ୍ଲେଟ ବା କାଗଜ ଉପରେ ଲେଖିବା ଇତ୍ୟାଦି । (୨) **Teleplastic Pheromena** ଅର୍ଥାତ୍ ଆତ୍ମା ମାଧ୍ୟମ-ବ୍ୟକ୍ତି ଜରିଆରେ କୌଣସି ଆକାର ଗ୍ରହଣ କରେ ।

ମାତ୍ର ଏ ପ୍ରକାର କାର୍ଯ୍ୟ ଅଭ୍ୟାସ ରୂପେ କରୁଥିବା ମାଧ୍ୟମ-ବ୍ୟକ୍ତିମାନେ କ୍ରମେ ଦୁର୍ବଳ ହୋଇ ଯାଆନ୍ତି; ନାନାପ୍ରକାର ଶାରୀରିକ ଓ ମାନସିକ ବ୍ୟାଧିରେ ପୀଡ଼ିତ ହୁଅନ୍ତି ଏବଂ ନିଜର ଚିନ୍ତା-ଶକ୍ତି ଓ ଇଚ୍ଛାଶକ୍ତି ହରାଇ ବସନ୍ତି । କାରଣ ଏମାନେ ସମ୍ପୂର୍ଣ୍ଣ

ରୂପେ ମୃତବ୍ୟକ୍ତିର ଆତ୍ମା ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି ଓ ନିଜର କୌଣସି ଶକ୍ତି ରହେ ନାହିଁ। ଏ ସମସ୍ତ ବିଷୟ ଉପରେ ଗବେଷଣା ଚାଲିଥିଲେ ସୁଦ୍ଧା ପାଶ୍ଚାତ୍ୟ ଦେଶରେ ଲୋକେ ମୃତ୍ୟୁ ପରେ ଜୀବନ ଓ ଆତ୍ମାର ସ୍ଥିତିକୁ ସ୍ୱୀକାର କଲେଣି, ଏହା ନିଃସନ୍ଦେହରେ କୁହାଯାଇ ପାରେ।

ଅନେକ ସମୟରେ ମୃତବ୍ୟକ୍ତି ଆତ୍ମାକୁ ପ୍ଲାନଚେଟ୍ ବା ମିଡ଼ିୟମଦ୍ୱାରା ଡକାଯାଇ ନାନାପ୍ରକାର ପ୍ରଶ୍ନ ପଚରାଯାଏ ଓ ସେ ଆତ୍ମା ଗୋଟିଏ ସ୍ଲେଟରେ ବା କାଗଜରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖି ଦେଇଥାଏ। କେତେକ କ୍ଷେତ୍ରରେ ଅଦୃଶ୍ୟ ଶୂନ୍ୟବାଣୀ ମଧ୍ୟ ଶୁଣାଯାଏ। ଏଥିରୁ ସ୍ପଷ୍ଟ ଜଣାଯାଏ, ମନୁଷ୍ୟର ଶରୀରର ମୃତ୍ୟୁ ହେଲେ ମଧ୍ୟ ଆତ୍ମା ଓ ସୂକ୍ଷ୍ମଶରୀର ରହିଥାଏ। ଏହା ପୁନର୍ବାର ଜନ୍ମଗ୍ରହଣ କରେ। ବେଦାନ୍ତ ମତରେ କୌଣସି ବ୍ୟକ୍ତି ନିଜକୁ ମାଧ୍ୟମ ରୂପେ ବ୍ୟବହାର କରିବା ଅନୁଚିତ। କାରଣ ଏହା ଦ୍ୱାରା ବ୍ୟକ୍ତିର ବିକାଶ ହେବା ପରିବର୍ତ୍ତେ ଅବନତି ହୋଇଥାଏ।

**Mediumship is a subjective process of making the mind and body passive, and of surrendering the will and volitonal power to some external influence which controls the organism of the medium, while development means a gradual unfolding of the positive powers which are latent in the soul by the natural procoess of evolution.**

ଏହା ଦ୍ୱାରା ମାଧ୍ୟମ-ବ୍ୟକ୍ତିର ସମସ୍ତ ଶକ୍ତି ଲୋପ ପାଇଯାଏ ଓ ସଂସାର ପ୍ରତି ଆସକ୍ତ ଶହ ଶହ ଆତ୍ମା ବା Spirit ନିଜକୁ ଏହି ମାଧ୍ୟମ ଜରିଆରେ ଅଭିବ୍ୟକ୍ତ ଦେବାକୁ ବ୍ୟଗ୍ର ହୋଇ ଉଠନ୍ତି । ଫଳରେ ମାଧ୍ୟମ ବ୍ୟକ୍ତି ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ପାରେ ନାହିଁ; ଏପରି କି ତାର ପଞ୍ଚ ଇନ୍ଦ୍ରିୟ ଓ କର୍ମଫଳ ମଧ୍ୟ ମୃତ ବ୍ୟକ୍ତିମାନଙ୍କର ସୂକ୍ଷ୍ମଶରୀର ଦ୍ୱାରା ନିୟନ୍ତ୍ରିତ ହୁଏ । କେତେକ ବ୍ୟକ୍ତି ଅସାଧାରଣ ଗୁଣର ଅଧିକାରୀ ହେବା ନିମନ୍ତେ ନିଜକୁ ମାଧ୍ୟମ ରୂପେ ବ୍ୟବହାର କରିବାକୁ ଭଲ ପାଆନ୍ତି । ମାତ୍ର ଶେଷରେ ସେମାନେ ଅର୍ଦ୍ଧପାଗଳ ହୋଇ ନାନାପ୍ରକାର ସ୍ନାୟବିକ ଓ ମାନସିକ ରୋଗରେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପତିତ ହୁଅନ୍ତି ।

ସେଥିପାଇଁ ବେଦାନ୍ତ କହେ ଯେ, ସମସ୍ତ ଅସାଧାରଣ ଗୁଣର ଅଧିକାରୀ ଯେଉଁମାନେ ହେବାକୁ ଚାହାନ୍ତି, ସେମାନେ କାପାଳିକ ନ ହୋଇ ରାଜଯୋଗୀ ହେବାକୁ ଚେଷ୍ଟା କରନ୍ତୁ । ରାଜଯୋଗ ଦ୍ୱାରା ମନୁଷ୍ୟ ନିଜର ଇଚ୍ଛାଶକ୍ତିକୁ ଅନ୍ୟ ନିକଟରେ ସମର୍ପଣ କରି ନ ଦେଇ ନିଜର ସାଧନା ବଳରେ ଅତୀତ ଭବିଷ୍ୟତ ସବୁ ଜାଣିପାରେ ଓ ଅନ୍ୟମାନଙ୍କର ଅତୀତ ଭବିଷ୍ୟତ ମଧ୍ୟ ଜାଣିପାରେ । ସେ ସବୁ ପ୍ରକାର ଅସାଧାରଣ ଗୁଣର ଅଧିକାରୀ ହୋଇପାରେ । ମୃତବ୍ୟକ୍ତିମାନଙ୍କର ଆତ୍ମାମାନେ ତାର କଥା ମାନି ଚଳନ୍ତି ।

ଯେଉଁମାନେ 'ରାଜଯୋଗ' ସମ୍ବନ୍ଧରେ ଅଧିକ ଜାଣିବାକୁ ଚାହାଁନ୍ତି, ସେମାନେ ସ୍ୱାମୀ ବିବେକାନନ୍ଦଙ୍କର 'ରାଜଯୋଗ' ପୁସ୍ତକ ପଢ଼ି ପାରନ୍ତି । ପ୍ରକୃତ ଜ୍ଞାନୀବ୍ୟକ୍ତି କେବେହେଲେ ପ୍ରେତ-ଦୁନିଆଁ ସହିତ ସଂପର୍କ ସ୍ଥାପନ କରିବାକୁ ଇଚ୍ଛା ନ କରି ତା ଠାରୁ ଉପରକୁ ଯିବାର ଚେଷ୍ଟା କରିବେ ।

# ଏକ ନୂତନ ଦୁନିଆଁ

ମନୁଷ୍ୟର ଆତ୍ମାର ସ୍ଥିତି ସମ୍ବନ୍ଧରେ ପୃଥିବୀର ବହୁ ଦେଶର ଲୋକେ ବିଶ୍ୱାସ କରନ୍ତି । ଇଜିପ୍ଟ, ଚୀନ, ଆରବ, ପାରସ୍ୟ, ରୋମ, ଗ୍ରୀସ୍ ଓ ସ୍କାଣ୍ଡିନେଭିଆ ପ୍ରଭୃତି ଅନେକ ଦେଶରେ, ମୃତ୍ୟୁ ପରେ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୁଏ ବୋଲି, ଲୋକମାନେ ବିଶ୍ୱାସ କରନ୍ତି । ଆଧୁନିକ ଆଧ୍ୟାତ୍ମବାଦ ନାନାପ୍ରକାର ମାଧ୍ୟମ ( Medium ) ଦ୍ୱାରା ଆତ୍ମାର ସ୍ଥିତିକୁ ପ୍ରମାଣ କରିବାକୁ ସମର୍ଥ ହୋଇପାରିଛି । ଏଥିରେ ସନ୍ଦେହର ପ୍ରଶ୍ନ ଉଠେ ନାହିଁ । ମୃତ୍ୟୁ ଆମର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ଓ ଏହା ଆମ ଜୀବନର ଏକ ଆବଶ୍ୟକତା ।

ଗୋଟିଏ ବ୍ୟକ୍ତିର ମୃତ୍ୟୁ ସମୟରେ ଦେଖାଯାଏ ଯେ ତାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ କ୍ରମଶଃ ଅବଶ ଓ ଶକ୍ତିହୀନ ହୋଇପଡ଼େ । ପଞ୍ଚେନ୍ଦ୍ରିୟର ଶକ୍ତି କମିଯାଏ ଓ ଶରୀରର ବିଭିନ୍ନ ଅଙ୍ଗରୁ ଜୀବନୀଶକ୍ତି ଗୁଳିଆସି ଗୋଟିଏ ସ୍ଥଳରେ କେନ୍ଦ୍ରୀଭୂତ ହୁଏ, ଯାହା ଫଳରେ ତାର ମାନସିକ ଶକ୍ତି ଅସାଧାରଣ ଭାବରେ ଶକ୍ତିଶାଳୀ ହୋଇଯାଏ । ସେ ବିସ୍ମୃତ କଥା ଜାଣିପାରେ ଓ ବହୁ ଦୂରର ପଦାର୍ଥ ସବୁ ଦେଖିପାରେ ଏବଂ ତାର ଅବଚେତନର ସ୍ମୃତିସବୁ ପୁନର୍ବାର ତାର ମନରେ ଜାଗ୍ରତ ହୁଏ । ବହିର ପୃଷ୍ଠା ଓଲଟାଇବା ଭଳି ସେ ତାର ଅତୀତର ସମସ୍ତ ସ୍ମୃତିକୁ ମନ ମଧ୍ୟରେ ଦେଖିବାକୁ ପାଏ । ସ୍ମୃତିଶକ୍ତି ପ୍ରଖର ହୋଇଯାଏ । ଏପରି କି ସେ ଦୂରରେ ଥିବା ତାର ଆତ୍ମୀୟ ସ୍ୱଜନମାନଙ୍କୁ ଛାୟା ରୂପରେ ଦେଖାଦେଇଥାଏ; କିମ୍ବା କୌଣସି ବାଣୀ ଶୁଣାଇଥାଏ ।

ଆମେ ଗାଢ଼ ନିଦ୍ରାରେ ଶୋଇବା ସମୟରେ ଯେପରି ଆମର ପଞ୍ଚ ଇନ୍ଦ୍ରିୟର ଶକ୍ତି ଚେତନ ଅବସ୍ଥାରେ ନ ଥାଏ, ଠିକ୍ ସେହିପରି ମୃତ୍ୟୁ ପରେ ଆମର ସମସ୍ତ ଇନ୍ଦ୍ରିୟଶକ୍ତି ଅଚେତନ ହୋଇଯାଇ ସମସ୍ତ ଶକ୍ତି ଗୋଟିଏ ଅଣ୍ଟାରେ କେନ୍ଦ୍ରୀଭୂତ ହୋଇ ରହେ । ବ୍ୟକ୍ତିର ସ୍ୱତନ୍ତ୍ର ଆତ୍ମା ସହିତ ବ୍ୟକ୍ତିର ଇଚ୍ଛାଶକ୍ତି, ବୁଦ୍ଧି, ଆଶା, ଆକାଂକ୍ଷା ଓ ଚେତନଶକ୍ତି ସବୁ ସଙ୍କୁଚିତ ଅବସ୍ଥାରେ ରହିଥାଆନ୍ତି । ଆତ୍ମା ନିଜ ସହିତ ସୂକ୍ଷ୍ମଶରୀରକୁ ନେଇ ଘୂରିବୁଲେ । ମୃତ୍ୟୁ ସମୟରେ ଏକ-ପ୍ରକାର କ୍ଷୀଣ ଜ୍ୟୋତିର୍ମୟ ପଦାର୍ଥ ଶରୀରରୁ ବାହାରିଯାଏ । ଏହା ହିଁ ହେଉଛି ସୂକ୍ଷ୍ମଶରୀର । ସମସ୍ତେ ଏହାକୁ ଦେଖିପାରନ୍ତି ନାହିଁ । କେତେକ କ୍ଷେତ୍ରରେ ଏ ଉଜ୍ଜ୍ୱଳ ଜ୍ୟୋତିର ଫଟୋ ମଧ୍ୟ ଅତ୍ୟନ୍ତ ଶକ୍ତିଶାଳୀ କ୍ୟାମେରା ଦ୍ୱାରା ନିଆଯାଇ ଏ ସମ୍ବନ୍ଧରେ ଅଧିକ ଗବେଷଣା କରାଯାଉଛି ।

ଏହି ସୂକ୍ଷ୍ମଶରୀରରେ ମନୁଷ୍ୟର ବୁଦ୍ଧି, ବିଚାରଶକ୍ତି, ଇଚ୍ଛା, ଆଶା-ଆକାଂକ୍ଷା ସବୁ ସଙ୍କୁଚିତ ହୋଇ ରହିଥାଏ । ଆତ୍ମାକୁ କେନ୍ଦ୍ରରୂପେ ରଖି ଏ ଶରୀର ମୃତଶରୀର ପ୍ରତି ଆକୃଷ୍ଟ ହୋଇଥାଏ । କାରଣ ଏତେ ଶୀଘ୍ର ନିଜର ପୂର୍ବ ଶରୀର ପ୍ରତି ମାୟା ସେ ଛାଡ଼ିପାରେ ନାହିଁ । ତେଣୁ ହିନ୍ଦୁମାନେ ମୃତଶରୀରକୁ ପୋଡ଼ି ଦେଇ ନଷ୍ଟ କରି-ଦିଅନ୍ତି, ଫଳରେ ଆତ୍ମା ଓ ସୂକ୍ଷ୍ମଶରୀର ମୃତଶରୀର ପ୍ରତି ଆକୃଷ୍ଟ ହୋଇ ନିଜର ସମୟ ନଷ୍ଟ କରିବାର ସୁଯୋଗ ପାଆନ୍ତି ନାହିଁ । ମିଶର ଦେଶର ଓ ପାଶ୍ଚାତ୍ୟ ଦେଶମାନଙ୍କରେ ମୃତଶରୀରକୁ କବର ଦିଆଯାଏ । ତା'ଦ୍ୱାରା ଆତ୍ମା ନିଜର ପୂର୍ବଶରୀରର ମାୟା ତ୍ୟାଗ କରି ନ ପାରି ସେହି ଶରୀର ନିକଟରେ ଘୂରିବୁଲେ ଓ ଅଧିକ କଷ୍ଟ

ଯାଏ । ସେଥିପାଇଁ ମୃତଶରୀରକୁ ପୋଡ଼ି ନଷ୍ଟ କରି ଦେଲେ ଆତ୍ମା କ୍ରମେ କ୍ରମେ ନିଜର ପୂର୍ବ ଶରୀରକୁ ଭୁଲିଯାଏ ଓ ଶୀଘ୍ର ପୁନର୍ବାର ଜନ୍ମଗ୍ରହଣ କରିଥାଏ ।

ମୃତଶରୀର ଧ୍ୱଂସ ପାଇଗଲା ପରେ ଆତ୍ମା ଏ ଦୁନିଆର ୩ୟ ବସ୍ତୁତିକୁ ଛାଡ଼ି ୪ର୍ଥ ବସ୍ତୁତିର ସୀମା ମଧ୍ୟରେ ପ୍ରବେଶ କରେ । ପଞ୍ଚ-ଇନ୍ଦ୍ରିୟର ଶକ୍ତି ଦ୍ୱାରା ଏ ୪ର୍ଥ ବସ୍ତୁତିକୁ ଅନୁଭବ କରିପାରିବା ସମ୍ଭବ ନୁହେଁ । ପ୍ରାଣ ବା ଜୀବନୀଶକ୍ତି ଚତୁର୍ଥ ବସ୍ତୁତିରେ ଏକ ଭିନ୍ନ ପ୍ରକାର ଗତିରେ ତରଙ୍ଗାୟିତ (**Different state of vibration**) ହୁଏ । ଏହା ଏହି ଦୁନିଆରେ ରହିଥିଲେ ମଧ୍ୟ ଆମର ଅନୁଭବ ଶକ୍ତିର ବାହାରେ ଥିବାରୁ ଆମେ ଏହାକୁ ଦେଖିପାରୁ ନାହିଁ ବା ଏହାର ଉପସ୍ଥିତି ଜାଣିପାରୁ ନାହିଁ । **Infra-red ray** ଭଳି ଏହା ଅଦୃଶ୍ୟ ହୋଇ ରହିଥାଏ । ମାତ୍ର ପ୍ରତ୍ୟେକଟି ସୂକ୍ଷ୍ମଶରୀରର ତରଙ୍ଗାୟିତ ହେବାର ବେଗ ଭିନ୍ନ ଭିନ୍ନ ହୋଇଥିବାରୁ କେହି କାହାର ଗତି ପଥରେ ବାଧା ସୃଷ୍ଟି କରନ୍ତି ନାହିଁ । ପୃଥିବୀରେ ବହୁତଗୁଡ଼ିଏ ବେତାର ଶବ୍ଦ ପ୍ରେରକ ଯନ୍ତ୍ର (**Transmitter**) ରହିଛି । ପ୍ରତ୍ୟେକଟି ବିଭିନ୍ନ ତରଙ୍ଗ ଶକ୍ତି ବିଶିଷ୍ଟ, ତେଣୁ କେହି କାହାର ପଥରେ ବାଧା ସୃଷ୍ଟି କରନ୍ତି ନାହିଁ । ସେହିପରି ପ୍ରତ୍ୟେକଟି ସୂକ୍ଷ୍ମଶରୀରର ତରଙ୍ଗାୟିତ ହେବାର ବେଗ ଭିନ୍ନ ହୋଇଥିବାରୁ କେହି କାହାର ପଥରେ ବାଧା ସୃଷ୍ଟି କରନ୍ତି ନାହିଁ ।

ବ୍ୟକ୍ତିର ଇଚ୍ଛାଶକ୍ତି, ବୁଦ୍ଧି, ଆଶା ଆକାଙ୍‌କ୍ଷା ଏସବୁ ଆତ୍ମାକୁ କେନ୍ଦ୍ର କରି ବିଭିନ୍ନ ପ୍ରକାର ବେଗରେ ତରଙ୍ଗାୟିତ (**Vibrate**) ହେଉଥାଆନ୍ତି । କିଛିଦିନ ପରେ ଆତ୍ମା ଗାଢ଼ ନିଦରେ ଶୋଇପଡ଼େ । ଏହାକୁ ବିଶ୍ରାମ ସମୟ କୁହାଯାଏ । ଗୋଟିଏ ଜନ୍ମରେ ବହୁ ପ୍ରକାର

ଶାରୀରିକ ଓ ମାନସିକ କାର୍ଯ୍ୟକର କ୍ଳାନ୍ତଶ୍ରାନ୍ତ ହୋଇ ପଡ଼ିଥିବାରୁ ଏହାର ବିଶ୍ରାମ ଗ୍ରହଣ ଏକାନ୍ତ ଆବଶ୍ୟକ ହୁଏ । ଏହାକୁ "·tate of·slumber" କୁହାଯାଏ ।

ଯେଉଁମାନେ ଅତ୍ୟନ୍ତ ଦୁଃଖ ଓ ବୈରାଗ୍ୟ ଭୋଗୀ ମୃତ୍ୟୁ ବରଣ କରିଥାନ୍ତି ସେମାନଙ୍କର ଆତ୍ମା ସୁଖନିଦ୍ରା ପାଏ ନାହିଁ । ସଂସାର ପ୍ରତି ଅତିରିକ୍ତ ଆକର୍ଷଣ ହେତୁ ସେ ତାର ଆତ୍ମୀୟ ସ୍ୱଜନମାନଙ୍କ ସ୍ୱପ୍ନ ଦେଖିଲା ଭଳି ଦେଖେ ଓ ସବୁବେଳେ ବିବ୍ରତ ହୁଏ । ଅନ୍ୟ କେତେକ ଆତ୍ମା ଯଦିଓ ନିଦ ସମୟରେ ସଚେତନ ଥାଆନ୍ତି ତଥାପି ଜାଣି ପାରନ୍ତି ନାହିଁ ଯେ, ତାଙ୍କର ଶରୀରର ମୃତ୍ୟୁ ହୋଇ ଯାଇଛି ବୋଲି । ଏହା ଜାଣିବାକୁ ସେମାନଙ୍କୁ ବହୁତ ଦିନ ସମୟ ଲାଗେ । ହଠାତ୍ କୌଣସି ଦୁର୍ଘଟଣାରେ ମୃତ୍ୟୁ ହୋଇଗଲେ ଏପରି ଘଟିଥାଏ । ଯେଉଁ ଆତ୍ମା ଗୁଡ଼ିକ ସଂସାର ପ୍ରତି ସବୁବେଳେ ଆକୃଷ୍ଟ ହୁଅନ୍ତି ସେମାନେ ବହୁତ ଦୁଃଖ ପାଆନ୍ତି (ଏଠାରେ ଆତ୍ମାର ଅର୍ଥ ଇଗୋ) । ନିଜର ପ୍ରିୟାପ୍ରୀତି, ବନ୍ଧୁବାନ୍ଧବମାନଙ୍କ ମେଳରେ ସେମାନେ ରହନ୍ତି । ମାତ୍ର ସେମାନଙ୍କର ଉପସ୍ଥିତି କେହି ଜାଣି ନପାରିବାରୁ ସେମାନେ ନିଜକୁ ଅପମାନିତ ମନେ କରି କଷ୍ଟ ଭୋଗ କରନ୍ତି । ଏଥିରୁ ଜଣାଯାଏ ପ୍ରତି ଆତ୍ମା ନିଜର ଇଚ୍ଛା ଓ ଆକାଂକ୍ଷା ଦ୍ୱାରା ନିଜର ବାତାବରଣ ଓ ପାରିପାର୍ଶ୍ୱିକ ପରିସ୍ଥିତି ସୃଷ୍ଟି କରିଥାଏ ।

ଆତ୍ମା କେତେଦିନ ପରେ ଏହି ନିଦ୍ରା ବା ବିଶ୍ରାମରୁ ଉଠେ । ଯେଉଁମାନଙ୍କର ପୃଥିବୀ ପ୍ରତି ଅତ୍ୟନ୍ତ ଆସକ୍ତି ଥାଏ ସେମାନେ ଶୀଘ୍ର ଉଠି ପୁନର୍ବାର ଜନ୍ମଗ୍ରହଣ କରନ୍ତି, କାରଣ ସେମାନଙ୍କର ପାର୍ଥିବ ପ୍ରବୃତ୍ତି ଚରିତାର୍ଥ କରିବାର ପ୍ରବଳ ଆଶା ସେମାନଙ୍କୁ ବେଶି ସମୟ

ବିଶ୍ରାମ ଗ୍ରହଣ କରିବାକୁ ଦିଏନାହିଁ । ଅନ୍ୟମାନେ ବହୁଦିନ ବିଶ୍ରାମ ଗ୍ରହଣ କରି ତାପରେ ନିଜର ଆକାଙ୍କ୍ଷା ଅନୁଯାୟୀ ଉପଯୁକ୍ତ ପାରିପାର୍ଶ୍ଵିକ ପରିସ୍ଥିତି ମଧ୍ୟରେ ଜନ୍ମଗ୍ରହଣ କରନ୍ତି । ଆଉ କେତେକ ଆତ୍ମା ବା **Spirit** ନିଜକୁ ମାଧ୍ୟମ ବ୍ୟକ୍ତି **(medium)** ଜରିଆରେ ପ୍ରକାଶ କରିଥାଆନ୍ତି ଓ ନିଜର ଅପୂରଣ ଆଶା ମାଧ୍ୟମ ବ୍ୟକ୍ତି ଦ୍ୱାରା ପୂରଣ କରାଇଥାଆନ୍ତି । ଏଥିପାଇଁ ଦେଖାଯାଏ ଯେଉଁ ବ୍ୟକ୍ତିକୁ ଭୂତ ବା ଡାଆଣି ଲାଗେ ସେ ଦୁଶ୍ଚରିତ୍ର, ମଦ୍ୟପ ଓ ଅସାଧୁ ପ୍ରକୃତିର ହୋଇଯାଏ ଏବଂ ସେ କଣ କରୁଛି ତା ସେ ଜାଣି ପାରେ ନାହିଁ । ତାର ବ୍ୟକ୍ତିତ୍ୱ, ବୁଦ୍ଧି, ଇଚ୍ଛାଶକ୍ତି, ଶରୀର ସବୁ ଉକ୍ତ **Spirit** ଦ୍ୱାରା ନିୟନ୍ତ୍ରିତ ହୋଇ ଥାଏ । ତେଣୁ ହିନ୍ଦୁମାନେ ମାଧ୍ୟମ ବ୍ୟକ୍ତି ବ୍ୟବସ୍ଥାକୁ ଏକ ନିକୃଷ୍ଟ ଧରଣର ପନ୍ଥା ବୋଲି ବର୍ଜନ କରନ୍ତି । ତା ଦ୍ୱାରା ମନୁଷ୍ୟ ନିଜର ଜନ୍ମକୁ ନିଜର ଉନ୍ନତିରେ ବ୍ୟବହାର ନ କରି ଅନ୍ୟ ଗୋଟିଏ [illegible]ଗୋକୁ ନିଜମଧ୍ୟରେ ପ୍ରବେଶ କରିବାର ସୁଯୋଗ ଦେଇ ନିଜର ସମୟ ନଷ୍ଟ କରେ । ତା ଦ୍ୱାରା କୌଣସି ଲାଭ ହୁଏ ନାହିଁ ବରଂ ମାଧ୍ୟମ ବ୍ୟକ୍ତି ଓ **Spirit** ଉଭୟେ ଅଶାନ୍ତି, ଦୁଃଖ କଷ୍ଟ ଭୋଗ କରନ୍ତି । ଆତ୍ମା ସୁଖ ନିଦ୍ରାରେ ବିଶ୍ରାମ ଗ୍ରହଣ କରିପାରେ ନାହିଁ ଓ ମାଧ୍ୟମ ବ୍ୟକ୍ତି ମଧ୍ୟ ନିଜର କର୍ମଫଳ, ବ୍ୟକ୍ତିତ୍ୱ, ବୁଦ୍ଧି, ବିବେକ ସବୁ ହରାଇ ନିଜର ବହୁ ମୂଲ୍ୟ ଗୋଟିଏ ଜନ୍ମକୁ ନଷ୍ଟ କରିଦିଏ ।

ଆମେ ବର୍ତ୍ତମାନ ଯାହା ଚିନ୍ତା କରୁଛୁ ବା ଯାହା କର୍ମ କରୁଛୁ ତା ଆମର ଭବିଷ୍ୟତର ଏକ ଫଳର ମଞ୍ଜି ସ୍ୱରୂପ । କେତେକ ଭଲ ଆତ୍ମା ତା ଜାଣିପାରି ଆମକୁ ଭବିଷ୍ୟତ ସମ୍ବନ୍ଧରେ ସତର୍କ କରାଇ ଦେଇ ପାରନ୍ତି । ମାତ୍ର ସେଥିପାଇଁ ମଧ୍ୟ କୌଣସି **Spirit**ର

ଆଶ୍ରୟ ନେବା ଅନୁଚିତ । ନିଜର ମନକୁ ନିୟନ୍ତ୍ରିତ କରି ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତ କରିପାରିଲେ ଆମେ ନିଜେ ସେ ସବୁ ଜାଣି ପାରିବୁ । ଏ ବିଦ୍ୟାକୁ Psychometry କୁହାଯାଏ । ପ୍ରକୃତ ପକ୍ଷରେ ମୃତବ୍ୟକ୍ତିମାନଙ୍କର ଆତ୍ମାମାନଙ୍କୁ ସୁଖରେ ବିଶ୍ରାମ ନେବାକୁ ସୁଯୋଗ ଦେବା ଆମର ଉଚିତ । ସେମାନଙ୍କୁ ବାରମ୍ବାର ଡାକି ବିବ୍ରତ କରିବା ଅନୁଚିତ । ବରଂ ସେମାନଙ୍କ ଉଦ୍ଦେଶ୍ୟରେ କୌଣସି ଶୁଭକର୍ମ କରିଯାଇ ପାରେ କିମ୍ବା କୌଣସି ଶୁଭଚିନ୍ତା ହୋଇପାରେ ତା ଦ୍ୱାରା ସେମାନଙ୍କର ମଙ୍ଗଳ ହୁଏ ।

ଆତ୍ମା ଏହି ଅର୍ଦ୍ଧ ନିଦ୍ରାରୁ ଉଠିବା ପରେ, ଯେଉଁମାନେ ନିଜର ମହାନ ଶକ୍ତି ସମ୍ବନ୍ଧରେ ଅନୁଭବ କରି ପାରନ୍ତି ସେମାନେ ନିଜ ଉପରୁ "ଜଡ଼"ର କ୍ଷୁଦ୍ରତ୍ୱକୁ ତ୍ୟାଗ କରି ଦିଅନ୍ତି । ଏହି ପାଶବିକ ଆଦିମ ପ୍ରବୃତ୍ତି ( ଯେ କି ଆତ୍ମାକୁ ସଂସାର ପ୍ରତି ଆସକ୍ତ କରାଏ )ର ପରଦା ଆତ୍ମାଠାରୁ ଅଲଗା ହୋଇ ଘୂରି ବୁଲନ୍ତି । ଏମାନଙ୍କୁ astral shell କୁହାଯାଏ ।

"This man has only two abodes, this and the next world,"

"Exhausting the results of whatever work he aid in this life, he returns from that world to this for fresh work."

"Thus does the man who desires transmigrates."

"The self is taintless. beyond the ( subtle ) either, birthless infinite and constant."

—Brihadaranyak
Upanishad.

ଏହା ମଧ୍ୟରେ ଆତ୍ମା ନ ଥାଏ, ଏହା କେବଳ ଗୋଟିଏ ଚିନ୍ତାଶକ୍ତି (thought form) ଏମାନେ ଭୂତ ପ୍ରେତ ରୂପରେ ପରିଚିତ ହୁଅନ୍ତି । କୌଣସି ମାଧ୍ୟମ ବ୍ୟକ୍ତି ଦେହରେ ଏ ଶକ୍ତି ପ୍ରବେଶ କଲେ ସେ ଅତ୍ୟନ୍ତ ଅଦ୍ଭୁତ ବ୍ୟବହାର କରେ ଓ ତାର ଆଦିମ ପ୍ରବୃତ୍ତି ଚରିତାର୍ଥ କରିବାର ବାସନା ବଢ଼ିଯାଏ । କୌଣସି ଦେହରେ ପ୍ରବେଶ ନ କରି ମଧ୍ୟ ଏ ଶକ୍ତି ନିଜକୁ ବିଭିନ୍ନ ଉପାୟରେ ପ୍ରକାଶ କରାଇ ଲୋକଙ୍କୁ ଭୟଭୀତ କରାଏ ।

ଏହାଛଡ଼ା ଅନ୍ୟ କେତେ ପ୍ରକାରର ଆଦିମ ଶକ୍ତି ଅଛନ୍ତି, ଯେଉଁଗୁଡ଼ିକ ପଶୁସ୍ତରରୁ କ୍ରମେ ମନୁଷ୍ୟ ସ୍ତରକୁ ଆସିବାର ଚେଷ୍ଟା କରୁଥାଅନ୍ତି । ଏହା ମଧ୍ୟରେ ଯଦିଓ ଆତ୍ମା ଥାଏ ତଥାପି ତା ଅତ୍ୟନ୍ତ ପ୍ରାଥମିକ (undeveloped) ଅବସ୍ଥାରେ ଥାଏ । ପରେ ମନୁଷ୍ୟ ଜନ୍ମ ଗ୍ରହଣ କରିବା ପରେ ସେମାନେ କ୍ରମେ କ୍ରମେ ନିଜକୁ ପରିମାର୍ଜିତ କରିଥାଆନ୍ତି । ଏଥିପାଇଁ ହୁଏତ ଶହ ଶହ ଜନ୍ମର ଆବଶ୍ୟକତା ହୋଇଥାଏ । ଏହିପରି ଜନ୍ମ ମୃତ୍ୟୁର ଅହରହ ଆବର୍ତ୍ତନ ମଧ୍ୟରେ ଆତ୍ମାଗୁଡ଼ିକ ନିଜ ଉପରୁ ଇଗୋ ଓ ଇଡ଼ର କୁହୁଡ଼ିକୁ ଦୂରକରି ବିଶ୍ୱଆତ୍ମାରେ ଲୀନ ହେବାର ଚେଷ୍ଟା କରନ୍ତି । ସେ ମିଳନ ପରେ ଜନ୍ମ ଓ ମୃତ୍ୟୁର ଆବଶ୍ୟକତା ଆଉ ରହେ ନାହିଁ । ଚତୁର୍ଥ ବସ୍ତୁତରେ ଆତ୍ମା 'ସଚ୍ଚିତ ଆନନ୍ଦ' ଲାଭ କରି ଚିରନ୍ତନ ଓ ଅପରିବର୍ତ୍ତନୀୟ ହୋଇଯାଏ । ସେଠାରେ ସ୍ଥାନ, କାଳ, ପାତ୍ରର କୌଣସି ମୂଲ୍ୟ ରହେ ନାହିଁ ।

# ଅଜ୍ଞାତ ମନସ୍ତତ୍ତ୍ୱ ବିଜ୍ଞାନ

ଆଧୁନିକ ଅଜ୍ଞାତ-ମନସ୍ତତ୍ତ୍ୱ ବିଜ୍ଞାନ (Para psychology) ମୃତ୍ୟୁ ପରେ ଆତ୍ମାର ସ୍ଥିତି ସମ୍ବନ୍ଧରେ ଗବେଷଣା କରି ଯାହା କିଛି ପ୍ରମାଣ ପାଇପାରିଛି ତା ଆତ୍ମାର ସ୍ଥିତିକୁ ସ୍ୱୀକାର କରିବା ନିମନ୍ତେ ଯଥେଷ୍ଟ । ଚିନ୍ତା ଶକ୍ତିର ବଦଳ (Tele pathy), ଅଜ୍ଞାତ ଓ ବହୁ ଦୂରର ଦୃଶ୍ୟକୁ ଦେଖିପାରିବା (Clair voyance) ଓ ମାଧ୍ୟମ-ବ୍ୟକ୍ତି ଅଦୃଶ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ହେବା (Mediumistic possession) ଉପରେ ଗମ୍ଭୀର ଗବେଷଣା ଏବେ ମଧ୍ୟ ଚାଲିଛି । ଏହି ଗବେଷଣାକୁ Psychical Research କୁହାଯାଉଛି ଓ ମନୁଷ୍ୟର ଚେତନ ମନର ବାହାରେ ସବୁ ପ୍ରକାର ଅଜ୍ଞାତ ଓ ଅସାଧାରଣ ଘଟଣାକୁ ଗବେଷଣା କରି ତାର କାରଣ ନିର୍ଣ୍ଣୟ କରିବା ଏ ପ୍ରକାର ଗବେଷଣାର ଉଦ୍ଦେଶ୍ୟ ।

ପ୍ରଥମେ ଇଂଲଣ୍ଡରେ ୧୮୮୨ ଖ୍ରୀଷ୍ଟାବ୍ଦରେ ଏ ଦିଗରେ ଗବେଷଣା କରିବା ନିମନ୍ତେ Society for psychical Research କ୍ୟାମ୍ବ୍ରିଜଠାରେ ଆରମ୍ଭ ହେଲା । କେତେକ ବିଶିଷ୍ଟ ବୈଜ୍ଞାନିକ ଓ ଦାର୍ଶନିକମାନେ ଏହା ଆରମ୍ଭ କରିଥିଲେ । ତା ପରେ ୧୮୮୪ ଖ୍ରୀଷ୍ଟାବ୍ଦରେ ଆମେରିକାରେ ମଧ୍ୟ ଏ ପ୍ରକାର ସୋସାଇଟି ଗଠିତ ହୋଇ ମନୁଷ୍ୟର ଅସାଧାରଣ ଓ ଅବଚେତନ ଶକ୍ତି ଉପରେ ଗବେଷଣା ଆରମ୍ଭ କରିଗଲା । ତାର କିଛିଦିନ ପରେ ଫ୍ରାନ୍ସରେ ( The Institute Metapsychique ) ନାମକ ଅନୁଷ୍ଠାନ ଏ ଦିଗରେ ଗବେଷଣା ଆରମ୍ଭ କଲେ ।

ମ୍ୟାଜିକ, ଗୁଣିଗାରେଡ଼ି, କାପାଳିକ ବିଦ୍ୟା, ଟେଲିପେଥି, ଭୂତ ଓ ଡାହାଣୀ ଲାଗିବା, ପ୍ଲାନ୍‌ଚେଟ୍ ଡାକିବା ଷଷ୍ଠ ଇନ୍ଦ୍ରିୟର ଶକ୍ତିଦ୍ୱାରା ଅସାଧାରଣ ବିଷୟସବୁ କହିବା ଓ କରିବା ଇତ୍ୟାଦି ଉପରେ ଗବେଷଣା କରିବା ଏ ବିଜ୍ଞାନର ଅନ୍ତର୍ଗତ । ଏ ସବୁକୁ ଅନ୍ଧବିଶ୍ୱାସ ଓ କୁସଂସ୍କାର କହି ଉଡ଼ାଇ ଦେଇ ହେବ ନାହିଁ । କାରଣ ଏ ସବୁ ସତ୍ୟ ! ସବୁ ସ୍ଥାନରେ ସବୁ ଦେଶରେ ଏ ସବୁ ଦେଖିବାକୁ ମିଳେ ଓ ଏ ପ୍ରକାର ଅସାଧାରଣ କାର୍ଯ୍ୟକୁ ଲୋକେ ଭୌତିକ କାଣ୍ଡ କହି-ଥାଆନ୍ତି । ଏ ସବୁର କାରଣ ନିର୍ଣ୍ଣୟ କରିପାରିଲେ ଆଧୁନିକ ମନସ୍ତତ୍ତ୍ୱ ବିଜ୍ଞାନରେ ଏକ ନୂତନ ଅଧ୍ୟାୟର ସୃଷ୍ଟି ହେବ, ଏହା ନିଶ୍ଚିନ୍ତ ।

ମନୁଷ୍ୟର ଷଷ୍ଠଶକ୍ତି (intuition) କପରି ମନୁଷ୍ୟକୁ ଭବିଷ୍ୟତ ସମ୍ବନ୍ଧରେ ସତର୍କ କରାଇଦିଏ ତାର ଦୁଇଟି ଉଦାହରଣ ମୁଁ ଏଠାରେ ଦେଉଛି । ମୋର ନିଜର ବ୍ୟକ୍ତିଗତ ଅଭିଜ୍ଞତା ମୁଁ ନାଗପୁରଠାରୁ ଖଡ଼ଗପୁର ଆସିବା ନିମନ୍ତେ ମେଲ ଟ୍ରେନରେ ୧୦ ଦିନ ପୂର୍ବରୁ ସ୍ଥାନ ରିଜର୍ଭ କରିଥାଏ । ହଠାତ୍ ମୁଁ ଦିନେ ସ୍ୱପ୍ନ ଦେଖିଲି ଯେ, ଏକ ଟ୍ରେନ ଦୁର୍ଘଟଣାରେ ମୁଁ ଆହତ ହୋଇପଡ଼ିଛି । ପରଦିନ ରାତିରେ ମଧ୍ୟ ଦେଖିଲି ଯେଉଁ ଟ୍ରେନରେ ମୁଁ ଯାଉଛି ସେ ଟ୍ରେନ ଦୁର୍ଘଟଣାର ସମ୍ମୁଖୀନ ହେଉଛି । ମୁଁ ଅବିଶ୍ୱାସ କଲି । ମାତ୍ର ଯିବାଦିନ ପୂର୍ବ ରାତିରେ ମଧ୍ୟ ପୁଣି ଥରେ ସେପରି ସ୍ୱପ୍ନ ଦେଖିଲି । ତଥାପି ଏ ସବୁକୁ ଅବିଶ୍ୱାସ କରି ସେଇ ଟ୍ରେନରେ ଗଲି । ଆଶ୍ଚର୍ଯ୍ୟର ବିଷୟ ନାଗପୁର ଷ୍ଟେସନରେ ଗାଡ଼ି ଅଟକି ରହିବା ସମୟରେହିଁ ଅନ୍ୟ ଗୋଟିଏ ଇଞ୍ଜିନର ଭୀଷଣ ଧକ୍‌କା ଫଳରେ ଯେଉଁ ଦୁର୍ଘଣା ଘଟିଲା ସେଥିରେ ୭୬ ଜଣ ଯାତ୍ରୀ ଆହତ ହେଲେ । ମୁଁ ମଧ୍ୟ ସାମାନ୍ୟ ଆଘାତପ୍ରାପ୍ତ ହୋଇ ରକ୍ଷା ପାଇଗଲି ।

ଅନ୍ୟ ଏକ ଘଟଣା । ମୋର ଜଣେ ବନ୍ଧୁ ପୁନାରେ ରହନ୍ତି । ତାଙ୍କର ସାନ ଭଉଣୀ ଗୁରୁତର ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇଥାଆନ୍ତି । ଟେଲିଗ୍ରାମ ପାଇ ମୋର ବନ୍ଧୁ ନାଗପୁରଠାରୁ ପୁନା ଯାତ୍ରା କଲେ । ସେ ଯିବାପରେ ସେଦିନ ରାତିରେ ମୁଁ ସ୍ୱପ୍ନ ଦେଖିଲି, ତାଙ୍କ ଭଉଣୀ ମରିଯାଇଛନ୍ତି । ମୋତେ ବିଶେଷ ଖରାପ ଲାଗୁଥାଏ । ପରଦିନ ଠିକ୍ ସେଇ ସ୍ୱପ୍ନ ଦେଖିଲି । ଅନ୍ୟାନ୍ୟ ବନ୍ଧୁମାନଙ୍କୁ ମଧ୍ୟ କହିଲି । ସେମାନେ ମୋ ଉପରେ ବିରକ୍ତ ହେଲେ । ଦୁଇଦିନ ପରେ ଟେଲିଗ୍ରାମ ଆସିଲା ମୋ ବନ୍ଧୁଙ୍କର ଭଉଣୀଙ୍କର ମୃତ୍ୟୁ ହୋଇଛି । ତେଣୁ ଏ ସବୁକୁ ହସି ଉଡ଼ାଇ ଦେଇ ହେବ ନାହିଁ । ଏହାର ମୂଳ କାରଣ ଖୋଜି ବାହାର କରିବାକୁ ପଡ଼ିବ । କିନ୍ତୁ ଚାର୍ବାକବାଦୀ ବା ଯେଉଁମାନେ କେବଳ ନିଜର ଶରୀରର ପଞ୍ଚଇନ୍ଦ୍ରିୟ ଉପରେ ବିଶ୍ୱାସ କରି ପୁନର୍ଜନ୍ମକୁ ଅବିଶ୍ୱାସ କରନ୍ତି, ସେମାନେ ଏହା କରି ପାରିବେ ନାହିଁ ! ଅଜ୍ଞାତକୁ ଜାଣିବାର ପ୍ରବଳ ଇଚ୍ଛା; ଅହରହ ନିଜର ଅସୀମ ଶକ୍ତି ଉପରେ ବିଶ୍ୱାସ ଓ ଆତ୍ମ ପରୋଚନା ( Auto suggestion ) ଦ୍ୱାରା ମନୁଷ୍ୟର ଷଷ୍ଠଶକ୍ତି ଜାଗ୍ରତ ହୋଇଥାଏ ।

ଏଇ ଅଜ୍ଞାତର ସନ୍ଧାନରେ ଆମର ପ୍ରାଚୀନତମ ବେଦ,ବେଦାନ୍ତ ଓ ଉପନିଷଦରେ ଯାହା ଶହଶହ ମୁନି ଋଷି ଓ ଜ୍ଞାନୀମାନଙ୍କ ଦ୍ୱାରା ଗବେଷଣା କରାହୋଇ ଲିପିବଦ୍ଧ ହୋଇଛି ତାକୁ ଆଜିର ମନସ୍ତତ୍ତ୍ୱ ବିଜ୍ଞାନ କ୍ରମେ କ୍ରମେ ବିଶ୍ୱାସ କରିବାକୁ ଆରମ୍ଭ କଲାଣି । ସେ ଗୁଡ଼ିକ ଯେ ଅତ୍ୟନ୍ତ ବିଜ୍ଞାନ ସମ୍ମତ ଓ ଯୁକ୍ତିଯୁକ୍ତ ଏ କଥା ମଧ୍ୟ ସ୍ୱୀକାର କଲେଣି । ତେଣୁ ଯେଉଁମାନେ ନିଜର ସୀମିତ ଜ୍ଞାନ ଦ୍ୱାରା ପରିଚାଳିତ ହୋଇ ଅନୁସନ୍ଧିତ୍ସା ପ୍ରବୃତ୍ତି ହରାଇ କୂପମଣ୍ଡୁକ ଭଳି ନିଜର ଜ୍ଞାନକୁ

ଶ୍ରେଷ୍ଠ ବୋଲି ଗର୍ବ କରନ୍ତି, ସେମାନେ ଜାଣିବା ଉଚିତ ଯେ ଜ୍ଞାନ ହେଉଛି ଅଗାଧ ମହାସମୁଦ୍ର । ଯେତେ ବେଶୀ ମନୁଷ୍ୟ ଜ୍ଞାନୀ ହୁଏ ସେ ଜାଣେ ଯେ ଜ୍ଞାନ ସମୁଦ୍ର କିପରି ଅସରନ୍ତି, ଅମାପ ଓ ଅକଳନୀୟ । ମାତ୍ର କୂପମଣ୍ଡୁକମାନେ କେତୋଟି ବହିପତ୍ର, ଗୋଟିଏ ବିଶ୍ୱବିଦ୍ୟାଳୟର ଡିଗ୍ରୀ ହାସଲ କରି ଭାବନ୍ତି ଯେ ସେମାନେ ସବୁ ଜ୍ଞାନ ଆହରଣ କରି ସାରିଲେଣି ।

ଆତ୍ମାର ସ୍ଥିତି ଓ ମୃତ୍ୟୁପରେ ଜୀବନର ନୂତନ ଅଧ୍ୟାୟକୁ କେତେକ ବ୍ୟକ୍ତି ଅବିଶ୍ୱାସ କରନ୍ତି ବୋଲି ଯେ 'ସତ୍ୟ'ଟା ମିଥ୍ୟା ହୋଇଯିବ ତା ନୁହେଁ । ଯେଉଁମାନେ ବିଶ୍ୱ ବ୍ରହ୍ମାଣ୍ଡର ସନାତନ ଗୁଣ ଜାଣନ୍ତି ସେମାନେ ନିଜ ସମ୍ବନ୍ଧରେ ଅଯଥା ଗର୍ବ କରନ୍ତି ନାହିଁ । ଯେଉଁ ଆତ୍ମାର ଆରମ୍ଭ ନାହିଁ ତାର ଶେଷ କିପରି ହେବ ? ଗୋଟିଏ ବୃତ୍ତର ଆରମ୍ଭ ଓ ଶେଷ ଅଛି କି ? ସେହିପରି ଆବର୍ତ୍ତନ ଓ ବିବର୍ତ୍ତନର ଚକ୍ର ମଧ୍ୟରେ ଆତ୍ମା ନିଜ ଉପରୁ ଇଗୋ ଓ ଇଚ୍ଛାର କୁହୁଡ଼ିକୁ କ୍ରମେ କ୍ରମେ ତ୍ୟାଗ କରି ଶେଷରେ ବିଶ୍ୱ ଆତ୍ମାରେ ଲୀନ ହୋଇଯାଏ । ସାଧାରଣ ଲୋକମାନଙ୍କର ପ୍ରକୃତି ଯେ, ଯେଉଁ ବିଷୟ ସେମାନେ ସାଧାରଣତଃ ଦେଖି ପାରନ୍ତି ନାହିଁ ବା ଜାଣିପାରନ୍ତି ନାହିଁ ସେ ସବୁକୁ ଅବିଶ୍ୱାସ କରନ୍ତି । ତେଣୁ ସେମାନଙ୍କ ଅବିଶ୍ୱାସ ବା ବିଶ୍ୱାସ ଉପରେ ଦୁନିଆର ଓ ଆତ୍ମାର ସ୍ଥିତି ନିର୍ଭର କରେ ନାହିଁ ।

ଆତ୍ମା ନିଜର ଇଚ୍ଛା ଅନୁଯାୟୀ ବିଭିନ୍ନ ପ୍ରକାର ତରଙ୍ଗର ସ୍ତରରେ ବାସ କରିଥାଏ । ଯାହାର ଯେଉଁ ପ୍ରକାର ଇଚ୍ଛା ଓ ଆକାଂକ୍ଷା ରହିଥାଏ ସେ ସେଇ ପ୍ରକାର ସ୍ତରରେ ଘୁରିବୁଲେ । ସ୍ୱର୍ଗ ବା ନର୍କର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନାହିଁ । ଯେଉଁ ବ୍ୟକ୍ତି ଯେତେ ଭାବରେ ସୁଖ ପାଏ ସେଇ ପ୍ରକାର ଅନୁଭୂତି ମଧ୍ୟରେ ରହିଲେ ସେ ସ୍ୱର୍ଗସୁଖ

ପାଇଲା ବୋଲି ଭାବଥାଏ । ଦୁଃଖ କଷ୍ଟପୂର୍ଣ୍ଣ ଅନୁଭୂତି ମଧ୍ୟରେ ରହିଲେ ନର୍କରେ ରହୁଛି ବୋଲି ଭାବଥାଏ । ତେଣୁ ଆମର ଆକାଂକ୍ଷା ଓ ଆଶା ଅନୁଯାୟୀ ଆମେ ନିଜର ସ୍ୱର୍ଗ ବା ନରକ ନିର୍ମିତ କରୁ ଯେପରି ଗୋଟିଏ ଏଣ୍ଡି ପୋକ ନିଜର ପାଟିର ଲାଳରେ ନିଜ ଉପରେ ଗୋଟିଏ କୋଷା ନିର୍ମାଣ କରି ତା ମଧ୍ୟରେ ବନ୍ଦୀ ହୋଇ ରହେ ।

ସବୁ ସମୟରେ ଗୋଟିଏ ପ୍ରକାର ଅନୁଭୂତି ମଧ୍ୟରେ ରହିବାକୁ କେହି ଭଲ ପାଆନ୍ତି ନାହିଁ । ଆମେ ଯାହାକୁ ସୁଖ ବା ଆନନ୍ଦ ଦାୟକ ଅନୁଭୂତି ବୋଲି ଭାବୁ ତା ମଧ୍ୟରେ ବେଶୀଦିନ ରହିଲେ ଆମକୁ ନିଶ୍ଚୟ ବିରକ୍ତ ଲାଗିବ । ତୁଳନାତ୍ମକ ଅନୁଭୂତି ନ ପାଇଲେ ସୁଖ ବା ଦୁଃଖର କୌଣସି ମୂଲ୍ୟ ନାହିଁ । ଠିକ୍ ଜୀବନ ଭଳି ଏ ପ୍ରକାର ସ୍ୱର୍ଗ ବା ନରକବାସ ମଧ୍ୟ କ୍ଷଣସ୍ଥାୟୀ । କିଛିଦିନ ସ୍ୱର୍ଗ ସୁଖ ବା ନରକ-କଷ୍ଟ ଭୋଗ କଲା ପରେ କେତେକ ଆତ୍ମା ପୁନଶ୍ଚ ଜନ୍ମ ଗ୍ରହଣ କରିବାକୁ ପୃଥିବୀ ପ୍ରତି ଆକୃଷ୍ଟ ହୋଇଥାନ୍ତି । ଅନ୍ୟ କେତେକ ଆତ୍ମା ଅନ୍ୟ ଏକ ପ୍ରକାର ଦୁନିଆରେ ପୁଣି ବିଶ୍ରାମ ଗ୍ରହଣ କରିଥାଆନ୍ତି ।

**After waking from the state of slumber the souls enter into the astral plane. Those are the plane which we call heavens, where we have fulfilment of our desires, our thoughts our deeds. They are like a dreamland, and there the soul remains and enjoys those pleasures because it wanted them. It is the plane for the fulfilment of our thoughts and desires. After a while when those**

desires are fulfilled the souls get tired of that condisions. Then the soul wants change; it gets out of those conditions.

—Vedanta—

କେତେକ ଆତ୍ମା ନିଜର ଆଶା-ଆକାଂକ୍ଷାର ସୂକ୍ଷ୍ମ ପରିପୂରଣ ଅନ୍ୟ ଏକପ୍ରକାର ତରଙ୍ଗର ସ୍ଥିତି ମଧ୍ୟରେ ଗୃହାନ୍ତି । ସେମାନେ ସେ ପ୍ରକାର ତରଙ୍ଗରେ ପୁଣି କେତେଦିନ ରହନ୍ତି । ଏ ସମସ୍ତର କୌଣସି ନିର୍ଦ୍ଦିଷ୍ଟତା ନାହିଁ । କେତେକ ଆତ୍ମା ମୃତ୍ୟୁର ବର୍ଷେ ପରେ ମଧ୍ୟ ପୁନଶ୍ଚ ଜନ୍ମ ଗ୍ରହଣ କରିଥାନ୍ତି ଓ ଅନ୍ୟ କେତେକ ଆତ୍ମା ମୃତ୍ୟୁର ଶହ-ଶହ ବର୍ଷ ପରେ ପୁଣି ଜନ୍ମଗ୍ରହଣ କରନ୍ତି । ଜନ୍ମ ପୂର୍ବରୁ ସନ୍ତାନ ଯେପରି ମାତୃଗର୍ଭରେ ଶୋଇଥାଏ, ମୃତ୍ୟୁପରେ ଆତ୍ମା ମଧ୍ୟ ସେପରି ଦୀର୍ଘ ବିଶ୍ରାମ ଗ୍ରହଣ କରେ । ତାପରେ ବିଭିନ୍ନ ପ୍ରକାର ତରଙ୍ଗର ସ୍ତରରେ ଗତି କରି କରି ପୁନଶ୍ଚ ଜନ୍ମଗ୍ରହଣ କରିବା ପୂର୍ବରୁ ଆଉ ଥରେ ଦୀର୍ଘ ବିଶ୍ରାମ ଗ୍ରହଣ କରେ । ତାପରେ ଉପଯୁକ୍ତ ପରିସ୍ଥିତି ମଧ୍ୟରେ ସେ ଜନ୍ମ ଗ୍ରହଣ କରିଥାଏ ।

ଶ୍ରୀକୃଷ୍ଣ ଗୀତାରେ ଅର୍ଜ୍ଜୁନଙ୍କୁ କହିଛନ୍ତି, "ହେ ଅର୍ଜ୍ଜୁନ, ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଶ୍ରେଷ୍ଠ ସ୍ୱର୍ଗଠାରୁ ଆରମ୍ଭ କରି ମର୍ତ୍ତ୍ୟର ନୀଚତମ ସ୍ତର ପର୍ଯ୍ୟନ୍ତ କୌଣସିଟି ଚିରନ୍ତନ ନୁହେଁ । ସେଠାରେ କେହି ଚିରଦିନ ରହିପାରିବା ସମ୍ଭବ ନୁହେଁ ।" ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ନରକ ସବୁ ଅସ୍ଥାୟୀ । ଆମେ ଯେତେବେଳେ କୌଣସି ପଦାର୍ଥ ପାଇବା ନିମନ୍ତେ ଅତ୍ୟନ୍ତ ଆଶାନ୍ୱିତ ହେଉ, ବ୍ୟାକୁଳ ହେଉ, ମାତ୍ର ପାଇନପାରି ଦୁଃଖ, ଅଶାନ୍ତି ଭୋଗ କରୁ, ତାହାହିଁ ହେଉଛି ନର୍କ-ଭୋଗ । (When we desire a thing and can not get it,

**that is hell. That state we may go through on account of strong attachnent)** ଯେଉଁ ବ୍ୟକ୍ତି ଅତ୍ୟନ୍ତ ଅର୍ଥଲୋଭୀ, ମୃତ୍ୟୁପରେ ସେ କେବଳ ଅର୍ଥ କାମନା ପାଇଁ ହେବ ମାତ୍ର ପ୍ରକୃତରେ ଅର୍ଥ ପାଇ ନ ପାରି ଯେଉଁ ଅଶାନ୍ତି ଓ କଷ୍ଟ ପାଇବ ତାହାହିଁ ନର୍କଭୋଗ । ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଆମେ ନିଜର ଆଶାଆକାଙ୍କ୍ଷା ଓ ଇଚ୍ଛାଶକ୍ତି ଦ୍ୱାରା ନିଜର ଭବିଷ୍ୟତର ଭାଗ୍ୟ, ସୁଖ ଦୁଃଖ ଗଠନ କରୁ ।

ଏଇ କର୍ମଫଳର ନିୟମରେ ସାରା ବିଶ୍ୱ ପରିଚାଳିତ । ଏ ଆଇନ ବିଧବାର କ୍ରନ୍ଦନ ବା ପିତୃମାତୃହୀନ ଶିଶୁର ଆକୁଳ ଚିତ୍କାର ପ୍ରତି ଭ୍ରୂକ୍ଷେପ କରେ ନାହିଁ । ପ୍ରତିକାର୍ଯ୍ୟ (Action)ର ସମଶକ୍ତି ସମ୍ପନ୍ନ ପ୍ରତିକ୍ରିୟା (Reaction) ନିଶ୍ଚିତ ହେବ । ମନୁଷ୍ୟ ଯାହା କିଛି କର୍ମ କରିଥାଏ ତାର ପ୍ରତିଫଳ ଏ ଦୁନିଆଁରେ ହେଉ ବା ଅନ୍ୟ କୌଣସି ଦୁନିଆଁରେ ହେଉ ନିଶ୍ଚିତ ଭୋଗ କରିବ । ଏଇ କର୍ମଫଳର ଚକ୍ରରୁ ନିସ୍ତାର ଏକମାତ୍ର ପନ୍ଥା ହେଉଛି କର୍ମଯୋଗ । କର୍ମଯୋଗରେ ଫଳ ପ୍ରତି ଆଶା ନ ରଖି ଯେଉଁ ନିଃସ୍ୱାର୍ଥ କର୍ମ କରାଯାଏ ତା'ର କୌଣସି ପ୍ରଭାବ ଚିତ୍ତ ଉପରେ ରହେ ନାହିଁ । ତେଣୁ ତା ଭବିଷ୍ୟତର କୌଣସି ପ୍ରତିକ୍ରିୟାର କାରଣ ରୂପେ ରହିପାରେ ନାହିଁ ।

ସେଥିପାଇଁ ଗୀତାର ପ୍ରଧାନ ଶିକ୍ଷା ହେଉଛି; କର୍ମକର ମାତ୍ର ନିଃସ୍ୱାର୍ଥ ଭାବରେ ଫଳ ପ୍ରତି ଆଶା ନ ରଖି । କର୍ମକର **(To workthouhast the right, but never to the fruits Bhagbat Gita—)** ତେବେ ମନୁଷ୍ୟ ଜୀବନରେ ଅଶାନ୍ତିର କୌଣସି କାରଣ ରହିବ ନାହିଁ । ସଂସାରୀମାନଙ୍କ ପକ୍ଷରେ କର୍ମଯୋଗ ହେଉଛି ସବୁଯୋଗ ମଧ୍ୟରେ ଅଧିକ ଉପଯୁକ୍ତ । ଯେ ନୀରବ ନିଷ୍କ୍ରିୟତା ମଧ୍ୟରେ

ଅହରହ କର୍ମ ଦେଖିପାରେ ଓ ଅହରହ କର୍ମ ମଧ୍ୟରେ ନୀରବ ନିଶ୍ଚଳତା ଦେଖିପାରେ ଏବଂ ଯେ କର୍ମ ସହିତ ନିଜକୁ ଆସକ୍ତ (identified) କରିଦିଏ ନାହିଁ, ସେ ହେଉଛି ପ୍ରକୃତ କର୍ମଯୋଗୀ ।

ପ୍ରକୃତ ମନୁଷ୍ୟ ଜୀବନରେ ଏପରି ଏକ ସମୟ ଆସେ ଯେତେବେଳେ ସେ ଅଜ୍ଞାତକୁ ଜାଣିବା ନିମନ୍ତେ ଆଗ୍ରହୀ ହୁଏ । ସବୁପ୍ରକାର ଇନ୍ଦ୍ରିୟ ଭୋଗ ଓ ବାସନା ତୃପ୍ତି ହେବାପରେ ସେ ଜୀବନର ଉଦ୍ଦେଶ୍ୟ ଜାଣିବା ନିମନ୍ତେ ବ୍ୟାକୁଳ ହୁଏ । ଅନ୍ୟ କେତେକ କ୍ଷେତ୍ରରେ ଦୁନିଆଁରେ ପ୍ରବଳ ଆଘାତ ପାଇ ମନୁଷ୍ୟ ମାୟା-ମୋହ ପୂର୍ଣ୍ଣ ଦୁନିଆଁ ପ୍ରତି ବିରାଗଭାବ ପୋଷଣ କରେ । ତା ପରେ ସେ ଆତ୍ମା ନିରୀକ୍ଷଣ କରି ସୃଷ୍ଟିର ରହସ୍ୟ ଜାଣିବାକୁ ବ୍ୟାକୁଳ ହୁଏ । ତାର ସମସ୍ତ ଅତୀତର ଅଭିଜ୍ଞତା ତାକୁ ଏକ ଦୀର୍ଘ ସ୍ୱପ୍ନ ଭଳି ଜଣାଯାଏ ଓ ସେଇ ସମସ୍ତ ଅତୀତର ଅଭିଜ୍ଞତାକୁ ନେଇ ସେ ଅଜ୍ଞାତର ସନ୍ଧାନ ପଥରେ ଆଗେଇ ଯାଏ । ତେଣୁ ଜୀବନରେ ଭୀଷଣ ଧକ୍କା ନ ଖାଇବା ପର୍ଯ୍ୟନ୍ତ ଓ ସମସ୍ତ ବାସନା ପୂରଣ ନ ହେବା ପର୍ଯ୍ୟନ୍ତ ମନୁଷ୍ୟର ଧର୍ମଭାବ ଜାଗ୍ରତ ହୁଏ ନାହିଁ ।

ହିନ୍ଦୁଧର୍ମ ଅନୁଯାୟୀ କୌଣସିଠି ଆତ୍ମା ନଷ୍ଟ ହୁଏ ନାହିଁ ବା ମନୁଷ୍ୟର କୌଣସିଠି କାର୍ଯ୍ୟ ଅଯଥା ହୁଏନାହିଁ । ମୃତ୍ୟୁ କେବଳ ଏକ ସାମୟିକ ପରିବର୍ତ୍ତନ ଓ ତା ଆମର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ । ସେଥି-ସେଥିପାଇଁ ଭଗବତ ଗୀତାରେ ଉଲ୍ଲେଖ ଅଛି, "ଦେହିନୋଽସ୍ମିନ ଯଥା ଦେହେ କୌମାରଂ ଯୌବନଂ ଜରା, ତଥା ଦେହାନ୍ତର ପ୍ରାପ୍ତି..." ଅର୍ଥାତ ଆମେ ଯେପରି ଆମର ଶିଶୁ ଦେହ ଓ ଯୌବନ ପ୍ରାପ୍ତ ଶରୀରର ମୃତ୍ୟୁ (ପରିବର୍ତ୍ତନ) ପରେ ମଧ୍ୟ ନିଜର ସ୍ମୃତି ଓ ନିଜତ୍ୱକୁ ବଜାୟ ରଖୁ ସେହିପରି ଜରା ଶରୀରର ମୃତ୍ୟୁ ପରେ ମଧ୍ୟ

ନିଜର ନିଜତ୍ୱକୁ ବଜାୟ ରଖୁ । ପ୍ରତି ମୁହୂର୍ତ୍ତରେ ଆମ ଶରୀରର ପରିବର୍ତ୍ତନ ବା ମୃତ୍ୟୁ ଘଟୁଛି, ମାତ୍ର ତା ସତ୍ତ୍ୱେ ମଧ୍ୟ ଯେଉଁ ଶକ୍ତିଦ୍ୱାରା ଆମେ ନିଜର ନିଜତ୍ୱକୁ ବଜାୟ ରଖୁଛୁ ତାହାହିଁ ହେଉଛି ଆମର ଆତ୍ମା ( Individual soul ) । ଅବିରତ ପରିବର୍ତ୍ତନ ମଧ୍ୟରେ ଯାହା ଅପରିବର୍ତ୍ତନୀୟ ତାହାହିଁ ଆତ୍ମା । ଏହା ଚିର ପବିତ୍ର, ଅସୀମ ଓ ସେହି ବିଶ୍ୱଶକ୍ତିର ଏକ ଅଂଶ ବିଶେଷ । ଏହା ଉପରେ ଥିବା ଇଗୋ ଓ ଇଡ୍‌ର ଆବରଣ ମନୁଷ୍ୟର ସମସ୍ତ କର୍ମଫଳର ଭଣ୍ଡାର ଓ ଇଚ୍ଛା ଆଶା ଆକାଂକ୍ଷାର ଆଧାର । ଆତ୍ମା କେବଳ ନିରପେକ୍ଷ ନୀରବ ଦର୍ଶକ । ଆତ୍ମାର ଜୀବନୀ ଶକ୍ତିରେ ଏମାନେ ପରିଚାଳିତ ।

ତେଣୁ ହିନ୍ଦୁ ଧର୍ମର ପ୍ରାଚୀନତମ ଓ ଶ୍ରେଷ୍ଠ ଗ୍ରନ୍ଥ ବେଦ ବେଦାନ୍ତ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରେ, ମନୁଷ୍ୟର ପୂର୍ବଜନ୍ମ ଥିଲା ଏବଂ ପରଜନ୍ମ ଅଛି । ଏହି ଆବର୍ତ୍ତନ ଓ ବିବର୍ତ୍ତନର ଚକ୍ର (Evolution)ରେ ମନୁଷ୍ୟ କ୍ରମେ କ୍ରମେ ନିଜକୁ ପରିମାର୍ଜିତ କରି ଶେଷରେ ଯେତେବେଳେ ଉଚ୍ଚତମ ସୋପାନରେ ପହଞ୍ଚେ ସେତେବେଳେ ସେ ବିଶ୍ୱଆତ୍ମାରେ ଲୀନ ହୋଇଯାଏ । ତା ପରେ ଆଉ ଜନ୍ମଗ୍ରହଣ କରିବା ଆବଶ୍ୟକ ହୁଏ ନାହିଁ ।

( ଯେଉଁମାନେ ଏ ସମ୍ବନ୍ଧରେ ଅଧିକ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ଗୀତା ଓ ବେଦାନ୍ତ ପାଠ କରିପାରନ୍ତି । ଯେଉଁମାନେ ଧର୍ମ ଗ୍ରନ୍ଥରେ ବିଶ୍ୱାସ କରନ୍ତି ନାହିଁ ସେମାନେ ଅଜ୍ଞାନ୍ତ-ମନସ୍ତତ୍ତ୍ୱ ବିଜ୍ଞାନ ( Parapsychology ) ଓ ଆଧ୍ୟାତ୍ମ ବିଜ୍ଞାନ ( Metaphysics ) ସମ୍ବନ୍ଧୀୟ ପୁସ୍ତକ ସବୁ ପଢ଼ିପାରନ୍ତି । )